

ମେସିଙ୍କ ଡବଲ ଗୋଲ୍

▶ ଖେଳ ପୃଷ୍ଠା ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-44 ♦FRIDAY ♦7 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୪୪ ♦ଶୁକ୍ରବାର ♦୭ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଦୁଷ୍କର୍ମ ମାମଲା


## ତେହେଲକା ସଂସ୍ଥାପକ ତରୁଣ ତେଜପାଲଙ୍କୁ ୧୦ ବର୍ଷ ଜେଲ୍



■ ପାଣାଜୀ, ୬।୮(ଏଜେନ୍ସି): ୨୦୧୩ ମସିହାର ବହୁଚର୍ଚ୍ଚିତ ଯୌନ ନିର୍ଯାତନା ମାମଲାରେ 'ତେହେଲକା'ର ପ୍ରତିଷ୍ଠାତା ତରୁଣ ତେଜପାଲଙ୍କୁ ବମ୍ବେ ହାଇକୋର୍ଟ ଆଜି ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୧ ମସିହାରେ ନିମ୍ନ ଅଦାଲତ ଦେଇଥିବା 'ନିର୍ଦ୍ଦୋଷରେ ଖଲାସ' ରାୟକୁ ରଦ୍ଦ କରି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇବା ସହ ତେଜପାଲଙ୍କୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଗୋଆ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଡକ୍ଟର ନୀଲା ଗୋଖଲେ ଏବଂ ଅମିତ ଜାମସନ୍ଦେକରଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଜପାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କ୍ଷମତା ଓ ବିଶ୍ୱାସର ଅପବ୍ୟବହାର କରି ଦୁଷ୍କର୍ମ କରିବା (ଧାରା ୩୭୬(୨)(ଫ)) ଏବଂ ଅନ୍ୟାନ୍ୟ ଯୌନ ନିର୍ଯାତନା ଧାରାରେ ତାଙ୍କୁ ୧୦ ବର୍ଷର କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କାର ଜରିମାନା ଆଦାୟ ପାଇଁ ଆଦେଶ ଦିଆଯାଇଛି। ସମସ୍ତ ସଜା ଏକ ସମୟରେ ଚାଲିବାକୁ ଥିବାରୁ ତେଜପାଲଙ୍କୁ ମୋଟ ୧୦ ବର୍ଷ ଜେଲରେ ବିତାଇବାକୁ ପଡ଼ିବ।

ଏହି ମାମଲା ୨୦୧୩ ମସିହା ନଭେମ୍ବର ମାସର। ଗୋଆର ଏକ ପଞ୍ଚତାରକା ହୋଟେଲରେ 'ତେହେଲକା' ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମ ସମୟରେ ତେଜପାଲ ଲିଫ୍ଟ ଭିତରେ ନିଜର ଜଣେ ସହକର୍ମୀ ଯୁବତୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ▶ପୃଷ୍ଠା-୭

## ଆଶାରାମ ବାପୁଙ୍କ ଜାମିନ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ



■ ନୂଆଦିଲ୍ଲୀ, ୬।୮(ଏଜେନ୍ସି): ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଶାରାମଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରିଦେଇଛନ୍ତି। ତେବେ ଡାକ୍ତରୀ ରିପୋର୍ଟ ଆଧାରରେ ଜେଲ୍ ଭିତରେ ତାଙ୍କର ଯତ୍ନ ନେବାପାଇଁ ୨୪ ଘଣ୍ଟିଆ ପ୍ରଶିକ୍ଷିତ କେୟାରଟେକର ରଖିବାକୁ ଅଦାଲତ ଅନୁମତି ଦେଇଛନ୍ତି। ବିଚାରପତି ଏମଏମ ସୁନ୍ଦରେଶ ଏବଂ ବିଚାରପତି ପିବି ଭରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ର ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟକୁ ଆଧାର କରି ଏହି ଆଦେଶ ଦେଇଛନ୍ତି। ଏମ୍ସ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଆଶାରାମଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ, ମାତ୍ର ଚିକିତ୍ସା ସହାୟତାର ଆବଶ୍ୟକତା ରହିଛି। ୨୦୧୩ ମସିହାରେ ଯୋଧପୁର ଆଶ୍ରମରେ ଜଣେ ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ରାଜସ୍ଥାନ ହାଇକୋର୍ଟ ଏହି ଦଣ୍ଡାଦେଶକୁ କାୟମ ରଖିବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଜାମିନ ମାଗିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଭବିଷ୍ୟତରେ ଆଶାରାମଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଏ, ତେବେ ସେ ପୁଣି ଥରେ ଜାମିନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ।

## ବିକ୍ରି ହେଲା ଏଲ୍ଆଇସି ଅଂଶଧନ

### ୩୧,୫୫୨ କୋଟି ଟଙ୍କା ରାଜସ୍ୱ ସଂଗ୍ରହ

■ ନୂଆଦିଲ୍ଲୀ,୬।୮(ଏଜେନ୍ସି): ବିକ୍ରି ହୋଇଛି ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ଅଂଶଧନ। ଅଫର ଫର୍ ସେଲ୍ (ଓଏଫ୍ଏସ୍) ଜରିଆରେ ବୀମା କମ୍ପାନୀର ୬.୫% ଅଂଶଧନ ବିକ୍ରି କରିଛନ୍ତି କେନ୍ଦ୍ର ସରକାର। ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ ଏଲ୍ଆଇସିରେ ସରକାରଙ୍କର




୯୬.୫% ଅଂଶଧନ ରହିଥିଲା, ଯେତେବେଳେ କି ସର୍ବସାଧାରଣଙ୍କର କେବଳ ୩.୫% ଅଂଶଧନ ଥିଲା। ଓଏଫ୍ଏସ୍ରେ ୩୧,୫୫୨ କୋଟି ଟଙ୍କା ମୂଲ୍ୟର ମୋଟ ୮୨ କୋଟିରୁ ଅଧିକ ସେୟାର ଆବଣ୍ଟିତ କରାଯାଇଥିଲା। ତେବେ ଏଲ୍ଆଇସିରେ ଥିବା ସରକାରଙ୍କ ଅଂଶଧନକୁ ବଡ଼ ରିଆତି ମୂଲ୍ୟରେ ବିକ୍ରି କରାଯାଇଥିବା ଜଣାପଡିଛି। ବିକ୍ରି ପାଇଁ ସରକାର ଆଣିଥିବା ଏହି ଅଫର ଫର୍ ସେଲ୍କୁ ବମ୍ପର ସବସ୍କ୍ରିପସନ ମିଳିଛି। ହେଲେ ଅଂଶଧନ ବିକ୍ରି ପରେ ଏଲ୍ଆଇସିର ସେୟାର ମୂଲ୍ୟରେ ୯% ହ୍ରାସ ଘଟିଛି।

ଅଫର ଫର୍ ସେଲ୍ରେ ଏଲ୍ଆଇସିର ସେୟାର ପିଛା ମୂଲ୍ୟ ୩୮୨ ଟଙ୍କା ଧାର୍ଯ୍ୟ କରାଯାଇଥିଲା,ଯେତେବେଳେ କି ଓଏଫ୍ଏସ୍ ଘୋଷଣା ପୂର୍ବରୁ ଏହାର ସେୟାର ପିଛା ମୂଲ୍ୟ ୪୨୮.୫୦ ଟଙ୍କା ରହିଥିଲା। ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ, ସରକାର ଏଲ୍ଆଇସିର ଅଂଶଧନକୁ ୧୦.୯% କମ୍ ମୂଲ୍ୟରେ ବିକ୍ରି କରିଛନ୍ତି। ଏହି ସେଲ୍ ଜରିଆରେ ସରକାରଙ୍କୁ ୩୧,୫୫୨ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ମିଳିଛି। ଏଲ୍ଆଇସି ଅଂଶଧନ ବିକ୍ରି ପାଇଁ ପ୍ରସ୍ତାବିତ ଓଏଫ୍ଏସ୍ ଦୁଇ ଦିନ ମଧ୍ୟରେ ସମାପ୍ତ ହୋଇଛି। ପ୍ରାରମ୍ଭରେ କମ୍ପାନୀର ୨.୫% ଅଂଶଧନ ବିକ୍ରି ଯୋଜନା ରଖାଯାଇଥିବାବେଳେ ପରେ ଏହାକୁ ୬.୫% ଯାଏ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଯେ, ଶେଷ ପର୍ଯ୍ୟନ୍ତ ସରକାର ଏଲ୍ଆଇସିରୁ କେତେକ ପ୍ରତିଶତ ଅଂଶଧନ ବିକ୍ରି କରିବେ ତାହାକୁ ସାର୍ବଜନୀନ କରି ▶ପୃଷ୍ଠା-୭

## ଏଫ୍ସିଆର୍ଏକୁ ନେଇ ମେଣ୍ଟରେ ଅସହମତି

## ଅକଳରେ କେନ୍ଦ୍ର ସରକାର

■ ନୂଆଦିଲ୍ଲୀ, ୬।୮(ଏଜେନ୍ସି): କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା ଏବଂ ରାମ ମନ୍ଦିର ଚାନ୍ଦା ।।ଚୋରି ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀ ଦଳ ହଟ୍ଟଗୋଳ ଅବ୍ୟାହତ ରଖିଥିବା ବେଳେ ସରକାର ।।ପ୍ରଶ୍ନପତ୍ର ଲିକ୍, ବନ୍ଦେ ମାତରମ ଏବଂ ସୁପ୍ରିମ କୋର୍ଟରେ ବିଚାରପତି ସଂଖ୍ୟା ବୃଦ୍ଧି ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଇ ।।ନେଇଛନ୍ତି। ଏହାସହିତ ସରକାର ଆଉ ଦୁଇଟି ବିଲ୍ ପାସ୍ କରାଇବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି। ଏହି ଦୁଇଟି ବିଲ ହେଲା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ-ମହିଳା ଆରକ୍ଷଣ ବିଲ୍ ଏବଂ ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ (ଏଫ୍ସିଆରଏ) ୨୦୨୬। ଯେଉଁ ଦଳ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ସପକ୍ଷରେ ଅଛନ୍ତି ସେମାନେ ଏଫ୍ସିଆରଏ ବିଲକୁ ଦୃଢ଼ ବିରୋଧ କରୁଛନ୍ତି। ଏପରିକି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାର ଦୃଢ଼ ବିରୋଧ କରୁଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାର ଅକଳରେ ପଡ଼ିଯାଇଛନ୍ତି। ଏଥିରୁ ଉଦ୍ଧାର ପାଇବା ଲାଗି ସରକାର ବିରୋଧୀ ଦଳର ନେତାମାନଙ୍କୁ ଭେଟି ବିଚାର ଆଲୋଚନା ଚଳାଇଛନ୍ତି।

ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ଅନୁମୋଦନ କରିବାକୁ ହେ।।ଲେ ଦୁଇ ତୃତୀୟାଂଶ



ସାଂସଦଙ୍କ ସମର୍ଥନ ଦରକାର। ସରକାର ପାଖରେ ଏହି ସଂଖ୍ୟା ନଥିବାରୁ ଡିଏମକେ ନେତା ଷ୍ଟାଲିନ ଏବଂ ଏନସିପି-ଶରଦ ମୁଖ୍ୟ ଶରଦ ପାୱାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି। କେବଳ ଏତିକି ନୁହେଁ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏସଂପର୍କରେ ଗତ ଦୁଇ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଦୁଇ ଥର ଭେଟି ଆଲୋଚନା କଲେଣି। କିନ୍ତୁ ସେ ସମର୍ଥନ ଦେବାକୁ ରୋକଠୋକ ଭାବେ ମନା ନରିଦେଇଛନ୍ତି। ତେବେ ପରିବର୍ତ୍ତିତ ରାଜନୈତିକ ସମୀକରଣ ପରିପ୍ରେକ୍ଷୀରେ ଡିଏମକେ ଏବଂ ଏନସିପି-ଶରଦର ସାଂସଦଙ୍କ ସମର୍ଥନ ମିଳିଲେ ସରକାର ଏହାର ଅନୁମୋଦନ କରାଇନେବେ। ତେ।।ବେ ଏଥିରେ ଯେଉଁ ପ୍ରସଙ୍ଗଟି କଣ୍ଟା ସାଜିଛି ତାହାହେଲା ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍। ବିଦେଶୀ ଅନୁଦାନରେ ପରିଚାଳିତ ଖ୍ରୀଷ୍ଟୀୟାନ ଏବଂ ଅନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଅନୁଷ୍ଠାନ ଉପରେ ଅଙ୍କୁଶ ଲଗାଇବା ଲାଗି ଉଦ୍ଦିଷ୍ଟ ଏହି ବିଲରେ ସରକାର ଏଭଳି ବ୍ୟବସ୍ଥା ରଖିଛନ୍ତି, ଯାହାଦ୍ୱାରା ଏହିସବୁ ଅନୁଷ୍ଠାନ ବନ୍ଦ ହୋଇଯିବ। ଏମିତି ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଭ ପାଉଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେବେ। ଏହି ବିଲକୁ ନେଇ ବିଭିନ୍ନ ସଂଖ୍ୟାଲଘୁ ଅନୁଷ୍ଠାନ କ୍ଷୁବ୍ଧ ହୋଇଥିବା ବେଳେ ଅନେକ ରାଜନୈତିକ ଦଳ ସେମାନଙ୍କୁ

■ ରାହୁଲଙ୍କୁ ପୁଣି ଭେଟିଲେ ରିଜିଜୁ
■ ଷ୍ଟାଲିନ, ଶରଦଙ୍କୁ ମନାଇବାକୁ ପ୍ରୟାସ
■ ଅସନ୍ତୋଷ ଜଣାଇଲା ଚନ୍ଦ୍ରବାବୁଙ୍କ ଟିଡ଼ିପି

ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ। ତେଣୁ ଏହି ବିଲ୍ ପାଇଁ ସରକାର ଜିଦ୍ ଧରିଲେ ସେମାନେ ସୀମା ନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। କେବଳ ଡିଏମକେ ନୁହେଁ, ଟିଡିପି ଭଳି ବିଜେପିର ଅନେକ ସହଯୋଗୀ ଦଳ ମଧ୍ୟ ଏହାକୁ ବିରୋଧ କରୁଛନ୍ତି।

ବୈଦେଶିକ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ସଂଖ୍ୟା ▶ପୃଷ୍ଠା-୭

## ସାରାରାଜ୍ୟରେ ପ୍ରବଳ ବର୍ଷା

■ ଭୁବନେଶ୍ୱର,୬।୮(ସମିସ): ଉତ୍ତର ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ରାତିଠାରୁ ବର୍ଷାର ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ରାତିସାରା ବର୍ଷା ହୋଇଛି। ଏହା ପ୍ରଭାବରେ ଗୁରୁବାର ଭୁବନେଶ୍ୱରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ପାଣିପାଗ କେନ୍ଦ୍ରର ତଥ୍ୟ ଅନୁଯାୟୀ ଗତ ୩୬ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ୧୧୭ ମିମି ବର୍ଷା ରେକର୍ଡ ହୋଇଛି। ବାଲେଶ୍ୱର ୫୦, କଟକ ୫୪, ଚାନ୍ଦବାଲି ୪୧, ପୁରୀ ୩୦, ଅନୁଗୁଳ ୩୫, ସମ୍ବଲପୁର ୪୬, ସୁନ୍ଦରଗଡ଼ ୨୪, ନୟାଗଡ଼ ୩୬, ଯାଜପୁର ୫୨ କେନ୍ଦ୍ରାପଡ଼ାରେ ୪୨ ଓ ଖୋରଧାରେ ୪୦ ମିମି ବର୍ଷା ରେକର୍ଡ ହୋଇଛି। ଏହି ସ୍ଥିତି ଶୁକ୍ରବାର ମଧ୍ୟ ଜାରି ରହିବ। ମୟୂରଭଞ୍ଜରେ ସବୁଠୁ ଅଧିକ ବର୍ଷା ହେବା ଆଶଙ୍କା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଚେତାବନୀ ଜାରି କରିଛି।

## ରେଭେନ୍ସା ବିବାଦ ଘନୀଭୂତ; ବଢ଼ିଲା ପ୍ରକାଶଙ୍କ ଅଡୁଆ

### ବିଧାୟକ ଚିଠି ପ୍ରତ୍ୟାହାର ଦାବିକଲା ରୁଟା

■ କଟକ, ୬।୮(ସମିସ): ଐତିହାସିକ ଶତାୟୁ ଉଚ୍ଚ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ବିଶ୍ୱବିଦ୍ୟାଳୟର ସୁନାମରେ ଆଞ୍ଚ ଆଣିଛି। ଫଳସ୍ୱରୂପ ପ୍ରଥମ କରି ଅଧ୍ୟାପକ ସମୂହଙ୍କ ସମେତ ଛାତ୍ରଛାତ୍ରୀ ବିରୋଧ ପ୍ରଦର୍ଶନ କରିଛନ୍ତି। ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ରେଭେନ୍ସାର ହଷ୍ଟେଲ ସମସ୍ୟା ନେଇ କ୍ୟାମ୍ପସରେ ଅନ୍ତେବାସୀଙ୍କ ଆନ୍ଦୋଳନସ୍ଥଳରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଉପସ୍ଥିତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏଥିରେ ୱାର୍ଡେନ ଓ ବିଧାୟକ ପରସ୍ପର ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସାର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ଯାହାକୁ ନେଇ ଉପୁଜିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିପାରିନାହିଁ। ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା)ର ସଭାପତି ଉର୍ମିଶ୍ରୀ ଦେବମାତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଧାୟକଙ୍କ ନିସର୍ତ୍ତ କ୍ଷମା ପ୍ରାର୍ଥନା ଦାବିରୁ ସଂଘ ଓହରିଛି। ହେଲେ ଚିଫ୍ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ବିରୋଧରେ ସଦର ବିଧାୟକ ଶ୍ରୀ ସେଠୀ ଯେଉଁ କାର୍ଯ୍ୟାନୁଷ୍ଠାନ ଦାବି କରି ଚିଠି ଲେଖିଛନ୍ତି ତାହାକୁ ସେ ପ୍ରତ୍ୟାହାର କରିଲା ପରେ ବିବାଦର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏହାଉପରେ ସଦର ବିଧାୟକଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇପାରି ନାହିଁ।

କଟକ ସଦର ବିଧାୟକଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବିବାଦରେ ବିଶ୍ୱବିଦ୍ୟାଳୟର ଗାରିମା ଓ ଶୈକ୍ଷିକ ପରିବେଶ ଅକ୍ଷୁଣ୍ଣ ରଖିବାକୁ କୁଳପତି ପ୍ରଫେସର ଡ. ଅର୍କକୁମାର ଦାସ ମହାପାତ୍ର ଛାତ୍ରଛାତ୍ରୀ, ଶିକ୍ଷକ ଓ ଜନପ୍ରତିନିଧିଙ୍କୁ ଆହ୍ୱାନ କରିଛନ୍ତି। କୁଳପତିଙ୍କ ▶ପୃଷ୍ଠା-୭

### ପ୍ରଶ୍ନ ଘେରରେ ସିନେଟ ସଦସ୍ୟତା

■ କଟକ,୬।୮(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୱାର୍ଡେନ-ବିଧାୟକ ବିବାଦ ବଢ଼ିବାରେ ଲାଗିଛି। ରେଭେନ୍ସା ଶିକ୍ଷକ ସଂଘ (ରୁଟା) ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନେଟ୍ ଗଠନ ପ୍ରକ୍ରିୟା ଏଯାବତ୍ ଶେଷ ହୋଇନାହିଁ ଏବଂ ସିନେଟ୍ ଗଠନର ଚୂଡ଼ାନ୍ତ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ। ତେଣୁ ସିନେଟ୍ ସଦସ୍ୟ ବୋଲି ସଦର ବିଧାୟକ କହି ବିଶ୍ୱବିଦ୍ୟାଳୟର କାର୍ଯ୍ୟରେ ହସ୍ତକ୍ଷେପ କରିବାର କୌଣସି ଆଧାର ନାହିଁ। ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁଯାୟୀ ସିନେଟ୍ର କାମ ହେଉଛି ବିଶ୍ୱବିଦ୍ୟାଳୟର ନୀତି, ନିୟମ, କାର୍ଯ୍ୟକ୍ରମ, ବାର୍ଷିକ ରିପୋର୍ଟ, ହିସାବ, ଶିକ୍ଷା, ଗବେଷଣା ଓ ପ୍ରଶାସନିକ କାର୍ଯ୍ୟର ସମୀକ୍ଷା କରିବା। ଦୈନନ୍ଦିନ ହଷ୍ଟେଲ ସମସ୍ୟା କିମ୍ବା ଆଭ୍ୟନ୍ତରୀଣ ବୈଠକରେ ହସ୍ତକ୍ଷେପ କରିବା ସିନେଟ୍ର କାମ ନୁହେଁ ବୋଲି ରୁଟା କହିଛି। କୁଳପତିଙ୍କ ଆହ୍ୱାନରେ ହୋଇଥିବା ବୈଠକଟି କେବଳ ଛାତ୍ରାବାସ ପରିଚାଳନା ଓ ଛାତ୍ର କଲ୍ୟାଣ ସମ୍ବନ୍ଧୀୟ ଏକ ଆଭ୍ୟନ୍ତରୀଣ ପ୍ରଶାସନିକ ବୈଠକ ଥିଲା ଓ ଏହା ସିନେଟ୍ କିମ୍ବା ସିଣ୍ଡିକେଟ୍ ଭଳି କୌଣସି ବୈଧାନିକ ବୈଠକ ନଥିଲା ଓ ସାଂସଦ, ବିଧାୟକ ଏବଂ ଅନ୍ୟ ସମସ୍ତ ଜନପ୍ରତିନିଧି ବିଶ୍ୱବିଦ୍ୟାଳୟର ଉନ୍ନତି ଓ କଲ୍ୟାଣ ▶ପୃଷ୍ଠା-୭

## ଅଗ୍ନି-୪ର ସଫଳ ପରୀକ୍ଷା



■ ବାଲେଶ୍ୱର,୬।୮(ସମିସ): ଭାରତ ନିଜର ସାମରିକ କ୍ଷମତାକୁ ଆହୁରି ସୁଦୃଢ଼ କରି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷା କରିଛି। ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ ଏହି ପରୀକ୍ଷା କରାଯାଇଛି।

### ଲକ୍ଷ୍ୟଭେଦ କ୍ଷମତା ୩,୦୦୦ କିମିରୁ ଅଧିକ

କ୍ଷେପଣାସ୍ତ୍ରଟି ସମସ୍ତ ପ୍ରମୁଖ ପ୍ରଯୁକ୍ତିଗତ ଓ କାର୍ଯ୍ୟକ୍ଷମତା ମାନଦଣ୍ଡରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରାଳୟ ସୂଚନା ଜାରି କରିଛି । 'ଅଗ୍ନି-୪' ହେଉଛି ଭାରତର ଏକ ଆଧୁନିକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଏହାର ଲକ୍ଷ୍ୟଭେଦ କ୍ଷମତା ୩୦୦୦ କିଲୋମିଟରରୁ ଅଧିକ। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ର ଅନୁସାରେ 'ଅଗ୍ନି-୪'ରେ ପଞ୍ଚମ ପିଢ଼ିର ଅନ୍‌ବୋର୍ଡ କମ୍ପ୍ୟୁଟର, ଅତ୍ୟାଧୁନିକ ଏଭିଓନିକ୍ସ ସିଷ୍ଟମ୍ ଏବଂ ସ୍ୱୟଂଚାଳିତ ଉଡ଼ାଣ ନିୟନ୍ତ୍ରଣ ବ୍ୟବସ୍ଥା ସଂଯୋଜନ କରାଯାଇଛି। ଉଡ଼ାଣ ସମୟରେ କୌଣସି ବାଧା କିମ୍ବା ବିଚ୍ୟୁତି ଦେଖାଦେଲେ କ୍ଷେପଣାସ୍ତ୍ରଟି ନିଜେ ତାହାକୁ ଚିହ୍ନଟ କରି ମାର୍ଗ ସଂଶୋଧନ କରିପାରିବ। ଏହି ବୈଶିଷ୍ଟ୍ୟ ଏହାକୁ ଭାରତର ସବୁଠାରୁ ▶ପୃଷ୍ଠା-୭

## ଜନ୍ମମାଟିରେ ସୁଶାନ୍ତ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

## ସେବା ଓ ପ୍ରତିବଦ୍ଧତା ପାଇଁ ସୁଶାନ୍ତ ସ୍ମରଣୀୟ ହୋଇରହିବେ: ନବୀନ





■ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବରିଷ୍ଠ ନେତା ଓ ହଜାର ହଜାର କର୍ମୀଙ୍କ ଯୋଗଦାନ
■ ସମ୍ବଲପୁରୀ ଭାଷାରେ ଶ୍ରଦ୍ଧାସୁମନ ଅର୍ପଣ କଲେ ଦଳୀୟ ନେତ୍ରୀ ସୁଜାତା ରାଉତ
■ ରକ୍ତଦାନ ଶିବିରରେ ୪୧୪ ୟୁନିଟ୍ ରକ୍ତ ସଂଗ୍ରହ, ସ୍ମୃତି ପୁସ୍ତିକା ଉନ୍ମୋଚିତ

■ ସୋହେଲା, ୬।୮ (ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଦ୍ୱାଦଶାହ ଅବସରରେ ସୋହେଲା ନିକଟସ୍ଥ ହଳଦିପାଲି ପଡ଼ିଆରେ ଗୁରୁବାର ଏକ ରାଜ୍ୟସ୍ତରୀୟ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରରୁ ହଜାର ହଜାର ନେତା, କର୍ମୀ ଓ ସୁଶାନ୍ତ ସିଂଙ୍କ ଅନୁଗାମୀ ଯୋଗଦେଇ ତାଙ୍କ ପ୍ରିୟ ନେତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସୁବ୍ରତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଛନ୍ତି।

ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଥିଲେ ଯେ, ସାଧାରଣ ଜୀବନ ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇଥାଏ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବା ହିଁ ଜଣେ ସଫଳ ଜନପ୍ରତିନିଧିଙ୍କ ପରିଚୟ। ସ୍ୱର୍ଗତ ସୁଶାନ୍ତ ସିଂ ଦୃଢ଼ ନେତୃତ୍ୱ, ସାଙ୍ଗଠନିକ ଦକ୍ଷତା, ସରଳ ଜୀବନ, ସମର୍ପିତ ସେବା ଓ ଲୋକଙ୍କ ପ୍ରତି ଅବିଚଳ ପ୍ରତିବଦ୍ଧତା ପାଇଁ ସବୁବେଳେ ସ୍ମରଣୀୟ ରହିବେ। ତୃଣମୂଳ ସ୍ତରରେ ତାଙ୍କର ଦୃଢ଼ ସମ୍ପର୍କ ବିଜୁ ଜନତା ଦଳକୁ ସୁଦୃଢ଼ କରିଥିଲା। ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟଦକ୍ଷତା ଉଚ୍ଚକୋଟୀର ଥିଲା। ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସର୍ବସ୍ତରରେ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଅକାଳ ବିୟୋଗ ବିଜୁ ଜନତା ଦଳ ତଥା ସମଗ୍ର ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଉଲ୍ଲେଖ କରି ସୁଶାନ୍ତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ନବୀନ।

ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଜେଡି ନେତ୍ରୀ ସୁଜାତା ରାଉତ ସମ୍ବଲପୁରୀ ଭାଷାରେ ସୁଶାନ୍ତଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କହିଥିଲେ ଯେ ସୁଶାନ୍ତ ସିଂ କେବଳ ଜଣେ ରାଜନେତା ନ ଥିଲେ; ସେ ଏହି ମାଟିର ଗର୍ବ ଏବଂ ସାଧାରଣ ଲୋକଙ୍କର ପ୍ରକୃତ ବନ୍ଧୁ ଥିଲେ। ତାଙ୍କ ଘରର ଦ୍ୱାର ସର୍ବଦା ସାଧାରଣ ଲୋକଙ୍କ ପାଇଁ ଖୋଲା ରହୁଥିଲା। ଦିନ ହେଉ କି ରାତି, ଯେ କେହି ତାଙ୍କ ପାଖକୁ ଆସୁଥିଲେ, ସେ କେବେ ନିରାଶ ହୋଇ ଫେରୁନଥିଲେ। ତାଙ୍କର ଦୂରଦର୍ଶିତା, ପରିଶ୍ରମ ଓ ଲୋକସେବା ମନୋଭାବ ତାଙ୍କୁ ସମସ୍ତଙ୍କ ପ୍ରିୟପାତ୍ର କରିଥିଲା। ତାଙ୍କର ବିୟୋଗ କେବଳ ▶ପୃଷ୍ଠା-୭

## ମା' ସମଲେଇଙ୍କୁ ଦର୍ଶନ କଲେ ସୁଜାତା



■ ସମ୍ବଲପୁର,୬।୮ (ସମିସ): ସମ୍ବଲପୁର ସ୍ଥିତ ମା' ସମଲେଶ୍ୱରୀଙ୍କୁ ଆଜି ସକାଳୁ ଦର୍ଶନ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ଏ ସମ୍ପର୍କରେ ସେ ନିଜେ ସାମାଜିକ ଗଣମାଧ୍ୟମରେ ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶତାବ୍ଦୀ ଧରି ମା' ସମଲେଶ୍ୱରୀ ପଶ୍ଚିମ ଓଡ଼ିଶାର ଆସ୍ଥା, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ ହୋଇ ରହିଆସିଛନ୍ତି। ଆଜି ମା'ଙ୍କ ପବିତ୍ର ଦର୍ଶନ କରି ଆଶୀର୍ବାଦ ଲାଭ କରିବା ଏକ ଅତ୍ୟନ୍ତ ଭାବପ୍ରବଣ ଓ ନମ୍ରତାର ଅନୁଭୂତି ଥିଲା। ସୁନ୍ଦର ଭାବେ ବିକଶିତ ମନ୍ଦିର ପରିସର ଓ ପବିତ୍ର ପରିବେଶ ଆମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟର ସଂରକ୍ଷଣ ପ୍ରତି ଆମର ସାମୂହିକ ସଙ୍କଳ୍ପକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି। ଆଜି ସୋହେଲାଠାରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଦ୍ୱାଦଶାହରେ ଯୋଗଦେବା ନିମନ୍ତେ ଗତକାଲି ରାତିରେ ସୁଜାତା ସମ୍ବଲପୁରରେ ପହଞ୍ଚିଥିଲେ। ସମ୍ବଲପୁର ବିଜେଡି ପକ୍ଷରୁ ଶତାଧିକ କର୍ମୀ ଓ ନେତା ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନଗୁଡ଼ିକରେ ଭଲ ପ୍ରଦର୍ଶନ ନିମନ୍ତେ ଆମେମାନେ ମିଳିମିଶି ଏକାଠି କାମ କରିବା ଓ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ବୋଲି ସେ କହିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସତ୍ୟେନ୍ଦ୍ର ଦାଶ, ବିକାଶ କ୍ଷେତି ପ୍ରମୁଖ ଉପସ୍ଥିତ ଥିଲେ।

## ଏବର୍ଷ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ୭୪.୫ କୋଟି ଖର୍ଚ୍ଚ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଦେଶିକ ଗସ୍ତ ପାଇଁ ସରକାର ପ୍ରାୟ ୭୪.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ରାଜ୍ୟସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର



ଦେଇ ଏହି ସୂଚନା ଦିଆଯାଇଛି। ସାଂସଦ ସଞ୍ଜୟ ସିଂହ ଏବଂ ଡକ୍ଟର ଭି ଶିବଦାସନଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର କେନ୍ଦ୍ର ପ୍ରତିମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଏପ୍ରିଲ ୨୦୨୧ ରୁ ଡିସେମ୍ବର ୨୦୨୫ ମଧ୍ୟରେ ଭାରତକୁ ୩୮୧.୮ ବିଲିୟନ୍ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ଆସିଥିବା ସରକାର ସଂସଦକୁ ଜଣାଇଛନ୍ତି। ତୁଳନାତ୍ମକ ସୂଚନା ଦେଇ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଶାସନ କାଳରେ ୨୦୧୧ ଆମେରିକା ଗସ୍ତ ପାଇଁ ୧୦.୭୪ କୋଟି ଟଙ୍କା ଏବଂ ୨୦୧୩ ଋଷ ଗସ୍ତ ପାଇଁ ୯.୯୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଦେଶିକ ଗସ୍ତ ଦ୍ୱାରା ଅନ୍ତର୍ଜାତୀୟ ସମ୍ପର୍କ ସୁଦୃଢ଼ ହେବା ସହ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଛି। ବୈଦେଶିକ ଗସ୍ତଗୁଡ଼ିକ ମାଧ୍ୟମରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିପତ୍ରଗୁଡ଼ିକ ଦେଶରେ ନିବେଶ ଓ ସାମଗ୍ରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସରକାର ପ୍ରକାଶ କରିଛନ୍ତି।

## ବାଂଲାଦେଶରେ ଅଗଷ୍ଟ ୨୦ରେ ରାଷ୍ଟ୍ରପତି ନିର୍ବାଚନ

ଢାକା, ୬।୮(ଏଜେନ୍ସି): ବାଂଲାଦେଶରେ ଆସନ୍ତାଅଗଷ୍ଟ ୨୦ ତାରିଖରେ ନୂଆ ରାଷ୍ଟ୍ରପତି ଚୟନ ପାଇଁ ଭୋଟ ହେବ। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦତ୍ୟାଗ କରିବା ପରେ ନିର୍ବାଚନ ଆୟୋଗ ଏହି ସୂଚୀ ଘୋଷଣା କରିଛି। ନାମାଙ୍କନପତ୍ର ଦାଖଲ ଅଗଷ୍ଟ ୧୩, ଯାଞ୍ଚ ଅଗଷ୍ଟ ୧୬ ଏବଂ ପ୍ରାର୍ଥିତ୍ୱ ପ୍ରତ୍ୟାହାରର ଶେଷ ତାରିଖଅଗଷ୍ଟ ୧୮ ରହିଛି। ସଂସଦ ଭବନରେ ଦିନ୨ଟାରୁ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ଶାହାବୁଦ୍ଦିନ ୨୦୨୩ ଏପ୍ରିଲରେ ପାଞ୍ଚ ବର୍ଷ ପାଇଁ ରାଷ୍ଟ୍ରପତି ହୋଇଥିଲେ। ବର୍ତ୍ତମାନ ସଂସଦ ବାଚସ୍ପତି ହାଫିଜ ଉଦ୍ଦିନ ଆହମେଦ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ନିର୍ବାଚନ ସହ ବାଂଲାଦେଶରେ ନୂଆ ରାଷ୍ଟ୍ରପତି ଚୟନର ସାମ୍ବିଧାନିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।

## ଉତ୍ତର କୋରିଆର ପୁଣି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ

ସିଓଲ୍, ୬।୮(ଏଜେନ୍ସି): ଉତ୍ତର କୋରିଆ ଗୁରୁବାର ନିଜର ପୂର୍ବ ଉପକୂଳ ସମୁଦ୍ର ଆଡ଼କୁ ଏକ ଅଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଶର୍ଟ ରେଞ୍ଜ ବାଲାଷ୍ଟିକ ମିସାଇଲ) ନିକ୍ଷେପ କରିଛି। ଦକ୍ଷିଣ କୋରିଆ ସେନା ପକ୍ଷରୁ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ନେଇ ସୂଚନା ଦିଆଯାଇଛି। ଉତ୍ତର କୋରିଆ ଦ୍ୱାରା ନିରନ୍ତର କରାଯାଉଥିବା ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଶୃଙ୍ଖଳାରେ ଏହା ଅନ୍ୟତମ। ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅନୁସାରେ, ଉତ୍ତର କୋରିଆର ପୂର୍ବ ଉପକୂଳ ସହର ୱନ୍‌ସାନ୍‌ରୁ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏହି କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏହି ପରୀକ୍ଷଣକୁ ନିଶ୍ଚିତ କରିବା ସହ ଜାପାନୀ ସୀମା ଭିତରେ କୌଣସି କ୍ଷତି ହୋଇନଥିବା ପ୍ରକାଶ କରିଛି। ଏହି ଘଟଣା ପରେ ଦକ୍ଷିଣ କୋରିଆ, ଆମେରିକା ଏବଂ ଜାପାନ ମିଳିତ ଭାବେ ନଜର ରଖିଛନ୍ତି। ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ୍ ଉନ୍ ନିଜର ଆଣବିକ ଓ କ୍ଷେପଣାସ୍ତ୍ର କ୍ଷମତାକୁ ନିରନ୍ତର ବୃଦ୍ଧି କରିବାରେ ଲାଗିଛନ୍ତି। ନିକଟରେ ସେ ନୌସେନା ସାମର୍ଥ୍ୟ ବୃଦ୍ଧି ପାଇଁ ଆଣବିକ ଶକ୍ତିଚାଳିତ ଜାହାଜ ଓ ଜଳପଥରୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ରର ପରୀକ୍ଷଣ କରିଥିଲେ। ଏହାସହ ଋଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଉତ୍ତର କୋରିଆ ଓ ଋଷ ମଧ୍ୟରେ ସାମରିକ ସମ୍ପର୍କ ମଧ୍ୟ ସୁଦୃଢ଼ ହେବାରେ ଲାଗିଛି। ଏହି ନୂତନ କ୍ଷେପଣାସ୍ତ୍ର ପରୀକ୍ଷଣ ଫଳରେ କୋରିଆ ଦ୍ୱୀପପୁଞ୍ଜ ଅଞ୍ଚଳରେ ପୁଣି ଥରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଛି।

## ରୁଷିଆ ତୈଳ ପ୍ରତିଷ୍ଠାନରେ ୟୁକ୍ରେନ୍‌ର ଜୋରଦାର୍ ଆକ୍ରମଣ

କିଭ୍, ୬।୮(ଏଜେନ୍ସି): ୟୁକ୍ରେନ ସେନା ଋଷ ଭିତରେ ପଶି ଦୁଇଟି ଗୁରୁତ୍ୱପୂର୍ଣ୍ଣ ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଋଷର ସାମରିକ ଅର୍ଥନୀତିକୁ ଦୁର୍ବଳ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ନେଇ ୟୁକ୍ରେନ୍ ରାଷ୍ଟ୍ରପତି



ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ସୀମାରୁ ପ୍ରାୟ ୧, ୩୦୦ କିଲୋମିଟର ଦୂର ବାଶକୋର୍ଟସ୍ତାନ ଏବଂ ୭୦୦ କିଲୋମିଟର ଦୂର ୟାରୋସ୍ଲାଭଲ୍ ଅଞ୍ଚଳରେ ଥିବା ବିଶୋଧନାଗାରଗୁଡ଼ିକୁ ୟୁକ୍ରେନ ସେନା ସଫଳତାର ସହ ନିଶାଣ କରିଛି। ଏହାସହ କୃଷ୍ଣସାଗରରେ ଋଷର ଦୁଇଟି ନୌସେନା ପାଟ୍ରୋଲ୍ ବୋଟ୍ ଏବଂ ତୈଳ ରପ୍ତାନି ପାଇଁ ବ୍ୟବହୃତ ବୋଟ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି। ଅନ୍ୟପଟେ ଋଷିଆ ଦାବି କରିଛି ଯେ ସେମାନଙ୍କ ଆକାଶ ସୁରକ୍ଷା ବାହିନୀ ୬୦୫ଟି ୟୁକ୍ରେନ ଡ୍ରୋନ ଖସାଇ ଦେଇଛି। ସେହିପରି ଋଷ ପକ୍ଷରୁ କରାଯାଇଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୟୁକ୍ରେନର ୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ବାୟୁସେନା ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେଉଥିବାରୁ ଜେଲେନ୍‌ସ୍କି ନାଟୋ ଏବଂ ସହଯୋଗୀ ଦେଶଗୁଡ଼ିକୁ ତୁରନ୍ତ ନୂତନ କ୍ଷେପଣାସ୍ତ୍ର ଯୋଗାଇଦେବାକୁ ନିବେଦନ କରିଛନ୍ତି। ୟୁକ୍ରେନର ଏହି ନିରନ୍ତର ଗଭୀର ଆକ୍ରମଣ ଫଳରେ ଋଷରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଅଧିକ ଭୟାନକ ରୂପ ନେଉଥିବାରୁ ଆନ୍ତର୍ଜାତୀୟ ସ୍ତରରେ ଚିନ୍ତା ବୃଦ୍ଧି ପାଇଛି।

## ବ୍ରିଟେନ୍ ସୈନ୍ୟ ତାଲିମ କେନ୍ଦ୍ରରେ ଯୌନ ନିର୍ଯାତନା




ଲଣ୍ଡନ, ୬।୮(ଏଜେନ୍ସି): ବ୍ରିଟେନ୍‌ର ପ୍ରମୁଖ ସୈନ୍ୟ ପ୍ରଶିକ୍ଷଣ କେନ୍ଦ୍ର 'ଆର୍ମି ଫାଉଣ୍ଡେସନ୍ କଲେଜ' (ଏଏଫ୍‌ସି) ରେ ମହିଳା କ୍ୟାଡେଟ୍‌ମାନଙ୍କ ପ୍ରତି ଯୌନ ନିର୍ଯାତନା, ସାମୂହିକ ଦୁଷ୍କର୍ମ ଏବଂ ନିର୍ଯାତନାର ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ୧୭ ବର୍ଷ ବୟସରେ ନାମ ଲେଖାଇଥିବା ଏକାଧିକ ପୂର୍ବତନ ମହିଳା କ୍ୟାଡେଟ୍ ଏହି ସଂସ୍ଥାରେ ମହିଳା ବିରୋଧୀ ମାନସିକତା ଏବଂ ଗୁରୁତର ସୁରକ୍ଷା ତ୍ରୁଟି ନେଇ ଜଣାଶୁଣା ବ୍ରିଟିଶ୍ ଗଣମାଧ୍ୟମ ବିବିସି ଆଗରେ ପ୍ରକାଶ କରିଛନ୍ତି। ନର୍ଥ ୟର୍କସାୟାରସ୍ଥିତ ଏହି ଏକାଡେମୀରେ ପଢୁଥିବା ଅନ୍ତତଃ ୪ ଜଣ ମହିଳା କହିଛନ୍ତି ଯେ, ସେଠାରେ ଥିବା ପୁରୁଷ ସହକର୍ମୀ ଓ କର୍ମଚାରୀମାନେ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଜଣେ ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ତାଙ୍କୁ କେତେକ ପୁରୁଷ ସୈନିକ ବହୁ ଘଣ୍ଟା ଧରି ସାମୂହିକ ଦୁଷ୍କର୍ମ କରିଥିଲେ। ଅନ୍ୟ କ୍ୟାଡେଟ୍‌ମାନେ ଅଶ୍ଳୀଳ ମନ୍ତବ୍ୟ, ରୁମ୍‌ରେ ବନ୍ଦ କରି ଯୌନ ନିର୍ଯାତନା ଏବଂ ପ୍ରଶିକ୍ଷକମାନଙ୍କ ଅସଦାଚରଣର ଶିକାର ହୋଇଥିବା ପ୍ରକାଶ କରିଛନ୍ତି। ତଥ୍ୟ ଅନୁସାରେ, ୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ୧୭୬ଟି ଯୌନ ଅସଦାଚରଣ ଅଭିଯୋଗ ଦାଖଲ ହୋଇଛି, ଯାହା ମଧ୍ୟରୁ ୩୨ଟି ଅଭିଯୋଗ ସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ରହିଛି। ଗତ କିଛି ବର୍ଷ ମଧ୍ୟରେ କେତେକ ପ୍ରଶିକ୍ଷକ ଶାରୀରିକ ଓ ଯୌନ ହିଂସା ମାମଲାରେ ସାମରିକ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି। ବ୍ରିଟିଶ୍ ସେନା ପକ୍ଷରୁ ଏହି ଘଟଣାକୁ ଅତ୍ୟନ୍ତ ଚିନ୍ତାଜନକ ଓ ଗମ୍ଭୀର ବୋଲି କୁହାଯାଇଛି। ସେନାରେ ଏପରି ଅପରାଧିକ କାର୍ଯ୍ୟକଳାପକୁ ଆଦୌ ଗ୍ରହଣ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଓ ତଦନ୍ତ ସଂସ୍ଥା ଜରିଆରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କାନାଡ଼ାରେ କାୟା ମେଲାଉଛି ବିଷ୍ଣୋଇ ଗ୍ୟାଙ୍ଗ୍

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ କାନାଡ଼ାରେ ନିଜର ଅପରାଧିକ ନେଟୱାର୍କ ବିସ୍ତାର କରିବା ପାଇଁ ଭାରତୀୟ ଛାତ୍ର ଭିସା ଏବଂ ୱାର୍କ ପରମିଟ୍‌ର ଅପବ୍ୟବହାର କରୁଥିବା ନେଇ ଏକ ସଂବେଦନଶୀଳ ତଥ୍ୟ ସାମ୍ନାକୁ ଆସିଛି। କାନାଡ଼ା ବୋର୍ଡର ସର୍ଭିସେସ୍ ଏଜେନ୍ସି (ସିବିଏସ୍ଏ) ର ଏକ ଗୁପ୍ତ ସୂଚନା ରିପୋର୍ଟକୁ ଆଧାର କରି ଏହି ବାସ୍ତବତା ପ୍ରକାଶ ପାଇଛି। 'ଦି ବିଷ୍ଣୋଇ ଗ୍ୟାଙ୍ଗ୍: ଆନ୍ ଏମର୍ଜିଂ ଥ୍ରେଟ ଇନ୍ କାନାଡ଼ା' ଶୀର୍ଷକ ଏହି ରିପୋର୍ଟ

**ଭାରତୀୟ ଛାତ୍ରଙ୍କୁ ବ୍ୟବହାର କରି ଚାଲିଛି ଅପରାଧ**

ଅନୁସାରେ, ଭାରତରୁ ପଢ଼ିବା ପାଇଁ କାନାଡ଼ା ଯାଉଥିବା ଯୁବକମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ଗ୍ୟାଙ୍ଗ୍‌ରେ ସାମିଲ କରାଯାଉଛି। ଏହି ଯୁବକମାନଙ୍କୁ ଚାନ୍ଦା ଆଦାୟ, ଗୁଳିକାଣ୍ଡ, ହତ୍ୟା ଏବଂ ସଂଗଠିତ ଅପରାଧ ପରି ବେଆଇନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରିପୋର୍ଟ ଅନୁସାରେ, ୨୦୧୯ ରୁ ୨୦୨୩ ମଧ୍ୟରେ ପ୍ରାୟ ୪, ୦୦୦ ଭାରତୀୟ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି, ଯାହା ମଧ୍ୟରୁ ହିଂସାତ୍ମକ ଅପରାଧର ସଂଖ୍ୟା ଅଧିକ। ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ସଦସ୍ୟ ଗୋଲ୍ଡି ବ୍ରାର୍ ୨୦୧୭ରେ ଛାତ୍ର ଭିସାରେ କାନାଡ଼ା ଯାଇ ଏହି ନେଟୱାର୍କ ପ୍ରସ୍ତୁତ କରିଥିଲା। ପ୍ରଥମେ କେବଳ ଖାଲିସ୍ତାନ ସମର୍ଥକ କିମ୍ବା ପଞ୍ଜାବୀ



ବ୍ୟବସାୟୀଙ୍କୁ ଲକ୍ଷ୍ୟ କରାଯାଉଥିବା ବେଳେ, ଏବେ ଅନ୍ୟ ଭାରତୀୟବଂଶୋଦ୍ଭବ ବ୍ୟବସାୟୀଙ୍କଠାରୁ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ଧମକ ଦେଇ ମୋଟା ଅଙ୍କର ଟଙ୍କା ଅସୁଲ କରାଯାଉଛି। ଅର୍ଥାଭାବ ଓ ଅନ୍ୟାନ୍ୟ ପ୍ରଲୋଭନରେ ପଡ଼ି କାନାଡ଼ାରେ ପଢୁଥିବା ଭାରତୀୟ ଛାତ୍ରମାନେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଶିକାର ହେଉଛନ୍ତି। ଏହି ରିପୋର୍ଟ ପରେ କାନାଡ଼ା ସୁରକ୍ଷା ଏଜେନ୍ସି ଏବଂ ସୀମା ଶୁଳ୍କ ଅଧିକାରୀମାନେ ନିଜର ସତର୍କତା ଓ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିଛନ୍ତି।

## ତୀବ୍ର ହେଉଛି ରାଷ୍ଟ୍ରପତି - ମୁଜତବା ମତଭେଦ

ତେହେରାନ, ୬।୮(ଏଜେନ୍ସି): ଇରାନର ଶୀର୍ଷ ନେତୃତ୍ୱ ମଧ୍ୟରେ ମତଭେଦ ଚାଲିଥିବା ଖବର ମଧ୍ୟରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦେଶର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସହ ଯୋଗାଯୋଗ କରିବା 'ଅତ୍ୟନ୍ତ କଠିନ' ହୋଇପଡ଼ିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଆହତ ହୋଇଥିବା ୫୬ ବର୍ଷୀୟ ଏହି ଧର୍ମଗୁରୁ, ନିଜ ପିତା ଆୟାତୋଲ୍ଲା ଆଲି ଖାମେନେଇଙ୍କ ମୃତ୍ୟୁ ପରେ ସର୍ବୋଚ୍ଚ ନେତା ପଦ ଗ୍ରହଣ କରିବା ପରଠାରୁ ସାର୍ବଜନୀନ ଭାବେ ସାମ୍ନାକୁ ଆସିନାହାନ୍ତି। ପେଜେସ୍କିଆନ କହିଛନ୍ତି ଯେ, ସର୍ବୋଚ୍ଚ ନେତା ପ୍ରତ୍ୟକ୍ଷ ଭାବେ ସାମ୍ନାକୁ ଆସୁନଥିଲେ ମଧ୍ୟ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ବର୍ତ୍ତମାନ ତାଙ୍କ ସହ ଯୋଗାଯୋଗ କରିବା



କଷ୍ଟକର, କିନ୍ତୁ ତାଙ୍କର ଉପସ୍ଥିତି ଆମ ପାଇଁ ଏକ ବଡ଼ ଶକ୍ତି' ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ, ସେ ନିଜ ନେତାଙ୍କ ସମର୍ଥନ କରି କହିଛନ୍ତି ଯେ ସେମାନଙ୍କ ମଧ୍ୟରେ ହୋଇଥିବା ବୈଠକଗୁଡ଼ିକ ଅତ୍ୟନ୍ତ ସଫଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। କେତେକ ଦୁଷ୍ଟ ଶକ୍ତି ତାଙ୍କର ଭୁଲ ଚିତ୍ର ପରିପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖବର ଅନୁସାରେ, ଖାମେନେଇ ଏବଂ ରାଷ୍ଟ୍ରପତି ପେଜେସ୍କିଆନଙ୍କ ମଧ୍ୟରେ ଗମ୍ଭୀର ମତଭେଦ ଦେଖାଦେଇଛି। ସର୍ବୋଚ୍ଚ ନେତା ଇସଲାମିକ ରିଭୋଲ୍ୟୁସନରୀ ଗାର୍ଡ କୋର୍ (ଆଇଆରଜିସି) କମାଣ୍ଡର ଅହମଦ ବାହିଦୀଙ୍କୁ ସାମରିକ ଓ କୂଟନୈତିକ ନିଷ୍ପତ୍ତିରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଅନ୍ୟପଟେ, ଜାତୀୟ ସୁରକ୍ଷା ଓ ବିଦେଶ ନୀତି ନିଷ୍ପତ୍ତିରୁ ନିଜ ସରକାରଙ୍କୁ ଦୂରେଇ ରଖାଯାଉଥିବାଅଭିଯୋଗକରିରାଷ୍ଟ୍ରପତିପେଜେସ୍କିଆନଗତ ମେ ମାସରେ ଇସ୍ତଫା ଦେବାକୁ ଚେଷ୍ଟା କରିଥିବା ନେଇ ଚର୍ଚ୍ଚା ହେଉଛି। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷ ଚାଲିଥିବା ସମୟରେ ଇରାନର ସର୍ବୋଚ୍ଚ ନେତା ସାର୍ବଜନୀନ ଭାବେ ଅନୁପସ୍ଥିତ ରହିବା ଏବଂ ସେନା ବାହିନୀ ସହ ରାଷ୍ଟ୍ରପତିଙ୍କ ମତଭେଦ ଖବର ସାମ୍ନାକୁ ଆସିବା ଇରାନର ଆଭ୍ୟନ୍ତରୀଣ ଓ ବୈଦେଶିକ ନୀତି ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନ୍ୟୁୟର୍କରେ ୪ ସନ୍ତାନଙ୍କୁ ହତ୍ୟା ପରେ ମା', ଜେଜେ ମା'ଙ୍କ ଆତ୍ମହତ୍ୟା

ନ୍ୟୁୟର୍କ, ୬।୮(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସହରରେ ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜର ମା'ଙ୍କ ସହ ମିଶି ୪ ଜଣ ନିରୀହ ସନ୍ତାନଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣା ଘଟାଇବା ପୂର୍ବରୁ ମହିଳା ଜଣକ ନିଜ



ପୂର୍ବତନ ସ୍ୱାମୀଙ୍କୁ ପିଲାମାନଙ୍କ ଦେହ ଅସୁସ୍ଥ ଥିବା ନେଇ ମିଥ୍ୟା ସନ୍ଦେଶ ପଠାଇଥିଲେ। ଆରକ୍ଷୀଙ୍କ ସୂଚନା ଅନୁସାରେ, ସାରା ମାୟର୍ସ ଓ ତାଙ୍କ ମା' ଏମି ଷ୍ଟେଡମ୍ୟାନ କିଛି ଦିନ ପୂର୍ବରୁ ଏହି ହତ୍ୟାକାଣ୍ଡ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ଔଷଧ ସଂଗ୍ରହ କରି ତିନି ଜଣ ପିଲାଙ୍କୁ ବିଷ ଦେଇ ଏବଂ ଜଣଙ୍କୁ ଛୁରୀରେ ଆଘାତ କରି ହତ୍ୟା କରିଥିଲେ। ପୂର୍ବରୁ କୌଣସି ସନ୍ଦେହ ନହେବା ପାଇଁ ପିଲାମାନଙ୍କ ବାପା ବ୍ରାଡି ହାରମୋନଙ୍କୁ ପିଲାଙ୍କର ବାନ୍ତି ହେଉଥିବା ବାହାନା କରି ସନ୍ଦେଶ ପଠାଯାଇଥିଲା। ଏହି ଘଟଣାରେ ୧୩, ୧୧ ଓ ୧୦ ବର୍ଷୀୟ ଜାଆଁଳା ପିଲାଙ୍କ ସମେତ ମୋଟ ୬ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବପ୍ରସ୍ତୁତ ଯୋଜନା ଅନୁସାରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ଆରକ୍ଷୀ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

## ହର୍ମୁଜ ପ୍ରଣାଳୀ ପାଇଁ ଇରାନ- ଓମାନ ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ

ଦୁବାଇ, ୬।୮(ଏଜେନ୍ସି): ଆଞ୍ଚଳିକ ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ, ଓମାନ ସହିତ ହର୍ମୁଜ ପ୍ରଣାଳୀ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ଦାବି କରିଛି। ଏହି ପ୍ରଣାଳୀ ବିଶ୍ୱର ବାଣିଜ୍ୟ ଏବଂ ଶକ୍ତି ଯୋଗାଣ (ତୈଳ ଓ ଗ୍ୟାସ୍) ପାଇଁ ଅତ୍ୟନ୍ତ ସଂବେଦନଶୀଳ ଓ ପ୍ରମୁଖ ଜଳପଥ ଅଟେ। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାଘାଇ କହିଛନ୍ତି ଯେ ଓମାନ ସହ ଏହି ଚୁକ୍ତିନାମାର ଚିଠା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଆମେରିକା ପକ୍ଷରୁ କୌଣସି ପ୍ରତିବନ୍ଧକ ନ ଆସିଲେ ଏକ ମିଳିତ ବିବୃତି ଜାରି କରାଯିବ। ଅନ୍ୟପଟେ, ଲେବାନନ୍‌ରେ ଜାରି ରହିଥିବା ସଂଘର୍ଷରେ ଇସ୍ରାଏଲ୍‌ର ଦୁଇଜଣ ସୈନିକ ନିହତ ହୋଇଥିବା ବେଳେ ଯୁଦ୍ଧ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଏହା ବ୍ୟତୀତ ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଯୋଗୁଁ ଖାର୍ତୁମଠାରୁ ୨୦୦ କିଲୋମିଟର ଦୂରରେ ଥିବା ୟୁନେସ୍କୋ ବିଶ୍ୱ ହେରିଟେଜ୍ ସାଇଟ୍ 'ମେରୋ ପିରାମିଡ୍' ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ପ୍ରାଚୀନ କୁଶ୍ ସାମ୍ରାଜ୍ୟର ଏହି ୨୦୦ରୁ ଅଧିକ ପିରାମିଡ୍‌ର ସଂରକ୍ଷଣ କାର୍ଯ୍ୟ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏହା କ୍ଷତିଗ୍ରସ୍ତ ହେବାର ଭୟ ଦେଖାଦେଇଛି। ହର୍ମୁଜ ପ୍ରଣାଳୀ ଚୁକ୍ତିନାମା ଆମେରିକାର ବାଣିଜ୍ୟିକ କଟକଣା କୋହଳ କରିବା ଉପରେ ନିର୍ଭର କରୁଥିବା ବେଳେ, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣ ଏବଂ ଐତିହାସିକ ସମ୍ପଦ ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ପାକିସ୍ତାନର ଦୁଇଟି ରାଜ୍ୟରେ ବ୍ୟାପୁଛି ବିଦ୍ରୋହ

ଇସଲାମାବାଦ, ୬।୮(ଏଜେନ୍ସି): ପାକିସ୍ତାନ ନିଜର ୪ଟି ପ୍ରଦେଶ ମଧ୍ୟରୁ ୨ଟି ବଡ଼ ରାଜ୍ୟ ବେଲୁଚିସ୍ତାନ ଏବଂ ଖୈବର ପାଖତୁନଖ୍ୱା (କେପିକେ)ରେ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟର ସାମ୍ନା କରୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଅଞ୍ଚଳଗୁଡ଼ିକରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏବଂ ଇସଲାମୀୟ ଆତଙ୍କବାଦୀ ସଂଗଠନଗୁଡ଼ିକର ସକ୍ରିୟତା ବୃଦ୍ଧି ପାଇଛି, ଯାହା ଦେଶର ଶାସନ ବ୍ୟବସ୍ଥା ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ପାକିସ୍ତାନର ସବୁଠାରୁ ବଡ଼ ଭୂଖଣ୍ଡ (ପ୍ରାୟ ୪୫ ପ୍ରତିଶତ) ଧାରଣ କରିଥିବା ବେଲୁଚିସ୍ତାନରେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଏବଂ ଅନ୍ୟାନ୍ୟ ସଶସ୍ତ୍ର ଗୋଷ୍ଠୀ ନିଜର ପ୍ରଭାବ ବୃଦ୍ଧି କରିଛନ୍ତି। କ୍ୱେଟା, ଖୁଜଦାର, ଏବଂ ମସ୍ତୁଙ୍ଗ ଭଳି ସହରଗୁଡ଼ିକରେ ପୋଲିସ ଷ୍ଟେସନ ଓ ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଉଛି। ଆଞ୍ଚଳିକ ଲୋକଙ୍କ ଅଭିଯୋଗ ଅନୁସାରେ, ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡୋର (ସିପିଇସି) ଏବଂ ଗ୍ୱାଦର ବନ୍ଦର ନିର୍ମାଣ ଯୋଗୁଁ ପ୍ରାକୃତିକ ସମ୍ପଦର ଶୋଷଣ ହେଉଛି। ଆଫଗାନିସ୍ତାନ ସୀମାନ୍ତରେ ଥିବା ଖୈବର ପାଖତୁନଖ୍ୱା ପ୍ରଦେଶରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଅଧିକ ଶକ୍ତିଶାଳୀ ହୋଇଛି। ଆଫଗାନିସ୍ତାନରେ ତାଲିବାନ ସରକାର ଆସିବା ପରଠାରୁ ଏହି ଅଞ୍ଚଳରେ ଟିଟିପିର ସକ୍ରିୟତା ବଢ଼ିଛି ଓ ସୁରକ୍ଷା ସଙ୍କଟ ସୃଷ୍ଟି ହୋଇଛି। ଚଳିତ ବର୍ଷ ଟିଟିପି ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ୧୪୫ରୁ ଅଧିକ ଆକ୍ରମଣ କରିସାରିଛି, ଯେଉଁଥିରେ ୪୮ ଜଣ ସୈନିକ



ପ୍ରାଣ ହରାଇଛନ୍ତି। ଡୁରାଣ୍ଡ ଲାଇନ (ସୀମାରେଖା) ନିକଟରେ ଥିବା ପ୍ରାୟ ୫୦ଟି ସୈନ୍ୟ ଚୌକିକୁ କ୍ରମାଗତ ଆକ୍ରମଣ ଭୟରେ ଖାଲି କରିବାକୁ ପଡ଼ିଛି। ଆଇଏସକେପି (ଇସଲାମିକ ଷ୍ଟେଟ୍ ଖୋରାସାନ ପ୍ରଦେଶ) ଏବଂ ଟିଟିପି ମଧ୍ୟରେ ବଢୁଥିବା ସହଯୋଗ ପାକିସ୍ତାନ ସେନା ପାଇଁ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଅନ୍ୟପଟେ, ପିଓକେରେ ଗଣତାନ୍ତ୍ରିକ ଅଧିକାର ଓ ସୁଶାସନ ଦାବିରେ ପ୍ରାୟ ୪୫ ଲକ୍ଷ ନାଗରିକଙ୍କ ଆନ୍ଦୋଳନ ଜାରି ରହିଛି। ପାକିସ୍ତାନ ସରକାର ପ୍ରାୟ ୧ ଲକ୍ଷ ସୈନ୍ୟ ମୁତୟନ କରିଛି। ବେଲୁଚିସ୍ତାନ ଓ କେପିକେରେ ସଶସ୍ତ୍ର ବିଦ୍ରୋହ ଏବଂ ପିଓକେରେ ଜନଆନ୍ଦୋଳନ ଯୋଗୁଁ ପାକିସ୍ତାନ ସରକାର ଓ ସେନା ଏକ ସମୟରେ ଅନେକ ଆଭ୍ୟନ୍ତରୀଣ ସଙ୍କଟର ସାମ୍ନା କରୁଛନ୍ତି, ଯାହା ଦେଶର ସ୍ଥିରତା ପ୍ରତି ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସେପ୍ଟେମ୍ବରରୁ ସିଜେପିର 'କ୍ୟା ବୋଲ୍‌ତି ପବ୍ଲିକ୍' ଅଭିଯାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆସନ୍ତା ସେପ୍ଟେମ୍ବରରୁ ସାରାଦେଶରେ 'କ୍ୟା ବୋଲ୍‌ତି ପବ୍ଲିକ୍' ନାମରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଦେଶର ଯୁବବର୍ଗଙ୍କୁ ଏହି ଅଭିଯାନରେ



ସାମିଲ ହେବା ପାଇଁ ପାର୍ଟିର ସଂସ୍ଥାପକ ଅଭିଜିତ୍ ଦିପ୍‌କେ ଆହ୍ୱାନ ଦେଇଛନ୍ତି।। ଛତ୍ରପତି ସମ୍ଭାଜୀନଗରରେ ଆୟୋଜିତ ଦୁଇଦିନିଆ କୋର କମିଟି ବୈଠକ ପରେ ଦିପ୍‌କେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀର ଜନ୍ତର ମନ୍ତରଠାରେ ହୋଇଥିବା ବିକ୍ଷୋଭରେ କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ବହୁ ସଂଖ୍ୟାରେ ବେକାର ଯୁବକଯୁବତୀ ମଧ୍ୟ ଭାଗ ନେଇଥିଲେ। ଦେଶରେ ବେକାରୀ ସମସ୍ୟା ଆହ୍ୱାନ ପାଲଟିଥିବାରୁ ଏହାକୁ ନେଇ ସାରା ଦେଶରେ ସିଜେପି ସଚେତନତା ଓ ବିକ୍ଷୋଭ ସୃଷ୍ଟି କରିବ। ଦିପ୍‌କେ ସ୍ପଷ୍ଟ କରିଥିଲେ ଯେ ସିଜେପି ପ୍ରତ୍ୟକ୍ଷ ରାଜନୀତି କିମ୍ବା ନିର୍ବାଚନରେ ଭାଗ ନେବ ନାହିଁ। ଭାରତକୁ ଏବେ କୌଣସି ନୂଆ ରାଜନୈତିକ ଦଳ ନୁହେଁ, ବରଂ ଏକ ଶକ୍ତିଶାଳୀ ଚାପ ସୃଷ୍ଟିକାରୀ ଗୋଷ୍ଠୀର ଆବଶ୍ୟକତା ରହିଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଯୁବବର୍ଗଙ୍କୁ 'କାକ୍ରୋଚ୍' (ଅସରପା) ବୋଲି ସମ୍ବୋଧନ କରିବା ପରେ ଆମେରିକାରେ ପଢୁଥିବା ଭାରତୀୟ ଛାତ୍ର ଅଭିଜିତ୍ ଏକ ବ୍ୟଙ୍ଗାତ୍ମକ ଅନଲାଇନ୍ ପ୍ରଚାର ଭାବେ 'କାକ୍ରୋଚ୍ ଜନତା ପାର୍ଟି' ଆରମ୍ଭ କରିଥିଲେ।



## କାର ଦୁର୍ଘଟଣାରେ ଗ୍ୟାଙ୍ଗଷ୍ଟର-ନେତା ଅତୀକଙ୍କ ପୁଅର ମୃତ୍ୟୁ

ଝାନ୍ସୀ, ୬।୮(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସୀ ଜିଲ୍ଲାରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପୂର୍ବତନ ରାଜନେତା ତଥା ଗ୍ୟାଙ୍ଗଷ୍ଟର ଅତୀକ ଅହମ୍ମଦଙ୍କ ସାନ ପୁଅ ଆବାନଙ୍କ ମୃତ୍ୟୁ ଘଟିଛି। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ସମୟରେ ନିୟନ୍ତ୍ରଣ ହରାଇ ଏକ ସଡ଼କ ବିଭାଜକ (ଡିଭାଇଡର) ସହ ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଛି। ପୁଲିସର ସୂଚନା ଅନୁସାରେ, ଏହି ଦୁର୍ଘଟଣାରେ ଆବାନଙ୍କ ସହ ତାଙ୍କ ବନ୍ଧୁ ସୋନୁଙ୍କର ମଧ୍ୟ ପ୍ରାଣହାନି ଘଟିଛି। ଏହି ଗାଡ଼ିରେ ମୋଟ ୫ ଜଣ ଯାତ୍ରୀ ପ୍ରୟାଗରାଜରୁ ଝାନ୍ସୀ ଆଡ଼କୁ ଯାଉଥିଲେ। କାନପୁର-ଝାନ୍ସୀ ରାସ୍ତାର ପୁଞ୍ଛ ଅଞ୍ଚଳରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି, ଯାହାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଝାନ୍ସୀ ଆରକ୍ଷୀ ଅଧୀକ୍ଷକ ବିବିଜିଟିଏସ ମୂର୍ତ୍ତୀ ପ୍ରାଥମିକ ତଦନ୍ତ ଆଧାରରେ ପ୍ରକାଶ କରିଛନ୍ତି ଯେ, ଗାଡ଼ିଟି ଅତ୍ୟନ୍ତ ତୀବ୍ର ଗତିରେ ଥିବାରୁ ଏହା ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଯାଇଥିଲା। ମୃତ ଆବାନ ହେଉଛନ୍ତି ଅତୀକ ଅହମ୍ମଦଙ୍କ ୫ ଜଣ ପୁଅଙ୍କ ମଧ୍ୟରୁ ସବୁଠାରୁ ସାନ। ପୂର୍ବରୁ ଅତୀକ ଅହମ୍ମଦଙ୍କ ଅନ୍ୟ ଜଣେ ପୁଅ ଅସଦ ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ବେଳେ, ଅତୀକ ଓ ତାଙ୍କ ଭାଇଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ବର୍ତ୍ତମାନ ଏହି ନୂତନ ଦୁର୍ଘଟଣା ସହ ଅତୀକ ଅହମ୍ମଦଙ୍କ ପରିବାରର ଆଉ ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।

## ଟ୍ରମ୍ପଙ୍କ ହେଲିକପ୍ଟର ନିକଟତର ହେଲା ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୬।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରୀ ହେଲିକପ୍ଟର 'ମେରିନ୍ ୱାନ୍' ନିକଟ ଦେଇ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିବା ପରେ ଏକ ବଡ଼ ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଆମେରିକାର ସଂଘୀୟ ବିମାନ ଚଳାଚଳ ପ୍ରାଧିକରଣ (ଏଫ୍ଏଏ) ଏକ ତଦନ୍ତ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୨:୩୦ ସମୟରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରୁ 'ମେରିନ୍ ୱାନ୍' ଯୋଗେ ଯାଉଥିବା ବେଳେ, ନିକଟସ୍ଥ ରୋନାଲ୍ଡ ରେଗାନ୍ ୱାଶିଂଟନ୍ ଜାତୀୟ ବିମାନବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଉଡ଼ାଣ ଭରିଥିଲା। ଉଭୟ ଆକାଶମାର୍ଗରେ ମାତ୍ର ୧.୩ କିଲୋମିଟର ପରସ୍ପରର ନିକଟତର ହୋଇଯାଇଥିଲେ। ପ୍ରାଥମିକ ତଦନ୍ତ ଅନୁସାରେ, ରାଷ୍ଟ୍ରପତି କୌଣସି ପ୍ରତ୍ୟକ୍ଷ ବିପଦରେ ନଥିଲେ ମଧ୍ୟ ସୁରକ୍ଷା ନିୟମାବଳୀର ଉଲ୍ଲଂଘନ ହୋଇଛି। ସାଧାରଣତଃ 'ମେରିନ୍ ୱାନ୍' ଉଡ଼ାଣ ଭରିବା ସମୟରେ ସମ୍ପୃକ୍ତ ବିମାନବନ୍ଦରରୁ ଅନ୍ୟ ସାଧାରଣ ବିମାନର ସେବା କିଛି ସମୟ ପାଇଁ ବନ୍ଦ ରଖାଯାଇଥାଏ। ମାତ୍ର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏସିଟି)ର ତ୍ରୁଟି ହେତୁ ଏହି ନିୟମ ପାଳନ କରାଯାଇନଥିଲା। ହେଲିକପ୍ଟରର ଚାଳକ କଣ୍ଟ୍ରୋଲ ଟାୱାରକୁ ପୂର୍ବରୁ ସୂଚନା ଦେଇଥିଲେ ମଧ୍ୟ ସଠିକ୍ ଯୋଗାଯୋଗ ହୋଇପାରିନଥିଲା। ୨୦୨୫ ଜାନୁଆରୀ ୨୯ରେ ବିମାନ ଏବଂ ହେଲିକପ୍ଟର ମଧ୍ୟରେ ଧକ୍କା ହୋଇ ୬୭ ଜଣଙ୍କ ମୃତ୍ୟୁ ଘଟିବା ପରେ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଥିଲା। ଏହି ନୂତନ ସୁରକ୍ଷା ତ୍ରୁଟି ପରେ କଣ୍ଟ୍ରୋଲ ଟାୱାରର ଅବହେଳାକୁ ନେଇ ପ୍ରାଧିକରଣ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।



# ଚାଷ କ୍ଷେତରେ ଭାଇଭଉଣୀଙ୍କୁ ମାରିଲା ଭାଲୁ, ଜଣେ ଗୁରୁତର

■ ଦୁଇ ମୃତଦେହକୁ ଜଗି ରହିଲା
■ ଅଚେତ କରି ଭାଲୁକୁ ଧରିଲା ବନ ବିଭାଗ

ନବରଙ୍ଗପୁର,୬।୮ (ସମିସ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ୍ ସୀମାନ୍ତ ଛତିଶଗଡ଼ ଅନ୍ତର୍ଗତ କାଂକେର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୧୫ କିଲୋମିଟର ଦୂର ମାର୍କାଟୋଲା ଗାଁରେ ଏକ ମାଈଭାଲୁ ଆକ୍ରମଣରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଭଉଣୀ ଗୁରୁତର ହୋଇଛି। ଗୁରୁତର ଭଉଣୀକୁ ଚିକିତ୍ସା ପାଇଁ ରାୟପୁରସ୍ଥିତ ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଭାଲୁଟି ଜଙ୍ଗଲରେ ଏକ ଛୁଆ ଭାଲୁକୁ ମାରି ଦେଇଥିଲା। ଉକ୍ତ ଘଟଣା ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ସୂଚନା ପାଇବା ପରେ ଏକ ଟିମ୍ ଛୁଆ ଭାଲୁର ମୃତଦେହକୁ ଜବତ କରିଥିଲେ। ତା ପରଦିନ ଅର୍ଥାତ ବୁଧବାର ସକାଳୁ ମାର୍କାଟୋଲା ଗାଁର ହଲାଲଖୋର ଜୁରି ଜଙ୍ଗଲ ନିକଟରେ ଥିବା ଏକ କ୍ଷେତରେ କାମ କରୁଥିବା ବେଳେ ଉକ୍ତ ମାଈ ଭାଲୁ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଏହି ସମୟରେ ତାଙ୍କ ଭଉଣୀ ଭାଇକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ଭାଲୁଟି ତାଙ୍କୁ ଆକ୍ରମଣ କରିଥିଲା। ଦୁଇ ଭାଇଭଉଣୀଙ୍କୁ ଭାଲୁଟି ରକ୍ତାକ୍ତ କରି ଝୁଣି ଦେଇଥିଲା। ଭାଇଭଉଣୀଙ୍କ ଚିତ୍କାର ଶୁଣି ନିକଟ କ୍ଷେତରେ କାମ କରୁଥିବା ଅନ୍ୟ ଜଣେ ଭଉଣୀ ମଧ୍ୟ ସେଠାରେ ପହଞ୍ଚି ଉଭୟଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଭାଲୁ ତାଙ୍କୁ ମଧ୍ୟ ପାଲଟା ଆକ୍ରମଣ କରିଥିଲା। ଫଳରେ ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ତିନି ଭାଇଭଉଣୀଙ୍କ ଚିତ୍କାର ଶୁଣି ପାଖ କ୍ଷେତରେ କାମ କରୁଥିବା ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ, ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ କର୍ମଚାରୀ ମଧ୍ୟ ପହଞ୍ଚିଥିଲେ। ବନ କର୍ମଚାରୀ ଏବଂ ଗ୍ରାମବାସୀ କୌଣସି ପ୍ରକାରେ ଆହତ ଭଉଣୀଙ୍କୁ ଉଦ୍ଧାର କରି କାଙ୍କେର ମେଡିକାଲ କଲେଜକୁ ପଠାଇଥିଲେ। ଏହା ଭିତରେ ଦୁଇ ଭାଇଭଉଣୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇ ସାରିଥିଲା। ଭାଲୁଟି ଦୁଇ ମୃତ ଶରୀରକୁ ଜମି ରହିଥିଲା। ଲୋକେ ମୃତଦେହ ପାଖରେ ପହଞ୍ଚିବା ମାତ୍ରେ ଭାଲୁଟି ଲୋକଙ୍କୁ ଗୋଡ଼ାଉ ଥିଲା। ପ୍ରାୟ ଚାରି ଘଣ୍ଟା ପରେ ରାୟପୁରରୁ ବିଶେଷଜ୍ଞ ଟିମ୍ ପହଞ୍ଚି ଟ୍ରାଙ୍କୁଲାଇଜର ସାହାଯ୍ୟରେ ଭାଲୁକୁ ଅଚେତ କରି ନିୟନ୍ତ୍ରଣ କରିଥିଲେ। ଭାଲୁକୁ ନେଇଯିବା ପରେ ଉଭୟ ଭାଇଭଉଣୀଙ୍କ ମୃତଦେହ ଜବତ ହୋଇଥିଲା। ଭାଲୁଟି ଗୋଟିଏ ପରିବାର ତିନି ଭାଇଭଉଣୀଙ୍କୁ ଆକ୍ରମଣ କରିବା ଘଟଣା ସମଗ୍ର ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

# ୩ ବ୍ଲକ୍‌ର ୩୦ ସ୍କୁଲ୍‌ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ

## ଦଶଦିନ ହେଲା ୩୦ଟି ସ୍କୁଲ ଛୁଟି; ପାଠପଢ଼ା ଠପ୍





ଭଦ୍ରକ,୬।୮ (ସମିସ): ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ହ୍ରାସ ପାଇଥିଲେ ହେଁ ଏବେ ବି ୩ଟି ବ୍ଲକ୍‌ର ୩୦ ସ୍କୁଲ (ପ୍ରାଇମେରୀ, ଅପର ପ୍ରାଇମେରୀ ଓ ହାଇସ୍କୁଲ)ରେ ଲହଡ଼ି ଭାଙ୍ଗୁଛି ବନ୍ୟାଜଳ। ଫଳରେ ଗତ ୨୮ ତାରିଖଠାରୁ ଏହି ୩୦ଟି ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ଯାହାକି ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି।

ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଗତ ମାସ ୨୮ ତାରିଖରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ପରେ ଏହି ଛୁଟି ବଳବତ୍ତର ରହିଥିଲା। ତେବେ ବନ୍ୟା ସ୍ଥିତିରେ ସୁଧାର ହେବା ପରେ ସ୍କୁଲଗୁଡ଼ିକୁ ଖୋଲାଯାଇଥିଲା। ଏବେ ବି ଜିଲ୍ଲାର ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍‌ର ୩୦ଟି ସ୍କୁଲକୁ ବନ୍ୟା ଜଳବନ୍ଦି କରି ରଖିଛି। ତେଣୁ ଉକ୍ତ ୩୦ଟି ସ୍କୁଲରେ ପାଠପଢ଼ା ଠପ୍ ହୋଇଯାଇଛି। ଏହି ବ୍ଲକ୍‌ଗୁଡ଼ିକ ହେଲା- ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍। ତିହିଡ଼ି ବ୍ଲକ୍‌ର ୩ଟି ପଞ୍ଚାୟତ ଶ୍ୟାମସୁନ୍ଦରପୁର, ବାରସର ଓ କାଁପଡା ପଞ୍ଚାୟତରେ ସର୍ବାଧିକ ୧୨ଟି ସ୍କୁଲ ଏବେ ବନ୍ୟା ପାଣି ଘେରରେ ରହିଛି। ସ୍କୁଲର ବାହାରେ ଓ ଭିତରେ ବନ୍ୟା ପାଣିର ସୁଅ ଛୁଟିଛି। ଏହି ସ୍କୁଲଗୁଡ଼ିକ ମଧ୍ୟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବାଲିଘାଇ ପ୍ରାଇମେରୀ ସ୍କୁଲ, ଇଶାଣପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଗୋପାଳପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ନୂଆସାହି ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ଓ ବାଲିସାହି ପ୍ରାଇମେରୀ ସ୍କୁଲ। ସେହିଭଳି ଏହି ବ୍ଲକ୍‌ର ବନ୍ୟାପ୍ଲାବିତ ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ପ୍ରାଇମେରୀ ସ୍କୁଲ, ନୂଆବନ୍ଧ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କାଞ୍ଜିଆପଟା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, କେଳାସାହି ପ୍ରାଇମେରୀ ସ୍କୁଲ, ଚକରାସାହି ପ୍ରାଇମେରୀ ସ୍କୁଲ ଓ ଉଡ଼ଁରିବାଙ୍କ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ। ତିହିଡ଼ି ବ୍ଲକ୍ କାଁପଡ଼ା ପଞ୍ଚାୟତ ଅଧୀନରେ ଥିବା ବରଣାକୂଳ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ମଧ୍ୟ ବନ୍ୟାଘେରରେ ରହିଛି। ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକ୍ ଆରଡ଼ି ପଞ୍ଚାୟତ ଅଧୀନ ମୁଆଁ ଅପର ପ୍ରାଇମେରୀ ସ୍କୁଲ ଓ ସନ୍ତରା ପ୍ରାଇମେରୀ ସ୍କୁଲ, ନାନ୍ଦପୁର ପଞ୍ଚାୟତ ଅଧୀନ ବାଙ୍କମୁହାଁ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଘଟପୁର ପଞ୍ଚାୟତ ମାଝୀସାହି ପ୍ରୋଜେକ୍ଟ ସ୍କୁଲ, ମାଧପୁର ପଞ୍ଚାୟତ ଅଧୀନ କୃଷ୍ଣପୁରପଡ଼ା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ, ଖେରଙ୍ଗ କାଛିସାହି ପ୍ରାଇମେରୀ ସ୍କୁଲ ସହ ଅନ୍ୟ ସ୍କୁଲଗୁଡ଼ିକୁ ମିଶାଇ ମୋଟ୍ ୧୦ଟି ସ୍କୁଲ ଜଳବନ୍ଦି ହୋଇ ରହିଛି। ଅନୁରୂପଭାବେ ବାସୁଦେବପୁର ବ୍ଲକ୍‌ର ୨ଟି ପଞ୍ଚାୟତ ଲୁଙ୍ଗା ଓ ଦଧିବାମନପୁର ପଞ୍ଚାୟତର ୮ଟି ସ୍କୁଲ ବନ୍ୟା ପାଣି ଘେରରେ ରହିଛି। ୩ଟି ବ୍ଲକ୍‌ର ଏହି ୩୦ଟି ସ୍କୁଲ ବନ୍ୟାଘେରରେ ଥିବାରୁ ଏହାକୁ ଛୁଟି କରାଯାଇଛି। ସ୍ୱାଭାବିକ ହେବାକୁ ପ୍ରାୟ ଆଉ ୧ ସପ୍ତାହ ଅଧିକ ସମୟ ଲାଗିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବନ୍ୟା ଯୋଗୁଁ ସମ୍ପୃକ୍ତ ୩୦ଟି ସ୍କୁଲ ବନ୍ଦ ରହିଥିବାରୁ ସେ ଅଞ୍ଚଳର ପିଲାମାନଙ୍କର ପାଠପଢ଼ା ମଧ୍ୟ ବ୍ୟାହତ ହୋଇଥିବା ପରିଲକ୍ଷିତ ହୋଇଛି।

## ସାନଟେମେରା ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥା

# ହଷ୍ଟେଲ ଛାଡ଼ି ପଳାଇଲେ ଶତାଧିକ ଛାତ୍ର

■ ୩ ଶ୍ରେଣୀ ଗୃହରେ ରହୁଛନ୍ତି ୧୪୦ ଅନ୍ତେବାସୀ
■ ଶୌଚ ପାଇଁ ୧କିମି ଦୂର ନାଳ ଉପରେ ଭରସା
■ ମିଳୁଛି ନିମ୍ନମାନର ଖାଦ୍ୟ



ନବରଙ୍ଗପୁର/ଝରିଗାଁ,୬।୮ (ସମିସ): ସରକାର କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସାନଟେମେରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଭିତ୍ତିଭୂମି ଅଭାବ ସହ ଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଯୋଗୁଁ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ପ୍ରାୟ୧୪୦ ଛାତ୍ର ଅସନ୍ତୁଷ୍ଟ ହୋଇ ହଷ୍ଟେଲ ଛାଡ଼ି ପଳାଇଥିଲେ। ବିଦ୍ୟାଳୟକୁ ଶିକ୍ଷକ ଆସିବା ପୂର୍ବରୁ ସକାଳ ପ୍ରାୟ ୯ ଟାରୁ ହାତରେ ବ୍ୟାଗ୍ ଧରି ଘର ମୁହାଁ ହୋଇଥିଲେ। ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା, ଏବିଇଓ ଦଶରଥ ଗଣ୍ଡ, ସିଆର୍‌ସିସି ପଦାରବିନ୍ଦ୍ ମହଲିକ, ଡବ୍ଲୁଇଓ ଅମିତ୍ କୁମାର ନାୟକ ପ୍ରମୁଖ ଛାତ୍ରାବାସରୁ ବାହାରିଥିବା ଛାତ୍ରମାନଙ୍କୁ ଅଧରାସ୍ତାରେ ବୁଝାସୁଝା କରିଥିଲେ। ବିଦ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂର ଦୁକାଲୁପଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସେମାନଙ୍କୁ ସମସ୍ତ ଶିକ୍ଷକଙ୍କ ସହଯୋଗରେ ଅଟକ ରଖାଯାଇ ଭାତ ଡାଲମା ଖାଇବାକୁ ଦିଆଯାଇଥିଲା।

ସୂଚନାଯୋଗ୍ୟ, ସାନଟେମେରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ୩ ଶହ ୬୧ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ୨୦୧୭ ମସିହାରେ ଶ୍ରେଣୀ ଗୃହରେ ଏକ ଛାତ୍ରାବାସ ଖୋଲାଯାଇଥିଲା। ୨ଶହ ବିଶିଷ୍ଟ ଏହି ଛାତ୍ରାବାସରେ ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର, ପାପଡାହାଣ୍ଡି ଆଦି ବ୍ଲକରୁ ପ୍ରାୟ ୧୪୦ ଛାତ୍ର ବହୁ ଅସୁବିଧାରେ ରହୁଛନ୍ତି। ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଭଙ୍ଗା ପାଇଖାନା ଗୃହ ସହ ଶୌଚାଳୟର ଅଭାବ ରହିଥିବାରୁ ସେମାନେ ଶୌଚ ପାଇଁ ବିଦ୍ୟାଳୟ ଠାରୁ ପ୍ରାୟ ୧ କିମି ଦୂରରେ ରହିଥିବା ଏକ ନାଳ ଉପରେ ଭରସା କରୁଛନ୍ତି। ପିଲାଙ୍କ ପାଇଁ ଯେଉଁ ସବୁ ଖେଳଣା ଯଥା ଫୁଟବଲ ଓ ଅନ୍ୟ ଜିନିଷପତ୍ର ରହିଛିତାକୁ ପ୍ରଧାନ ଶିକ୍ଷୟିତ୍ରୀ ଛୁଇଁବାକୁ ଦେଉ ନଥିବା ଅଭିଯୋଗ ହେଉଛି। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ଅସ୍ୱୀକାର କରିବା ସହ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ବ୍ଲକ୍ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ସାନଟେମେରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମିର ସମସ୍ୟା ନେଇ ଜାଣିଥିଲେ ମଧ୍ୟ ଆନ୍ତରିକତା ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା କୁହାଯାଉଛି।

# ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ହଷ୍ଟେଲରେ ଝାଡ଼ାବାନ୍ତି

## ୧୯ ଜଣ ଛାତ୍ରୀ ମେଡିକାଲରେ ଭର୍ତ୍ତି



କପ୍ତିପଦା, ୬।୮ (ସମିସ): କପ୍ତିପଦା ବ୍ଲକ ବଡ଼ସିମୁଳିଆ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ଝାଡ଼ବାନ୍ତି ବ୍ୟାପିଛି। ଉକ୍ତ ହଷ୍ଟେଲର ୧୯ ଜଣ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତକାଲି ରାତିରେ ୨୭୫ ଶଯ୍ୟା ବିଶିଷ୍ଟ ଏସଏସଡି ହଷ୍ଟେଲରେ ଛାତ୍ରୀଙ୍କୁ ମାଛ ଓ ଭାତ ଖାଇବାକୁ ଦିଆଯାଇଥିଲା। ତେବେ ପିଲାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଆଜି ସେମାନଙ୍କର ବାନ୍ତି ହେବା ସହିତ ଝାଡ଼ା ହୋଇଥିଲା। ଯଦ୍ୱାରା ଛାତ୍ରୀମାନେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଏବେ ୧୯ରୁ ଅଧିକ ଅନ୍ତେବାସୀ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କପ୍ତିପଦାରୁ ଏକ ମେଡିକାଲ ଟିମ୍ ବିଦ୍ୟାଳୟରେ ପହଞ୍ଚି ସମସ୍ତ ଅନ୍ତେବାସିନୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ତେବେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପିଲା, ତାହାର କାରଣ ଖୋଜାଯାଉଛି। ଖାଦ୍ୟରେ ଅନିୟମିତତା ନା ଅନ୍ୟ କ'ଣ କାରଣ ରହିଛି, ତାହାର ଯାଞ୍ଚ କରାଯାଉଛି।

## ୨୦୨୧ରୁ ୨୦୨୩ ମଧ୍ୟରେ ଜଙ୍ଗଲ ବଢ଼ିଛି ୧୫୨ ବର୍ଗ କିଲୋମିଟର


# ଗତ ୫ ବର୍ଷରେ କେନ୍ଦ୍ର ଦେଇଛି ମାତ୍ର ୧୧୩ କୋଟି ଆର୍ଥିକ ସହାୟତା

ନୂଆଦିଲ୍ଲୀ/ଭୁବନେଶ୍ୱର (ସମିସ): ଗତ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ ୧୫୨ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି। ରାଜ୍ୟସଭାରେ ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏହି ସୂଚନା ଦେଇଛନ୍ତି। ତେବେ ବିଡ଼ମ୍ବନା ହେଉଛି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଜଙ୍ଗଲ ବୃଦ୍ଧି ନିମନ୍ତେ ମାତ୍ର ୧୧୩ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ମନ୍ତ୍ରୀ ମଧ୍ୟ ଏହି ଅବସରରେ ସ୍ୱୀକାର କରିଛନ୍ତି । ଅର୍ଥାତ୍ ଜଙ୍ଗଲ ବୃଦ୍ଧି ନିମନ୍ତେ ଗତ ୫ ବର୍ଷରେ ଓଡ଼ିଶା ବାର୍ଷିକ ହାରାହାରି ୨୨.୬ କୋଟି ଟଙ୍କା ଆର୍ଥିକ ସହାୟତା ପାଇଛି ।

ମନ୍ତ୍ରୀ କହିଛନ୍ତି ଯେ ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ୨୦୨୩ ଅନୁସାରେ ଓଡ଼ିଶାରେ ମୋଟ ଜଙ୍ଗଲ ଆବରଣ ୫୨,୪୩୩.୫୬ ବର୍ଗ କିଲୋମିଟରରେ ପହଞ୍ଚିଛି। ୨୦୨୧ ରିପୋର୍ଟ ତୁଳନାରେ ରାଜ୍ୟର ଜଙ୍ଗଲ ପରିମାଣ ୧୫୧.୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି। ଡ଼େରାଡୁନସ୍ଥିତ ବନ ସର୍ବେକ୍ଷଣ ସଂସ୍ଥା (ଏଫ୍‌ଏସ୍‌ଆଇ) ପ୍ରତି ଦୁଇ ବର୍ଷରେ ଉପଗ୍ରହ ଚିତ୍ର, ଜାତୀୟ ବନ ତାଲିକା ଆଧାରରେ ଦେଶର ଜଙ୍ଗଲ ଆବରଣର ଆକଳନ କରିଥାଏ। ସେହି ଆକଳନ ଅନୁଯାୟୀ ଓଡ଼ିଶା ଦେଶର ଅନ୍ୟତମ ବୃହତ୍ ବନାଞ୍ଚଳ ରାଜ୍ୟ ଭାବେ ନିଜ ସ୍ଥାନ ବଜାୟ ରଖିଛି। ଗତ ପାଞ୍ଚ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାରେ ବନୀକରଣ ଓ ବନ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ଅଧୀନରେ ୧୧୩.୨୬ କୋଟି ଟଙ୍କାରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଗ୍ରୀନ୍ ଇଣ୍ଡିଆ ମିଶନ ଅଧୀନରେ ୩୮.୮୧ କୋଟି ଟଙ୍କା, ବନ୍ୟପ୍ରାଣୀ ବାସସ୍ଥଳୀ ବିକାଶ ଯୋଜନା ପାଇଁ ୩୮.୬୬ କୋଟି ଟଙ୍କା, ଫରେଷ୍ଟ ଫାୟାର ପ୍ରିଭେନ୍ସନ୍ ଆଣ୍ଡ ମ୍ୟାନେଜମେଣ୍ଟ ଯୋଜନାରେ ୧୬.୩୮ କୋଟି ଟଙ୍କା, ମିଷ୍ଟି ଯୋଜନାରେ ୭୦ ଲକ୍ଷ ଟଙ୍କା ଏବଂ ନଗର ବନ ଯୋଜନା ପାଇଁ ୧୮.୭୧ କୋଟି ଟଙ୍କା ସାମିଲ ରହିଛି।

ଏହି ଯୋଜନାଗୁଡ଼ିକ ଅଧୀନରେ ବ୍ୟାପକ ବୃକ୍ଷରୋପଣ, ବନ୍ୟପ୍ରାଣୀ ବାସସ୍ଥଳୀର ଉନ୍ନତି, ଜଙ୍ଗଲରେ ଅଗ୍ନିକାଣ୍ଡ ରୋକିବା ଓ ପରିଚାଳନା, ଉପକୂଳ ଅଞ୍ଚଳରେ ମ୍ୟାଙ୍ଗ୍ରୋଭ୍ ବୃକ୍ଷରୋପଣ, ସହରାଞ୍ଚଳରେ ନଗର ବନର ବିକାଶ, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ ସହ ଇକୋ-ଡେଭେଲପମେଣ୍ଟ ଭଳି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# କାଠ ଫାଳିଆରେ ପିଟି ପୁଅକୁ ହତ୍ୟାକଲା ବାପା



କଳମପୁର,୬।୮ (ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ବାପାର କାଠ ପାଳିଆରେ ପୁଅର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, କଳମପୁର ଥାନା ଅଧୀନ ନୁଆଗୁଡ଼ା ଗ୍ରାମର ମାନସିଂ ଗହିର ଓ ପୁଅ ଆଲୋକ ରଞ୍ଜନ ଗହିରଙ୍କ ମଧ୍ୟରେ ବୁଧବାର ରାତିରେ କୌଣସି କାରଣବଶତଃ ବଚସା ହୋଇଥିଲା। ଏଥିରେ ରାଗିଯାଇ ବାପା ମାନସିଂ ଏକ କାଠ ଫାଳିଆରେ ପୁଅ ଆଲୋକକୁ ଆକ୍ରମଣ କରିଥିଲା। ଫଳରେ ଆଲୋକ ସେହିଠାରେ ଟଳିପଡ଼ିଥିଲା। ଗୁରୁତର ଅବସ୍ଥାରେ ଆଲୋକଙ୍କୁ ବଡ଼ଭାଇ ଦୀପକ ଗହିର ପଡ଼ୋଶୀ ମିଶି କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଆଶୁତୋଷ ପରିଡ଼ା ଆଲୋକକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ କଳମପୁର ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ଅଭିଯୁକ୍ତ ମାନସିଂଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ଆଲୋକ ରଞ୍ଜନ ପଡିଯାଇଥିବା ସ୍ଥାନର ରକ୍ତଛିଟା ସଂଗ୍ରହ କରିଥିଲା। ମାମଲା ରୁଜୁ ହେବାପରେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଆଜି ଅପରାହ୍ନରେ ଅଭିଯୁକ୍ତ ମାନସିଂଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। କଳମପୁର ଥାନା ଅଧିକାରୀ ସୁନିଲୋ କଣ୍ଡାଗୋରି ତଦନ୍ତ କରୁଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬

# ୫୮.୩୬ ଲକ୍ଷ ଲୋକଙ୍କୁ ନୋଟିସ

■ ୩୦.୧୧ ଲକ୍ଷଙ୍କର ସରିଲାଣି ଶୁଣାଣି
■ ଆସନ୍ତା ୧୯ ଯାଏଁ କରିହେବ ଆବେଦନ

ଭୁବନେଶ୍ୱର,୬।୮ (ସମିସ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟବ୍ୟାପୀ ଲୋକଙ୍କଠାରୁ ଦାବି, ଆପତ୍ତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ଯାଏଁ ଜାରି ରହିବ। ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟରମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେହିପରି ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି। ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ ରେ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି। ସେହିପରି ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି। ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି।

## ବହି ତ୍ରୁଟିକୁ ନେଇ ତେଜୁଛି ରାଜନୀତ: ଆଜି ଗାନ୍ଧୀମାର୍ଗରେ 'ଶିକ୍ଷା ବଞ୍ଚାଓ' ଆନ୍ଦୋଳନ

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତୀବ୍ର

ଭୁବନେଶ୍ୱର, ୫।୮ (ସମିସ): ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ବିବାଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା, ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ସଂଶୋଧିତ ପୁସ୍ତକରେ ମଧ୍ୟ ଭୁଲ ରହିଥିବା ଅଭିଯୋଗକୁ କେନ୍ଦ୍ର କରି ରାଜ୍ୟରେ ଅସନ୍ତୋଷ ବଢ଼ିଛି। ଏହାର ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱରର ଗାନ୍ଧୀମାର୍ଗରେ ବିଶାଳ ଶିକ୍ଷା ବଞ୍ଚାଓ ଆନ୍ଦୋଳନ ଡ଼ାକରା ଦିଆଯାଇଛି ଏବଂ ଏଥିରେ ଶିକ୍ଷକ ସଂଗଠନ, ଅଭିଭାବକ ସଂଘ, ଛାତ୍ର ସଂଗଠନ ଓ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେବେ। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବଦଳରେ ପୁରୁଣା ପୁସ୍ତକ ପୁନଃ ପ୍ରଚଳନ, ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ, ପୁରୁଣା ପେନସନ ବ୍ୟବସ୍ଥା ଫେରାଇବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି ।

ରାଜ୍ୟରେ ସ୍କୁଲ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ବାହାରିବା ପରେ ସରକାର ସଂଶୋଧିତ ପୁସ୍ତକ ପ୍ରଦାନ ପାଇଁ ଘୋଷଣା କରିଥିଲେ । କିନ୍ତୁ ସଂଶୋଧିତ ସଂସ୍କରଣରେ ମଧ୍ୟ ଅନେକ ଭୁଲ ରହିଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ପୂର୍ବରୁ ପ୍ରଚଳିତ ପୁସ୍ତକକୁ ଫେରାଇ ଆଣିବା ପାଇଁ ଶିକ୍ଷାବିତ୍ ଓ ଅଭିଭାବକମାନେ ଦାବି କରିଛନ୍ତି । ଜାତୀୟ ଫେଡେରେସନ୍ ଅଫ୍ ମୁଭମେଣ୍ଟ ଫର୍ ଏଡୁକେସନ୍‌ର ଜାତୀୟ ଆବାହକ ଅମିୟ ମହାନ୍ତି କହିଛନ୍ତି ଏହା କେବଳ ଓଡ଼ିଶାର ପ୍ରସଙ୍ଗ ନୁହେଁ, ବରଂ ସାରା ଦେଶରେ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ଏହି ଆନ୍ଦୋଳନ ହେଉଛି। ଭାରତୀୟ ଅଭିଭାବକ ସଂଘର ଓଡ଼ିଶା ସଭାପତି ପ୍ରଦୀପ ନାୟକ କହିଛନ୍ତି ଯେ ପିଲାମାନଙ୍କ ଭବିଷ୍ୟତ ସହ ଖେଳ କରାଯାଉଛି ଏବଂ ସରକାର ଏହାର ଜବାବ ଦେବାକୁ ବାଧ୍ୟ।

ଏହି ଆନ୍ଦୋଳନରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଙ୍କୁ ମଧ୍ୟ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏଆଇଏସଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି ଯେ ପାଠ୍ୟପୁସ୍ତକରେ ଏତେ ପରିମାଣର ତ୍ରୁଟି ଥିବା ସତ୍ତ୍ୱେ ସରକାରଙ୍କ ନୀରବତା ଅତ୍ୟନ୍ତ ଦୁଃଖଦ। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ସରକାର ସ୍ପଷ୍ଟ ନୀତି ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାର ଭବିଷ୍ୟତ ପିଢ଼ିକୁ ଅନ୍ଧକାର ଆଡ଼କୁ ଠେଲି ଦେଇଛି। ଦଳର ଅଭିଯୋଗ ଅନୁସାରେ ଏପର୍ଯ୍ୟନ୍ତ ଅନେକ ଛାତ୍ରଛାତ୍ରୀଙ୍କ ହାତରେ ପାଠ୍ୟପୁସ୍ତକ ପହଞ୍ଚିନାହିଁ। ଏଭଳି ସ୍ଥିତିରେ ଶିକ୍ଷାବର୍ଷର ବଡ଼ ଅଂଶ ନଷ୍ଟ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ପିଲାମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନର ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରନ୍ତୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଦରୁ ହଟାନ୍ତୁ। ନଚେତ୍ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଭୁବନେଶ୍ୱରର ଆନ୍ଦୋଳନ ପରେ ପରବର୍ତ୍ତୀ ପର୍ଯ୍ୟାୟରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରିବାକୁ ମଧ୍ୟ ଯୋଜନା ରହିଛି ବୋଲି ସେମାନେ କହିଛନ୍ତି ।

## ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ ବ୍ୟାଙ୍କରେ ୬୪.୪୨ ଲକ୍ଷ ଟଙ୍କା ହେରଫେର

# ବହଳଦା ଶାଖାର ୨ ପ୍ରାକ୍ତନ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ



ବାରିପଦା, ୬।୮ (ସମିସ): ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ୍ (ଏମସିସି) ବ୍ୟାଙ୍କ ଲିମିଟେଡ୍‌ର ବହଳଦା ଶାଖାରେ ହୋଇଥିବା ପ୍ରାୟ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଗୁରୁବାର ଦୁଇଜଣ ପ୍ରାକ୍ତନ ବ୍ୟାଙ୍କ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଶାଖାର ପ୍ରାକ୍ତନ ମ୍ୟାନେଜର ଦିବେନ୍ କୁମାର ମିଶ୍ର ଓ ପ୍ରାକ୍ତନ କର୍ମଚାରୀ ମଲୟ କୁମାର ଦତ୍ତ। ଓଡ଼ିଶା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ରୁ ୨୦୨୪ ମଧ୍ୟରେ ଅଭିଯୁକ୍ତମାନେ ବ୍ୟାଙ୍କର ଅନ୍ୟ ୩ ଜଣ ସହଯୋଗୀ କର୍ମଚାରୀଙ୍କ ସହ ମିଶି ଜାଲିଆତି କରିଥିଲେ। ଗ୍ରାହକଙ୍କ ଅଜାଣତରେ ଓ ବିନା ସମ୍ମତିରେ ସେମାନଙ୍କର ୨୪ଟି ଅସଲି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ବିପରୀତରେ କାଗଜପତ୍ର ଜାଲିଆତି କରି ନକଲି 'ଲୋନ୍ ଏଗେନଷ୍ଟ ଟର୍ମ ଡିପୋଜିଟ୍' ଆକାଉଣ୍ଟ ଖୋଲାଯାଇଥିଲା। ଏହି ଚକ୍ରାନ୍ତ ମାଧ୍ୟମରେ ଅଭିଯୁକ୍ତମାନେ ସମୁଦାୟ ୬୪,୪୨,୦୭୪ ଟଙ୍କା ହଡ଼ପ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିଲେ। ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୫।୮।୨୦୨୬ ତାରିଖରେ ମାମଲା ନଂ-୧୪ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ୍, ୨୦୧୮ର ଧାରା ୧୩(୨) ଆର/ଡବ୍ଲ୍ୟୁ ୧୩(୧)(ଏ) ଓ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ୪୦୯/୧୨୦-ବି ଦଫାରେ ଏହି କେସ୍ ଦାୟର ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି ବାରିପଦାସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସକାଳ THE SAKALA



# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ବିରୁଦ୍ଧରେ ସିପିଆଇ ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ରାଉରକେଲା, ୬।୮ (ସମିସ)

ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜାତୀୟ ପରିଷଦ ଆହ୍ୱାନ କ୍ରମେ ରାଉରକେଲା ଜୋନ୍ କମିଟି ପକ୍ଷରୁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ବେକାରୀ ବିରୁଦ୍ଧରେ ସିପିଆଇ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ରାଉରକେଲାରୁ ଆରମ୍ଭ ହୋଇଛି। ଏକଛତ୍ରବାଦୀ ବିଜେପି ଶାସନରେ ଶୋଷଣ, କଷଣ, ଜାତି- ଧର୍ମ ନାମରେ ଜନଗଣଙ୍କୁ ବିଭାଜନ, ଘୃଣା, ହିଂସା, ଅତ୍ୟାଚାର, ନାରୀ ନିର୍ଯ୍ୟାତନା, ଜିଏସଟି ନାମରେ ଜନଗଣଙ୍କ ରକ୍ତ ଶୋଷଣ, ଦେଶର ସମସ୍ତ ସମ୍ବଳ ହାତଗଣତି ରାହୁ ପୁଞ୍ଜିପତିଙ୍କ ପାଦତଳେ ସମର୍ପଣ କରି ଦେଶକୁ କାଙ୍ଗାଳ କରିବା, ରାଜ୍ୟ ଓ ଦେଶରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ବିରୁଦ୍ଧରେ, ରାଉରକେଲାରେ ଇଏସଆଇ ମେଡିକାଲ କଲେଜ ପ୍ରତିଷ୍ଠା, ବ୍ରାହ୍ମଣୀ ନଦୀର ସୁରକ୍ଷା ଆଦି ଦାବିରେ ଏହି ଜନସମ୍ପର୍କ ପଦଯାତ୍ରା ସହରର ବିଶ୍ରା ଛକ ଠାରୁ ଆରମ୍ଭ ହୋଇ ଏଡିଏମ୍ ଅଫିସ୍ ପର୍ଯ୍ୟନ୍ତ ଆସିଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ମହେଶ୍ୱର ରାଉତ ଏହି ଶୋଭାଯାତ୍ରାକୁ ଉଦଘାଟନ କରଥିବା ବେଳେ ସିପିଆଇ ଜିଲ୍ଲା




ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ଅତିଥି ଭାବରେ ଯୋଗ ଦେଇଥିଲେ।

ଦେଶର ସର୍ବାଧିକ ସମୟ ଶାସନରେ ଥାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଜନଗଣଙ୍କୁ ବିଶେଷକରି ଶ୍ରମିକ, କୃଷକଙ୍କୁ ଶୋଷଣ, ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରି ପରୀକ୍ଷାରେ ପ୍ରଶ୍ନପତ୍ର ବିକ୍ରି ପାଇଁ ଏନଟିଏ, ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ନାମରେ ଶିକ୍ଷାର ଘରୋଇକରଣ, ବ୍ୟବସାୟିକରଣ, ସାମ୍ପ୍ରଦାୟିକରଣ, ଅବୈଜ୍ଞାନିକ ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା ଧ୍ୱଂସ କରି ଦେଇଛନ୍ତି ବୋଲି ଅତିଥି ଦ୍ୱୟ ମତବ୍ୟକ୍ତ କରିଥିଲେ। ଜୋନାଲ ସମ୍ପାଦକ ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁପମ ଦତ୍ତ, ରମେଶ ଚନ୍ଦ୍ର ସେଠୀ ବକ୍ତବ୍ୟ ଦେଇ ସୁନ୍ଦରଗଡ଼ ଜିଲ୍ଲାରେ ଖଣିଜ ସମ୍ପଦର ହରିଲୁଟ, ଦାଦନ ସମସ୍ୟା ବଢ଼ିବଢ଼ି ଚାଲିଛି ବୋଲି କହିଥିଲେ। ଏହି ଜନସମ୍ପର୍କ ପଦଯାତ୍ରା ଅଗଷ୍ଟ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରକୁ ଘର ଯିବା ସହ ୧ ସେପ୍ଟେମ୍ବରରେ ଦିଲ୍ଲୀ ଚାଲ, ପରିବର୍ତ୍ତନ ଜରୁରୀ ମହାସମାବେଶ ରାମଲୀଳା ମଇଦାନରେ ସଫଳତା ପାଇଁ ସିପିଆଇ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

ଏହି ଅବସରରେ ପ୍ରତ୍ୟେକ ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ଦିଆଯିବା, ଦରଦାମ ବୃଦ୍ଧି ବନ୍ଦ କରିବା, ମହିଳା ସଂରକ୍ଷଣ ବିଲକୁ କାର୍ଯ୍ୟକାରୀ କରିବା, ଏମ୍ଏସ୍‌ପି ପାଇଁ ଆଇନଗତ ଗ୍ୟାରେଣ୍ଟି ଦିଆଯିବା, ନିର୍ବାଚନରେ ବାଲାଟ୍ ପେପର ବ୍ୟବସ୍ଥା କରିବା ସହ ଏନଟିଏକୁ ବାତିଲ କରିବା, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି, ଆରଏମ୍‌ସିରେ ହୋଇଥିବା ଦୁର୍ନୀତିରେ ତଦନ୍ତ, ବିସ୍ଥାପିତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ, ବ୍ରାହ୍ମଣୀ ନଦୀର ସୁରକ୍ଷା, ଆଦିବାସୀ, କୃଷକ ଓ ଅସଙ୍ଗଠିତ ଶ୍ରମିକଙ୍କୁ ଋଣ ମୁକ୍ତ କରିବା ଇତ୍ୟାଦି ଦାବୀ ନେଇ ଅଗଷ୍ଟ ୬ରୁ ଆରମ୍ଭ ହୋଇଥିବା ଅଭିଯାନ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପି ଚାଲିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଗ୍ୟଧର ରାଉତ, କାର୍ତ୍ତିକ ନାୟକ, ଅଜୟ ବା।ରା, ପଞ୍ଚାନନ ସୁନା, ସନ୍ତୋଷ ଲେହେରି, ଅଶୋକ ଏକ୍କା, ପ୍ରକାଶ ପଟ୍ଟନାୟକ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ।

### କଷ୍ଟ ଆକାଉଣ୍ଟ ପରୀକ୍ଷା

## ରାଉରକେଲାର ଅଭିପ୍ସା ରାଜ୍ୟ ଟପ୍ପର

**ରାଉରକେଲା, ୬।୮ (ସମିସ):** ଦି ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟସ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ପରୀକ୍ଷା ଫଳରେ ରାଉରକେଲା ଛେଣ୍ଡ କଲୋନୀର ଝିଅ ଅଭିପ୍ସା ବିଶ୍ୱାଳ କମାଲ କରି ରାଉରକେଲା ସହର ପାଇଁ ଗୌରବ ଆଣିଛନ୍ତି। ଦି ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ କଷ୍ଟ ଆକାଉଣ୍ଟାଣ୍ଟ (ସିଏମଏ) ପରୀକ୍ଷାରେ ଅଭିଲିପ୍ସା ସର୍ବଭାରତୀୟ ସ୍ତରରେ ୪୩ ନମ୍ବର ରାଙ୍କରେ ରହିବା ସହ ଓଡ଼ିଶାରେ ଟପ୍ପର ହୋଇଛନ୍ତି। ଛେଣ୍ଡ କଲୋନୀର ଫେଜ୍-୧ ଏଲସିଆର-୪୩୫ ନିବାସୀ ବାମନ ଚରଣ ବିଶ୍ୱାଳ ଓ ନଳିନୀପ୍ରଭା ବିଶ୍ୱାଳଙ୍କ ଝିଅ ଅଭିପ୍ସା ସେଣ୍ଟ ଆରନୋଲ୍ଡ ସ୍କୁଲରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ କରିବା ପରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବାଣିଜ୍ୟରେ ଯୁକ୍ତ ୩ ଉତ୍ତୀର୍ଣ୍ଣ ହୋଇଥିଲେ। ଅଭିପ୍ସାଙ୍କର ଏହି



**ସର୍ବ ଭାରତୀୟ ର୍‍ୟାଙ୍କରେ ୪୩ ନମ୍ବରରେ**

ସଫଳତା ହାସଲ ପରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ସଫଳତା ପାଇଁ ଅଭିପ୍ସା ଭଗବାନ ଏବଂ ପିତାମାତାଙ୍କ ଆଶୀର୍ବାଦରୁ ଶ୍ରେୟ ଦେଇଛନ୍ତି।

### ଠିକାଦାରଙ୍କ ମନମୁଖୀ କାର୍ଯ୍ୟ

## ଖୋଲା ପଡ଼ିଛି ସ୍କୁଲ ମୁଖ୍ୟ ଫାଟକ

**ବଣାଇଁ, ୬।୮ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ କଷଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଫାଟକ ଦୀର୍ଘଦିନ ଧରି ଲାଗିନଥିବାରୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହେଉଥିବା ବିଦ୍ୟାଳୟ ପରିଚାଳନା କମିଟି ଗଣମାଧ୍ୟମ ଜରିଆରେ ଜଣାଇଛନ୍ତି।



ସୂଚନା ମୁତାବକ, କଷଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଗତ ୪ବର୍ଷ ହେବ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତୀମୂଳକ କାର୍ଯ୍ୟ ଠିକାଦାର ଜଣଙ୍କ ନିଜ ମନମାନିରେ କରୁଥିବାରୁ ସମ୍ପୂର୍ଣ୍ଣ କେବେ ହେବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗ ମଧ୍ୟ ଠିକାଦାରଙ୍କ ମନମାନୀରେ କାହିଁକି ଚୁପ୍ ରହିଛି ତାହା ଆଶ୍ଚର୍ଯ୍ୟ ପ୍ରକଟ କରୁଛି ଗ୍ରାମବାସୀ ତଥା ଅବିଭାବକମାନଙ୍କୁ। ବିଶେଷ କରି ସମ୍ମୁଖ ଫାଟକଟି ୨ ମାସ ହେଲା ହେବ କହି ଯନ୍ତ୍ରୀ ମହୋଦୟ ଟାଳି ଚାଲିଛନ୍ତି। ସ୍କୁଲରେ ଫାଟକ ନଥିବାରୁ ଗାଇ ଗୋରୁ, ବୁଲା କୁକୁର ଅବାଧରେ ଭିତରକୁ ପଶୁଥିବାରୁ ଛାତ୍ରଛାତ୍ରୀ ଅସୁରକ୍ଷିତ ମଣୁଛନ୍ତି। ଖାଇବାବେଳେ ବୁଲା କୁକୁର ବି ପଶୁଛନ୍ତି। କିଛି ଦିନ ପୂର୍ବରୁ ଜଣେ କାଠୁରୀଆକୁ ସ୍କୁଲ ଭିତରେ କୁକୁର କାମୁଡି ଥିବା ଜଣାପଡ଼ିଛି। ଦୁଇ ମାସ ହେବ ମୁଖଶାଳା ତିଆରି ସରିବା

### ତୁରନ୍ତ ପଦକ୍ଷେପ ପାଇଁ ବିଦ୍ୟାଳୟ କମିଟି ପକ୍ଷରୁ ଦାବି

ପରେ କାହିଁକି ଫାଟକ ଲଗାଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ଅବିଭାବକ। ଆଗାମୀ ୭ଦିନ ଭିତରେ ଯଦି ଫାଟକ ଲଗାନଯାଏ ତେବେ ସ୍କୁଲକୁ ପିଲା ଛାଡିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ବିଦ୍ୟାଳୟ ପରିଚାଳନା କମିଟି। ଆମେ ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ମୋବାଇଲ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସମ୍ଭବ ହୋଇପାରି ନାହିଁ।

## ଆର୍‌ଏସ୍‌ପି ଦ୍ୱାରା ନୂତନ ଉତ୍ପାଦନ କୀର୍ତ୍ତିମାନ ସ୍ଥାପନ



**ରାଉରକେଲା, ୬।୮ (ସମିସ):** ରାଉରକେଲା ଇସ୍ପାତ କାରଖାନା ଏକାଧିକ ବିଭାଗରେ ଉତ୍ତମ ପ୍ରଦର୍ଶନ କରିବା ସହ ଗତ ଏପ୍ରିଲ-ଜୁଲାଇ ଅବଧି ମଧ୍ୟରେ କେତେକ ପ୍ରମୁଖ ଉତ୍ପାଦନ ୟୁନିଟ୍ ସେମାନଙ୍କର ସର୍ବଶ୍ରେଷ୍ଠ ଉତ୍ପାଦନ ହାସଲ କରିଛନ୍ତି। କାରଖାନାର ଏହି ସଫଳତା ସମଗ୍ର ମୂଲ୍ୟ ଶୃଙ୍ଖଳାରେ ମଜବୁତ କାର୍ଯ୍ୟକ୍ଷମତା ଏବଂ ନିରନ୍ତର ପ୍ରଦର୍ଶନକୁ ଦର୍ଶାଉଛି।

ସୂଚନାଯୋଗ୍ୟ ଯେ, ବିଗତ ଜୁଲାଇ ମାସରେ, ହଟ୍‌ଷ୍ଟ୍ରିପ୍ ମିଲ୍-୨ ଏଚ୍.ଆର୍. କଏଲ୍‌ର ସର୍ବଶ୍ରେଷ୍ଠ ମାସିକ ରୋଲିଂ ରେକର୍ଡ କରିଥିବା ବେଳେ, ସିଟ୍ ସିଅରିଂ ଲାଇନ୍ ଏଚ୍. ଆର୍. ପ୍ଲେଟର ସର୍ବଶ୍ରେଷ୍ଠ ମାସିକ ଉତ୍ପାଦନ ହାସଲ କରିଛି। ଏପ୍ରିଲ-ଜୁଲାଇ ଅବଧିରେ, ସିଣ୍ଟର ପ୍ଲାଣ୍ଟ-୧ ୫, ୧୧, ୨୬୨ ଟନ୍ ସିଣ୍ଟର ଉତ୍ପାଦନ କରିଛି, ଯାହା ମୋଟ ସିଣ୍ଟର ଉତ୍ପାଦନକୁ ୨୪, ୦୨, ୪୫୩ ଟନ୍‌ରେ ପହଞ୍ଚାଇ, ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ ଏପ୍ରିଲ-ଜୁଲାଇ ଉତ୍ପାଦନ ହାସଲ କରିଛି।

ସେହିପରି ଏପ୍ରିଲ-ଜୁଲାଇ ୨୦୨୬ ଅବଧି ମଧ୍ୟରେ ବ୍ଲାଷ୍ଟ ଫର୍ନେସ୍‌ରୁ ମୋଟ ୧୦, ୬୮, ୯୧୩ ଟନ୍ ହଟ୍ ମେଟାଲ୍ ଉତ୍ପାଦନ ହୋଇଛି, ଯାହା ଏଯାବତ ଉକ୍ତ ଅବଧି ମଧ୍ୟରେ ସର୍ବଶ୍ରେଷ୍ଠ ଉତ୍ପାଦନ ଅଟେ। ଫିନିସିଂ ମିଲ୍‌ଗୁଡ଼ିକ ମଧ୍ୟରେ, ପ୍ଲେଟ୍ ମିଲ୍ ୧, ୮୧, ୫୬୩ ଟନ୍ ପ୍ଲେଟ୍ ଉତ୍ପାଦନ କରି, ସର୍ବଶ୍ରେଷ୍ଠ ଏପ୍ରିଲ-ଜୁଲାଇ ଉତ୍ପାଦନ ରେକର୍ଡ କରିଛି।

ଏଚ୍.ଆର୍. କଏଲ୍ ଟୋଟାଲ୍, ବିକ୍ରିଯୋଗ୍ୟ ଏଚ୍.ଆର୍. କୋଏଲ୍, ଏବଂ ଏଚ୍.ଏସ୍.ଏମ୍-୨ ରୁ ଏଚ୍.ଆର୍. ପ୍ଲେଟ୍ ଉତ୍ପାଦନ ମଧ୍ୟ ଏହି ଅବଧି ପାଇଁ ସର୍ବକାଳୀନ ଶ୍ରେଷ୍ଠ ସ୍ତରରେ ପହଞ୍ଚିଛି। ବିଶେଷ ଭାବରେ, ମୋଟ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ଆଲୋଚ୍ୟ ଅବଧିରେ ୧୩, ୯୨, ୬୪୯ ଟନ୍‌ରେ ପହଞ୍ଚି ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ୩.୬ଧ ଅଭିବୃଦ୍ଧି ଅଟେ। ଏହି ମାଇଲଖୁଣ୍ଟ ସମନ୍ୱିତ ପ୍ରଦର୍ଶନ ମାଧ୍ୟମରେ ଶ୍ରେଷ୍ଠତା ପ୍ରଦାନ କରିବା ପାଇଁ ସମଗ୍ର ରାଉରକେଲା ଇସ୍ପାତ କାରଖାନାର ସାମୂହିକ ସଂକଳ୍ପକୁ ଦର୍ଶାଉଛି।

## ରାସ୍ତା ଉପରେ ମାଳମାଳ ଗୋରୁ, ବଢୁଛି ଦୁର୍ଘଟଣା

**ବଣାଇଁ, ୬।୮ (ସମିସ):** ବଣାଇଁ ସହରର ମୁଖ୍ୟରାସ୍ତା ଉପରେ ବୁଲା ଗୋରୁଙ୍କ ଉପଦ୍ରବ ଦିନକୁ ଦିନ ଅସହ୍ୟ ହେଉଛି। ବିଶେଷକରି ସନ୍ଧ୍ୟାରେ ଦେଓଗାଁ ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଉପରେ ମାଳମାଳ ଗାଇଗୋରୁ ବୁଲୁଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ୍ ନଥିବା ସମୟରେ ଅନ୍ଧାର ରାତିରେ ରାସ୍ତା ମଝିକୁ ଗାଇଗୋରୁ ଆସିଯାଉଥିବାରୁ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଲୋକଙ୍କ ଜୀବନ ମଧ୍ୟ ବିପଦରେ ପଡୁଛି। କେବଳ ସଡ଼କ ସୁରକ୍ଷା ନୁହେଁ, ବୁଲା ଗାଇ ଗୋରୁଙ୍କ ଉପଦ୍ରବରେ ଚାଷୀ ମଧ୍ୟ ଅତିଷ୍ଠ ହୋଇପଡ଼ିଛନ୍ତି। ଫସଲ ନଷ୍ଟ କରିବା ସହ ବର୍ତ୍ତମାନ ଧାନ ଚାଷ ସମୟରେ ଧାନ ତଳି ଖାଇ ଦେଉଥିବାରୁ ଚାଷୀଙ୍କୁ ବ୍ୟାପକ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏହାକୁ ନେଇ ଚାଷୀ ଓ ସାଧାରଣ ଲୋକ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ଆର୍‌ଏସ୍‌ପିର ୮ ଅଧିକାରୀଙ୍କ ମୁଖ୍ୟ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି

**ରାଉରକେଲା, ୬।୮ (ସମିସ):** ରାଉରକେଲା ଇସ୍ପାତ କାରଖାନାର ୮ ଜଣ ମହାପ୍ରବନ୍ଧକଙ୍କୁ ମୁଖ୍ୟ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ଦିଆଯାଇଛି। ବସନ୍ତ କୁମାର ସିଂହଙ୍କୁ ମୁଖ୍ୟ ମହାପ୍ରବନ୍ଧକ (ଏଫ୍ ଆଣ୍ଡ ଏ) ଭାବେ ପଦୋନ୍ନତି ଦିଆଯାଇଥିବା ବେଳେ ଦୀପକ କୁମାର ଯାଦବଙ୍କୁ ବି.ଏସ.ଏଲ. ବୋକାରୋରେ ମୁଖ୍ୟ ମହାପ୍ରବନ୍ଧକ (ଏଚ.ଏସ.ଏମ.), ହଫିକ୍ କୁମାର ସାଏଙ୍କୁ ମୁଖ୍ୟ ମହାପ୍ରବନ୍ଧକ (ଆଭ୍ୟନ୍ତରୀଣ ଅଡିଟ୍) ଏବଂ ପବନ ଗୁପ୍ତାଙ୍କୁ ମୁଖ୍ୟ ମହାପ୍ରବନ୍ଧକ (ପ୍ରକଳ୍ପ) ଭାବେ ଅବସ୍ଥାପିତ କରାଯାଇଛି। ପ୍ରମୋଦ ଚନ୍ଦ୍ର ଦାଶଙ୍କୁ ମୁଖ୍ୟ ମହାପ୍ରବନ୍ଧକ (ପରିବେଶ) ଭାବେ ପଦୋନ୍ନତି ଦିଆଯାଇଥିବା ବେଳେ ଶିବ କୁମାର ଶର୍ମାଙ୍କୁ ପଦୋନ୍ନତି ଦିଆଯାଇ ଏବେ ମୁଖ୍ୟ ମହାପ୍ରବନ୍ଧକ (ବ୍ଲାଷ୍ଟ ଫର୍ନେସ) ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି ସୁଭେନ୍ଦୁ କୁମାର ବେହେରାଙ୍କୁ ବି.ଏସ. ଏଲ. ବୋକାରୋରେ ମୁଖ୍ୟ ମହାପ୍ରବନ୍ଧକ (ଅଟୋମେସନ୍) ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ଡାକ୍ତର ମେଘରାୟ ମାଝୀଙ୍କୁ ମୁଖ୍ୟ ଚିକିତ୍ସା ଅଧିକାରୀ (ଏମ ଆଣ୍ଡ ଏଚ.ଏସ.) ଭାବେ ପଦୋନ୍ନତି ଦିଆଯାଇଛି।

ଅଗଷ୍ଟ, ୬ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ସେମାନଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଏମ.ଡି.-ସି.ଏମ.ଏଲ.ଓ.) ବି. କେ. ଗିରି, ନିର୍ବାହୀ



ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ସି.ଏମ.ଓ. ପ୍ରଭାରୀ (ଏମ ଆଣ୍ଡ ଏଚ.ଏସ.) ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ନିର୍ବାହୀ ନିର୍ଦ୍ଦେଶକ (ଏଫ୍ ଆଣ୍ଡ ଏ) ର ଅତିରିକ୍ତ ଦାୟିତ୍ୱରେ ଥିବା ସି.ଜି.ଏମ. (ଏଫ୍ ଆଣ୍ଡ ଏ) ରାଜେଶ ଦାସଗୁପ୍ତା ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବପଦୋନ୍ନତ ସି.ଜି.ଏମ. ମାନଙ୍କ ସହିତ ସେମାନଙ୍କ ଧର୍ମପତ୍ନୀମାନେ ମଧ୍ୟ ଉପସ୍ଥିତ ଥିଲେ।

ନବପଦୋନ୍ନତ ବରିଷ୍ଠ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମିଶ୍ର କହିଥିଲେ, ସିଜିଏମ ପଦୋନ୍ନତିକୁ ସବୁଠାରୁ କଠିନ ପଦୋନ୍ନତି ଭାବେ ବିଚାର କରାଯାଏ ଏବଂ ଏହି ପଦୋନ୍ନତି ସହିତ କମ୍ପାନୀ ଆପଣଙ୍କ ଉପରେ ଏକ ବଡ଼ ଦାୟିତ୍ୱ ନ୍ୟସ୍ତ କରିଛି। ସେ ସମସ୍ତ ପଦୋନ୍ନତ ମୁଖ୍ୟ ମହାପ୍ରବନ୍ଧକଙ୍କ ସହ ନିଜର ବ୍ୟକ୍ତିଗତ ଅନୁଭୂତି ବାଣ୍ଟିବା ସହ ସେମାନଙ୍କର ପ୍ରଶଂସା ମଧ୍ୟ କରିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ପଦୋନ୍ନତି ପାଇଥିବା ମୁଖ୍ୟ ମହାପ୍ରବନ୍ଧକ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂସ୍ଥାରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ସେମାନଙ୍କୁ ମିଠା ଏବଂ ପଦୋନ୍ନତି ପତ୍ର ସହିତ ପୁସ୍ତକ ମଧ୍ୟ ଉପହାର ଦେଇଥିଲେ।

## ୬ ଜୁଆଡି ଗିରଫ; ୨୯ ହଜାର ଟଙ୍କା ଜବତ

**ରାଉରକେଲା, ୬।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଲହୁଣୀପଡ଼ା ଥାନା ପୁଲିସ ଏକ ଜୁଆ ଆ‡। ଉପରେ ଚଢଉ କରି ୬ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ୨୮ ହଜାର ଟଙ୍କା ଜବତ କରିଛି। ଲହୁଣୀପଡ଼ା ଥାନା ଅନ୍ତର୍ଗତ କିଆବେର୍ଣ୍ଣା ଜଙ୍ଗଲରେ ଏକ ବଡଧରଣର ଜୁଆଖେଳ ଚାଲିଥିବା ସୂଚନା ପାଇ ପୁଲିସ ଚଢଉ କରିଥିଲେ। ଚଢଉ ବେଳେ ମୋଟ ୬ ଜଣ ଜୁଆଡିଙ୍କୁ ପୁଲିସ ଗିରଫ କରିବା ସହ ଘଟଣା ସ୍ଥଳରୁ ମୋଟ ୨୮ ହଜାର ୫୦୦ ଟଙ୍କା, ୫ଟି ମୋଟର ସାଇକେଲ ଏବଂ ଏକ ମୁଠା ତାସ୍ ଜବତ କରିଥିଲା। ଗିରଫ ଜୁଆଡିମାନେ ହେଲେ ମହମ୍ମଦ କୋଏମ୍(୪୬), ଶରତ କୁମାର ମହନ୍ତ(୩୦), ବିନୋଦ କୁଡୁ(୪୦), ସୁଶୀଲ ବାଗେ(୪୦), ରମଣୀ ମହନ୍ତ(୪୦) ଏବଂ ଦୀପକ ଶାହା (୩୨)। ସମସ୍ତେ ଲହୁଣୀପଡ଼ା ଓ ବଣେଇଁ ଅଞ୍ଚଳର ବୋଲି ଜଣାପଡ଼ିଛି। ଗିରଫ ସମସ୍ତ ଜୁଆଡିଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।



## ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଔଷଧୀୟ ଚାରା ରୋପଣ



**ରାଉରକେଲା, ୬।୮ (ସମିସ):** ପ୍ରତିବର୍ଷ ଅଗଷ୍ଟ ୪ରେ ଆୟୁର୍ବେଦ ଶିରୋମଣି ଆଚାର୍ଯ୍ୟ ବାଲକ୍ରିଷ୍ଣଜୀଙ୍କ ଜନ୍ମ ଦିବସକୁ ଜଡ଼ିବୁଟି ଦିବସ ଭାବେ ପତଞ୍ଜଳି ଯୋଗ ପରିବାର ତରଫରୁ ପାଳନ କରାଯାଉଛି। ଏହି ଉପଲକ୍ଷେ ସେକ୍ଟର-୨୦ କମ୍ୟୁନିଟ ସେଣ୍ଟର ଯୋଗକେନ୍ଦ୍ର ହେମନ୍ତ କୁମାର ଜେନାଙ୍କ ପୌରୋହିତରେ ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ତରଫରୁ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି। ଏନେଇ ସେକ୍ଟର-ଲ ୧୭-୧୮ ପଡ଼ିଆ ପରିସରରେ ଔଷଧୀୟ ଚାରା ରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଦିବସରେ ଔଷଧୀୟ ବୃକ୍ଷ ରୋପଣ କରିବା ସହିତ ଏହାର ଯତ୍ନ ନେବା ଓ ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ବୃକ୍ଷ ରୋପଣ କରିବା, ଯଦ୍ୱାରା ଆମ ଆଗାମୀ ପିଢ଼ିକୁ ଅମ୍ଳଜାନ ପାଇଁ ପିଠିରେ ଅକ୍ସିଜେନ ସିଲିଣ୍ଡର ବୋହିବାକୁ ପଡ଼ିବ ନାହିଁ। ସମସ୍ତେ ନିରୋଗ ଜୀବନଯାପନ କରନ୍ତୁ ବୋଲି କାମନା କରିବା ସହିତ ଏହାକୁ ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନି ସ୍ୱାଇଁ, ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା କୃଷକ ସେବା ସମିତି ପ୍ରଭାରୀ ପୀତବାସ ପ୍ରଧାନ, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର ଓ ବିଏସଟି ମହାମନ୍ତ୍ରୀ ଆରତୀ ସାହୁ ଜଡ଼ିବୁଟି ଦିବସ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ଜଡିବୁଟି ଚାରା ଯଥା, ହରିଡା, ବାହାଡା, ନିମ୍ବ, ଅଁଳା, ଅଶ୍ୱଗନ୍ଧା ଆଦି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ଶିକ୍ଷକ ରଞ୍ଜିତା ପାଣିଗ୍ରାହୀ, ସନ୍ଧ୍ୟାରାଣୀ ସାହୁ, ବିଷ୍ଣୁପ୍ରିୟା ଦାଶ, କୌଶଲ୍ୟା ପୃଷ୍ଟି, ଶରତ ଚନ୍ଦ୍ର ଦାସ, ସସ୍ମିତା ସାହୁ, ଅନୁସୁୟା ବାରିକ, ତପସ୍ୱିନୀ ସାହୁ, କଳ୍ପନା ପଣ୍ଡା, ନିବେଦିତା ବେହେରା, ପ୍ରିୟଦର୍ଶନୀ ପାଢ଼ୀ, କାଞ୍ଚନବାଳା ହୁଇ, ପୁଷ୍ପିତା ମହାପାତ୍ର, ବିଜୟଲକ୍ଷ୍ମୀ ମହାନ୍ତ, ରେବତୀ ବେହେରା, ସସ୍ମିତା ବେହେରା, ବିନୋଦ ଭୋଇ, ହରେକୃଷ୍ଣ ସାହୁଙ୍କ ସମେତ ବହୁ ସାଧକ ସାଧିକା ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ।

### ଗଣେଶ ପୂଜା ଏବଂ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ଭସାଣିରେ ଡିଜେ, ଧମାଲ୍ ବାଜା ଉପରେ ରୋକ୍

ରାଉରକେଲା, ୬।୮ (ସମିସ)

ଆସନ୍ତା ସେପ୍ଟମ୍ବର ୧୪ ତାରିଖରେ ଗଣେଶ ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସହରରେ ଶାନ୍ତି ଶୃଙ୍ଖଳାର ସହ ପୂଜା ଆୟୋଜନ ତଥା ଶୋଭାଯାତ୍ରା ସମ୍ପନ୍ନ ପାଇଁ ଥାନା ପରିସରରେ ମହେନ୍ଦ୍ର କୁମାର ମୁର୍ମୁଙ୍କ ଅଧକ୍ଷ୍ୟତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁନ୍ଦରଗଡ଼ ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ରାଜଗାଙ୍ଗପୁର ଏସଡିପିଓ ବିଭୁତି ଭୂଷଣ ଭୋଇ, ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ଉପନିର୍ଦ୍ଦେଶକ ରଜତ କୁମାର ସେଠୀ, ସ୍ଥାନୀୟ ବିଡିଓ ଅକ୍ଷୟ କୁମାର ବାଘ, ତହସିଲଦାର ଜଗବନ୍ଧୁ ମଲ୍ଲିକ ବିଦ୍ୟୁତ୍ ବିଭାଗର ଏସଡିଓ ସଞ୍ଜୀବ କୁମାର ମହାନ୍ତି, ରାଜଗାଙ୍ଗପୁର ପୌରପାଳିକାର ଅଧକ୍ଷା ମାଧୁରୀ ଲୁଗୁନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନା, ଜଳଯୋଗାଣ ବିଭାଗ ଅତିରିକ୍ତ ପରିଚାଳକ ନିବେଦିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତି ଭୂଷଣ ଭୋଇ ତାଙ୍କ ବକ୍ତବ୍ୟରେ କହିଲେ ସମସ୍ତ ପୂଜା କମିଟି ପ୍ରଶାସନ ପକ୍ଷରୁ ଜାରି ସମସ୍ତ ନିୟମାବଳୀକୁ ପାଳନ କରିବେ। ସମସ୍ତ ପୂଜା ପେଣ୍ଡାଲରେ ସିସି କ୍ୟାମେରା ଲଗାଇବା ସହ ପେଣ୍ଡାଲମାନଙ୍କରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ସହ ସାଉଣ୍ଡ ବକ୍ସ, ମାଇକ ବ୍ୟବହାର ପାଇଁ ଆବଶ୍ୟକ ଅନୁମତି ପତ୍ର, ବିଦ୍ୟୁତ ବିଭାଗ ଠାରୁ ସୁରକ୍ଷିତ ସାର୍ଟିଫିକେଟ ଥାନାରେ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ପୂଜା ପେଣ୍ଡାଲରେ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କରି କୌଣସି ସଙ୍ଗୀତ ବଜାଇ ପାରିବେ ନାହିଁ। ବିସର୍ଜନ ସମୟରେ ଡିଜେ କିମ୍ବା ଧମାଲ ବାଜା ବ୍ୟବହାର ଉପରେ କଟକଣା କରାଯାଇଛି। ୧୦ ଦିନ ପୂର୍ବରୁ ପୂଜା ପେଣ୍ଡାଲର ଭଲ୍ୟୁଣ୍ଟରମାନଙ୍କ ତାଲିକା ଥାନାରେ ଦାଖଲ କରିବା ସହ ନିର୍ଦ୍ଧାରିତ ସମୟରେ ଶୋଭାଯାତ୍ରା ଆରମ୍ଭ କରି ଠିକ ସମୟରେ ବିସର୍ଜନ କରିବାକୁ ଉପସ୍ଥିତ ପୂଜା କମିଟିର ସଦସ୍ୟମାନଙ୍କୁ ଏସଡିପିଓ ଶ୍ରୀ ଭୋଇ ଅନୁରୋଧ କରିଥିଲେ। ମୁଖ୍ୟ ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର ଅଗ୍ରୱାଲ, ବିଜେପି ସଭାପତି ରାଜନ ସୋନୀ, ବଜରଙ୍ଗ କମିଟିର ସଭାପତି ସନ୍ଦିପ କୁମାର ଦାସ, ପୂର୍ବତନ ପୌର ପରିଷଦ କାଉନସିଲର ରମେଶ ଚନ୍ଦ୍ର ସୋନୀ, ପୂର୍ବତନ ବିଜେପି ଟାଉନ ସଭାପତି ସୁନୀଲ କୁମାର ଅଗ୍ରୱାଲ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୫ଟି ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପ୍ରସ୍ତୁତି ବୈଠକକୁ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ପରିଚାଳନା କରିଥିଲେ।



# ବାଘଛାଲ, ନଖ ଓ ଦାନ୍ତ ଜବତ: ଜଣେ ଗିରଫ



**କୋକସରା, ୬।୮ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଫରେଷ୍ଟ ସେକ୍ସନ ଅଧୀନ ଡହାଗାଁଠାରେ ବନ ବିଭାଗକୁ ମିଳିଛି ବଡ଼ ସଫଳତା। ବାଘ ଅଙ୍ଗପ୍ରତ୍ୟଙ୍ଗ ଚୋରା ଚାଲାଣ ନେଇ ସୂଚନା ପାଇବା ପରେ ବନ ବିଭାଗ ଅଚାନକ ଚଢ଼ଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବାଘଛାଲ, ନଖ ଓ ଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ନବରଙ୍ଗପୁର (ହିର୍ଲି ଡଙ୍ଗର) ଅଞ୍ଚଳର ସୁକେନ ଗୌଡ଼ ବୋଲି ବନ ବିଭାଗ ସୂଚନା ଦେଇଛି। ଗୁରୁବାର ଡହାଗାଁ ନିକଟରେ ସୁକେନ ଗୌଡ଼ ବାଘଛାଲ ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ନେଇ ବନ ବିଭାଗ ନିକଟରେ ଗୁପ୍ତ ଖବର ପହଞ୍ଚିଥିଲା। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଏସିଏଫ୍‌ଙ୍କ ତତ୍ତ୍ୱାବଧାନରେ ଏକ ବିଶେଷ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ କାବୁ କରାଯିବା ସହ ଜବତ ସାମଗ୍ରୀ ସହ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କ ସମେତ ବେହେରା ସେକ୍ସନ ଫରେଷ୍ଟର କ୍ଷୀରୋଦ ଚନ୍ଦ୍ର ସେଠ, ବନରକ୍ଷୀ ଲଳିତ ନାଏକ, ଜଗନ୍ନାଥ ନାଏକ, ପ୍ରଭାସିନୀ ଗୋପାଳ, ପାରାଷ୍ଟାଫ୍ କ୍ଷତ୍ରିୟ ନାଏକ ଓ ମାନସ ସା ସାମିଲ ଥିଲେ।

## ବିଜେପି ନେତା ଫକୀର ରଣା ହତ୍ୟା ମାମଲା: ସନ୍ଦେହରେ ୩ ଅଟକ

# ଅପରାଧୀ ଚମ୍ପଟ; ଅନ୍ଧାରରେ ପୁଲିସ

**ମ.ରାମପୁର, ୬।୮ (ସମିସ)**

କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଧୀନ ଡମ୍ବ କର୍ଲାଖୁଣ୍ଟା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି ନେତା ହତ୍ୟା ମାମଲାରେ ପୁଲିସ ସନ୍ଦେହ ତିନିଜଣଙ୍କୁ ଅଟକ ରଖିଛି। ଗତକାଲି ରାତି ପ୍ରାୟ ୮ ଘଣ୍ଟା ସମୟରେ ଫକୀର ଡମ୍ବ କର୍ଲାଖୁଣ୍ଟା ବସ୍ତିକୁ ଯାଇ ଶ୍ରମିକମାନଙ୍କ ସହ ସାକ୍ଷାତ କରି ଫେରୁଥିବାବେଳେ ନିକଟରେ ଥିବା ଏକ ପୋଲ ନିକଟରେ କିଛି ବ୍ୟକ୍ତି ଛକି ରହି ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ସେ ନିଜ ବାଇକକୁ ଛାଡ଼ି ପଳାଇଯିବାକୁ ଉଦ୍ୟମ କରିଛନ୍ତି, କିନ୍ତୁ ହତ୍ୟାକାରୀମାନେ ତାଙ୍କୁ ଉକ୍ତ ପିଚୁରାସ୍ତାରେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ଦୌଡ଼ାଇ ଆକ୍ରମଣ କରିଥିଲେ। ଫଳରେ ସେ ଉକ୍ତ ସ୍ଥାନରେ ରକ୍ତ ଜୁଡୁବୁଡ଼ି ଅବସ୍ଥାରେ ପଡ଼ି ରହିଥିଲେ। ପରେ ଗ୍ରାମବାସୀ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇ, ମ.ରାମପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତରଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପତ୍ନୀ ଡମ୍ବକର୍ଲାଖୁଣ୍ଟା ସରପଞ୍ଚ ସ୍ନିଗ୍ଧା ରଣା ଆଜି ଗଣମାଧ୍ୟମ ସାମ୍ନାରେ ଡମ୍ବକର୍ଲାଖୁଣ୍ଟା ଗ୍ରାମର ମମତାଜ ସାହୁ, ସୁଲସିଂ ପାତ୍ର, ବଳଦେବ ସାହୁ, ଲିଙ୍ଗରାଜ ବିଭାରଙ୍କ ନାମ ଥାନାରେ ଅଭିଯୋଗ କରିଛନ୍ତି। ସେମାନେ ଗତ ୯ ମାସ ତଳେ ହତ୍ୟା ଧମକ ଦେଇଥିଲେ, ଯାହାକୁ ନେଇ ସ୍ୱର୍ଗତ ରଣା ପୁଲିସର ଦ୍ୱାରସ୍ଥ ହୋଇଥିଲେ ହେଁ ସେ ସମୟରେ ପୁଲିସ ପକ୍ଷରୁ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ଅଭିଯୋଗ କରିଛନ୍ତି। ଘଟଣା ପରେ ଗତକାଲି ରାତିରୁ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଏହି ଘଟଣାର ତଦନ୍ତ ଭାର କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ କରୁଥିବାବେଳେ ତିନିଜଣଙ୍କୁ ମ.ରାମପୁର ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାଯାଇଛି। ହେଲେ ମୁଖ୍ୟ ଆସାମୀମାନଙ୍କ ପତ୍ତା ପାଉନାହିଁ। ଖାଲି ଅନ୍ଧାରରେ ବାଡ଼ି ବୁଲେଇଲା ଭଳି ସନ୍ଦେହ ରେ କିଛି ବ୍ୟକ୍ତିଙ୍କୁ ଉଠାଇଆଣିଛି। ଅପରପକ୍ଷରେ ଆଜି ମଧ୍ୟାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ଗାଁକୁ ନେଇ ସେଠାରେ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କରି ଶେଷ ଦର୍ଶନ ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରିଛନ୍ତି। ଫକୀରଙ୍କ ମୃତ୍ୟୁପରେ ଘରେ ଅସହାୟ ସ୍ତ୍ରୀ ଓ ଦୁଇ ପୁଅ ସହିତ ବୁଢ଼ୀ ମାଆ ରହିଛନ୍ତି। ଫକୀର ରଣା ବିଜେପିର ଜଣେ ବରିଷ୍ଠ କର୍ମକର୍ତ୍ତା ଓ ମାଣିକେରା ପଞ୍ଚାୟତର ପୂର୍ବତନ ସରପଞ୍ଚ। ସେ ବିଜେପି ମୋହନଗିରୀ ମଣ୍ଡଳରେ ଅନେକ ସମୟରେ କାର୍ଯ୍ୟକର୍ତ୍ତା ରହି ନିଜର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୋହନଗିରୀରୁ ପାଜିବାହାଲି ରାସ୍ତାଟି ଗଞ୍ଜେଇ କରିଡର ହୋଇଥିବାରୁ ରାତିରେ ସେହି ରାସ୍ତାରେ ସାଧାରଣ ଜନତା ଯିବାକୁ ଅସୁରକ୍ଷିତ ମଣିବା ସହିତ ବିଭିନ୍ନ ସମୟରେ ଚୋରି, ଲୁଟ୍, ଭଳି ଘଟଣା ଦେଖିବାକୁ ମିଳୁଛି। ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

**ବିଜେପି ସରକାରରେ ପୁଲିସ ପ୍ରତି ଭୟ ତୁଟୁଛି: ଅପରାଧ ବଢୁଛି**

# ବୁଥ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର



**ଜୁନାଗଡ଼, ୬।୮ (ସମିସ):** କଳାହାଣ୍ଡି ଜିଲ୍ଲା ବିଜେଡିର ଜୁନାଗଡ଼ ନିର୍ବାଚନୀ ମଣ୍ଡଳୀର ବୁଥ୍‌ସ୍ତରୀୟ କର୍ମୀମାନଙ୍କୁ ନେଇ ଏକ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ଏବଂ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ୱାର୍ଡ ମେମ୍ବରଠାରୁ ଜିଲ୍ଲା ପରିଷଦସ୍ତର ପର୍ଯ୍ୟନ୍ତ ସଂଗଠନକୁ ସଶକ୍ତ କରିବା ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ମିଳନୀରେ ବକ୍ତାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ବ୍ଲକ ଅଧ୍ୟକ୍ଷ ସବିତା ମେହେର, ଏନ୍‌ଏସି ଅଧ୍ୟକ୍ଷ ହିମାଦ୍ରୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ସଙ୍ଗୀତା ଖରସେଲ, ଲାଲବାହାଦୁର ଯାନୀ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଅବିନାଶ ଠାକୁର, ଆଦିତ୍ୟ ନନ୍ଦ, ମହେଶ ସାହୁ, ଦୀନେଶ ବରର୍ତ୍ତି, ମନୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ



**କୋମନା, ୬।୮ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଭେଲା ଗ୍ରାମ ପଞ୍ଚାୟତ କ୍ରିଷ୍ଣା ଗ୍ରାମର ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇବାରୁ ବଞ୍ଚିତ ଅଛନ୍ତି। କେନ୍ଦ୍ର ସରକାର ଗରିବ ଓ ବାସହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ କ୍ରିଷ୍ଣା ଗ୍ରାମର ଗୋମତୀ ସଗରିଆ, ରିନା ସଗରିଆ, କନକ ନାଗ, ସୁମିତ୍ରା ସଗରିଆ, ଯଶୋଦା ସଗରିଆ, ଜାନକି ସଗରିଆ, ରାଜେଶ୍ୱରୀ ସଗରିଆ, ଲଳିତା ହାତୀ ଓ ଲୋଚନି ସଗରିଆ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ପକ୍କା ଘର ଖଣ୍ଡିଏ ପାଇନାହାନ୍ତି। ବର୍ଷା ଦିନରେ ଭଙ୍ଗା ଦଦରା ଘରେ ରହିବାକୁ ବାଧ୍ୟ ହେଉଥିବାରୁ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ବର୍ଷା ସମୟରେ ଘରେ ପାଣି ପଶିବା ସହ ଯେକୌଣସି ସମୟରେ ଘର ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଥିବା ସେମାନେ କହିଛନ୍ତି। ଘର ଖଣ୍ଡିଏ ଯୋଗାଇ ଦେବାକୁ ହିତାଧିକାରୀମାନେ ପ୍ରଶାସନ ନିକଟରେ ଅନେକ ଥର ଗୁହାରୀ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳି ପାରିନାହିଁ। ତେଣୁ ପ୍ରଶାସନ ତୁରନ୍ତ ସେମାନଙ୍କ ସ୍ଥିତି ଅନୁଧ୍ୟାନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶୀଘ୍ର ପକ୍କାଘର ଯୋଗାଇ ଦେବାକୁ ସମସ୍ତ ହିତାଧିକାରୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପାଇଁ ବାଧ୍ୟ ହେବୁ ବୋଲି କହିଛନ୍ତି।

# ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ

**ସିନାପାଲି, ୬।୮ (ସମିସ):** ନୂଆପଡ଼ା ଜିଲ୍ଲାରେ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଜଣେ ଯୁବ ସାମ୍ବାଦିକଙ୍କ ଗୁରୁବାର ଆକାଳ ଅୟୋଗ ଘଟିଛି। ସେ ହେଲେ କୋମନା ବ୍ଲକ ଅଧୀନ ବୃଦ୍ଧି କୋମନା ଗାଁର ରାଜ କିରଣ ସିଂଦେଓ (୪୩)। ଗତ କିଛି



ବର୍ଷ ହେବ ନିର୍ଭିକ ଓ ନିରପେକ୍ଷ ଭାବରେ ଏକ ଏକ ବୈଦ୍ୟୁତିକ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟରତ ଥିଲେ। ଦୀର୍ଘ ବର୍ଷରୁ ସେ ନୂଆପଡ଼ା ଲକ୍ଷ୍ମୀ ନଗରରେ ଘର କରି ରହି ଆସୁଥିଲେ। ଗତ କିଛି ଦିନ ହେଲା ଅସୁସ୍ଥ ମନେ କରି ପେଟ ଯନ୍ତ୍ରଣା ହେଉଥିଲା। ଗତ ଶନିବାର ସନ୍ଧ୍ୟାରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଯନ୍ତ୍ରଣା ଅଧିକ ହେବାରୁ ତାଙ୍କୁ ରାତିରେ ଛତିଶଗଡ଼ ରାଜ୍ୟ ରାୟପୁରର ଏକ ଘରୋଇ ହସ୍ପିଟାଲ ଶ୍ରୀ ନାରାୟଣକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ପ୍ରାୟ ୧ଟାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପୁଅ ଦୀପାନସୁ ସିଂଦେଓ ମୁଖାଗ୍ନି ଦେଇଥିଲେ। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଜିଲା ପରିଷଦ ତଥା ଆଦିବାସୀ କଲ୍ୟାଣ ସଂଘ ଜିଲ୍ଲା ସଭାପତି ଭାନୁ ପ୍ରତାପ ସିଂ ମାଝୀ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ଭେଲା ସରପଞ୍ଚ ବିମଳ ଯୋଶୀ, ସଞ୍ଜୟ ପଣ୍ଡା, ଗ୍ରାମବାସୀ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

## ମହଙ୍ଗା ପଡ଼ିଲା ଏକ୍ସପାଏରି ଥଣ୍ଡାପାନୀୟ

# ଖାଉଟି ଅଦାଲତରେ ନ୍ୟୁ-ଷ୍ଟାର ସିନେପ୍ଲେକ୍ସ ଦଣ୍ଡିତ

**ଭବାନୀପାଟଣା, ୬।୮ (ସମିସ):** ଏକ୍ସପାରୀ କୋଲ୍ଡ ଡ୍ରିଙ୍କ୍ ଗ୍ରାହକଙ୍କୁ ବିକ୍ରି କରିବା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅଭିଯୋଗକ୍ରମେ ଗୁରୁବାର ଭବାନୀପାଟଣା ନ୍ୟୁଷ୍ଟାର ସିନେପ୍ଲେକ୍ସ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର କମିଶନ(ଖାଉଟି ଅଦାଲତରେ) ଦଣ୍ଡିତ ହୋଇଛି। କମିଶନର ଅଶ୍ୱନୀ କୁମାର ପାତ୍ର ଓ ସଦସ୍ୟା ଜୋସ୍ନାରାଣୀ ମିଶ୍ରଙ୍କ ଗଠିତ ଖଣ୍ଡପୀଠ ରାୟରେ ନ୍ୟୁଷ୍ଟାର ସିନେପ୍ଲେକ୍ସକୁ ଅଭିଯୋଗକାରୀ ସାହୁଙ୍କ ଠାରୁ କୋଲ୍ଡ ଡ୍ରିଙ୍କ ବାବଦରେ ଆଦାୟ କରାଯାଇଥିବା ୩୦ ଟଙ୍କା ଅତିରିକ୍ତ ରାଶି ଫେରସ୍ତ କରିବା, ୫୦ ହଜାର ଟଙ୍କା କ୍ଷତିପୂରଣ ଓ ୧୦ ହଜାର ଟଙ୍କା ମାମଲା ଖର୍ଚ୍ଚ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସିନେପ୍ଲେକ୍ସକୁ ୧ ଲକ୍ଷ ଟଙ୍କା ଦଣ୍ଡ ଜନିତ କ୍ଷତିପୂରଣ ଯାହାକି ଓଡ଼ିଶା ରାଜ୍ୟ ଉପଭୋକ୍ତା କଲ୍ୟାଣ ପାଣ୍ଠିରେ ଜମା କରିବାକୁ ଏବଂ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ମଧ୍ୟ କମିଶନ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କମିଶନ କଳାହାଣ୍ଡି ଡେପୁଟି କଣ୍ଟ୍ରୋଲର, ( ଲିଗାଲ ମେଟ୍ରୋଲୋଜି) ଓ ଭବାନୀପାଟଣା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଜିଲ୍ଲାର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଯାଞ୍ଚ କରି ଏକ୍ସପାରୀ ଶେଷ ଖାଦ୍ୟ ସାମଗ୍ରୀ ବିକ୍ରି ଓ ଏମଆରପିଠାରୁ ଅଧିକ ଦର ଆଦାୟ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ୩୦ ଦିନ ମଧ୍ୟରେ ଏହାର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୭ ଜାନୁଆରୀ ୨୦୨୬ରେ ଭବାନୀପାଟଣାର ବାସିନ୍ଦା ଉତ୍କଳକେଶରୀ ସାହୁ ନ୍ୟୁଷ୍ଟାର ସିନେପ୍ଲେକ୍ସରେ ସିନେମା ଦେଖିବା ସମୟରେ ଏକ କୋଲ୍ଡ ଡ୍ରିଙ୍କ (ମିରିଣ୍ଡା) ବୋତଲ କିଣିଥିଲେ। ହେଲେ ତାହା ଏକ୍ସପାରୀ ତାରିଖ ଶେଷ ହୋଇଯାଇଥିବା ଜଣାପଡ଼ିଥିଲା। ଏହା ପିଇବା ପରେ ସେ ଅସୁସ୍ଥ ହୋଇ ଡାଇରିଆ, ପେଟ ଯନ୍ତ୍ରଣା ଓ ଡିହାଇଡ୍ରେସନରେ ପୀଡ଼ିତ ହୋଇ ସରକାରୀ ମେଡିକାଲ କଲେଜ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହାକୁ ନେଇ ଜିଲ୍ଲା ଖାଉଟି ଅଦାଲତରେ ମାମଲା କରିଥିଲେ। ଏହି ମାମଲାର ଶୁଣାଣି ସମୟରେ ବିପକ୍ଷ ପକ୍ଷ ଉପସ୍ଥିତ ନ ହେବାରୁ କମିଶନ ଏକତରଫା ଭାବେ ମାମଲାର ବିଚାର କରିଥିଲେ। ଅଭିଯୋଗକାରୀ ସାହୁ ଦାଖଲ କରିଥିବା ସିନେମା ଟିକେଟ୍, ୟୁପିଆଇ ପେମେଣ୍ଟ ରସିଦ, ଏକ୍ସପାରୀ ତାରିଖ ଥିବା ବୋତଲର ଫଟୋ ଓ ହସ୍ପିଟାଲ ରେକର୍ଡକୁ ଆଧାର କରି କମିଶନ ଅଭିଯୋଗକୁ ସତ୍ୟ ବୋଲି ମାନି ରାୟ ଶୁଣାଇଥିଲେ।

# ଗଣ ସକ୍ରିୟ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ

**ଭବାନୀପାଟଣା, ୬।୮ (ସମିସ):** ବିଶ୍ୱର ଯେଉଁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣ ସକ୍ରିୟ ଅଛନ୍ତି ସେହି ଗଣତନ୍ତ୍ର ସେତିକି ସୁଦୃଢ଼ ହୋଇଛି ଓ ବିକାଶଧାରା ତ୍ୱରାନ୍ୱିତ ହୋଇଛି। ସୁସ୍ଥ ସମାଜ ଗଠନରେ ଭାରତୀୟ ଗଣ ମାଧ୍ୟମର ଯଥେଷ୍ଟ ଭୂମିକା ରହିଛି ତେବେ ଗଣ ଯେତିକି ସକ୍ରିୟ ରହିବା କଥା ତାହା ପରିଲକ୍ଷିତ ହେଉନଥିବା କାରଣରୁ ଦେଶରେ ଆଞ୍ଚଳିକ ବୈଷମ୍ୟ ଦେଖା ଦେଇଛି। ଦେଶର ନାଗରିକ ମୌଳିକ ଅଧିକାର ନିମନ୍ତେ ଯେତିକି ସଚେତନ ମୌଳିକ କର୍ତ୍ତବ୍ୟ ପ୍ରତି ସେତିକି ସଚେତନ ହେଲେ ଭାରତର ବିକାଶ ଧାରା ଆହୁରି ତ୍ୱରାନିତ ହୋଇ ପାରିବ ବୋଲି ଭବାନୀପାଟଣା ସ୍ଥିତ ଜିଲ୍ଲା ସମାଜ ସୁରକ୍ଷା କାର୍ଯ୍ୟାଳୟରେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ପକ୍ଷରୁ 'ସୁସ୍ଥ ସମାଜ ଗଠନରେ ଗଣ ମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ସତ୍ୟ ନାରାୟଣ ମହାପାତ୍ର ଓ ସାମ୍ବାଦିକ ରାଜ କୁମାର ସିଂହଦେଓ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ସଭାପତି ମଳୟ କୁମାର ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଉମା ଶଙ୍କର କର ଧନ୍ୟବାଦ ଅର୍ପଣ କରିଥିଲେ।

# ରିଷିଡ଼ାରେ ନୂତନ ଫାଣ୍ଡିଧିକାରୀଙ୍କ ଯୋଗଦାନ

**କର୍ଲାମୁଣ୍ଡା, ୬।୮ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ମକରଧ୍ୱଜ ବିଷୋୟୀ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଜୁନାଗଡ଼ ଥାନାରେ କାର୍ଯ୍ୟରତ ଥିଲେ। ଏଠି କାର ଫାଣ୍ଡିଅଧିକାରୀ ପଦୋନ୍ନତି ପାଇବାରୁ ଏହି ପଦ ଖାଲିପଡ଼ିଥିଲା। ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ବିଷୋୟୀ କହିଛନ୍ତି ଯେ ରିଷିଡା ଫାଣ୍ଡିଅଞ୍ଚଳରେ ଶାନ୍ତି ବଜାୟ ରଖିବା ସହ ଅସାମାଜିକ କାର୍ଯ୍ୟାକଳାପ ରୋକିବା ଅପରାଧ ନିୟନ୍ତ୍ରଣ କରିବାକୁ ପ୍ରାଥମିକତା ଦେବେ ଏ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## କ୍ଷୁଦ୍ର ଜଳସେଚନ ବିଭାଗର ସମୀକ୍ଷା ବୈଠକ

# ପ୍ରକଳ୍ପଗୁଡ଼ିକୁ ସମୟ ଭିତରେ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସିନାପାଲି, ୬।୮ (ସମିସ):** ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦ୍ରଶେଖର ସେଠୀ ସୂଚନା ଦେଇଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସହଜାତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଲାଇନିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଉଦ୍‌ଘାଟନକୁ ଅପେକ୍ଷା କରିଛି। ସେହିପରି କୋଦୋପାଲି ଡାଇଭର୍ସନ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ହୋଇଥିବାବେଳେ ଡିଆନମୁଣ୍ଡାର ସିଲଦା ନାଳା ଏବଂ ଝିଲିମିଲାର ସିରଟୋଲ ନାଳାରେ ଦୁଇଟି ନୂତନ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ଚୁକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। ଜିଲ୍ଲାପାଳ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ପୁନରୁଦ୍ଧାର ଆବଶ୍ୟକ ଥିବା ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରି ଶୀଘ୍ର ପ୍ରସ୍ତାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦ୍ରଶେଖର ସେଠୀଙ୍କ ସମେତ ବିଭାଗର ଅନ୍ୟାନ୍ୟ ବୈଷୟିକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଆମପାଣି ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**କୋକସରା, ୬।୮ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ 'ଜ୍ଞାନବିଜ୍ଞାନ ମେଳା' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ରଏନଗୁଡ଼ାସ୍ଥିତ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିନାଥ ପ୍ରଶ୍ନ ରାୟ, ସମ୍ପାଦକ ପରମେଶ୍ୱର ଧଙ୍ଗଡ଼ାମାଝୀ, ଉପସଭାପତି ନକୁଳ ବାଣୁଆ ଏବଂ ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ପଣ୍ଡା ଅତିଥି ଭାବେ ଉପସ୍ଥିତ ରହି ଶିଶୁ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମେଳାରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରେ ମୋଟ ୬୦ଟି ଆକର୍ଷଣୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସୀମନ୍ତିନୀ ପଣ୍ଡା ପରିଚାଳନା କରିଥିଲେ। ଆଚାର୍ଯ୍ୟ ଗୌରଚନ୍ଦ୍ର ନାଏକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ସମାସସେବୀ କମଳ ଚରଣଙ୍କ ପରଲୋକ

**ଖଡ଼ିଆଳ, ୬।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ନେହେନା ସଂସ୍କୃତି ପ୍ରେମୀ, ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜସେବୀ କମଳଚରଣ ଦାସ (୪୫)ଙ୍କ ପରଲୋକ ଘଟିଛି। ଗତ ଏକ ସପ୍ତାହ ଧରି ସେ ବିଶାଖାପାଟଣାର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତବୁଧବାର ରାତିରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କର ଦୁଇ ଛୋଟ ପୁଅ ଝିଅ ଓ ସ୍ତ୍ରୀ ଅନାଥ ହୋଇ ଯାଇଛନ୍ତି। ଗୁରୁବାର ତାଙ୍କର ମୃତ ଦେହକୁ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।



## ଲାଞ୍ଜିଗଡ଼ ବ୍ଲକ୍ ଗସ୍ତରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ପ୍ରଧାନମନ୍ତ୍ରୀ ଜନମନ ଗୃହ ଯୋଜନାର ସମୀକ୍ଷା

**ଲାଞ୍ଜିଗଡ଼, ୬।୮ (ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ବିକାଶ କାର୍ଯ୍ୟ ଓ କେନ୍ଦ୍ର ସରକାରଙ୍କ ଫ୍ଲାଗସିପ୍ ଯୋଜନା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନର କାର୍ଯ୍ୟାନ୍ୱୟନ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆଜି ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ବ୍ଲକ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ବିଶେଷ ଭାବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଜନମନ ଗୃହ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଯାଞ୍ଚ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନ ପ୍ରଥମେ ବନ୍ଧପରି ପଞ୍ଚାୟତ ଅଧୀନରେ ଥିବା କୁବେରୀ, କର୍କାମସ୍କା ଓ କୁଟୁଗୁଡ଼ା ଗାଁ ଗୁଡିକୁ ଯାଇ ସେଠାରେ ନିର୍ମାଣ ହେଉଥିବା ଗୃହ ଗୁଡିକର ଗୁଣବତ୍ତା ଓ କାମର ଗତି ଦେଖିଥିଲେ। ଏହାପରେ ସେ ଛତ୍ରପୁର ପଞ୍ଚାୟତର ମସ୍କାପଦର ଓ ଖଜୁରିପଡ଼ା ଗାଁ ଏବଂ ଶେଷରେ ଲାଞ୍ଜିଗଡ଼ ପଞ୍ଚାୟତର କେନ୍ଦୁଗୁଡ଼ା ଗାଁକୁ ଗସ୍ତ କରିଥିଲେ। ପ୍ରତିଟି ଗାଁରେ ସେ ହିତାଧିକାରୀମାନଙ୍କ ସହ ସିଧା ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଘର ନିର୍ମାଣରେ କୌଣସି ଅସୁବିଧା ହେଲେ ତୁରନ୍ତ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ କହିଥିଲେ। ସେ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ଯୋଜନାର କାର୍ଯ୍ୟାନ୍ୱୟନରେ କୌଣସି ପ୍ରକାରର ବିଳମ୍ବ କିମ୍ବା ଅବହେଳା ଚଳିବ ନାହିଁ। ସମସ୍ତ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତଦାରଖ କଡାକଡି କରିବାକୁ କହିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଧାନଙ୍କ ସହ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅମୂଲ୍ୟ ବାହାଲ, ଲାଞ୍ଜିଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, କନିଷ୍ଠଯନ୍ତ୍ରୀ ସ୍ମିତା ବିଶ୍ୱାଳଙ୍କ ସମେତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓମାନେ ଉପସ୍ଥିତ ଥିଲେ।



# ଶିକ୍ଷକ କର୍ମଚାରୀ ସମନ୍ୱୟ କମିଟି ତରଫରୁ ଦାବିପତ୍ର ପ୍ରଦାନ



**କୋମନା, ୬।୮ (ସମିସ):** ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ କମିଟି, କୋମନା ବ୍ଲକ ତରଫରୁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋମନା ବ୍ଲକର ସଭାପତି ଗିରି ମହତାବ, ସମ୍ପାଦକ ତପନ କୁମାର ବହିଦାର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ୍ତ କୁମାର ଯୋଶୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ଓ କର୍ମଚାରୀମାନଙ୍କର ଦୀର୍ଘଦିନର ବାକି ରହିଥିବା ନ୍ୟାଯ୍ୟ ଦାବିଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ସମିତି ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ଶୀଘ୍ର ଏହି ଦାବିଗୁଡ଼ିକ ଉପରେ ଯୋଗ୍ୟ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି କମିଟି ତରଫରୁ ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜୟ ପ୍ରକାଶ କୁମାର, ଫକୀର ମୋହନ ଠାକୁର, ଟିକେଧର ପୋଡ଼, ସନ୍ତୋଷ କୁମାର ଠାକୁରଙ୍କ ସମେତ ବ୍ଲକର ବହୁ ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସୂର୍ଯ୍ୟ ଓ ସତ୍ୟକୁ ଅଧିକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିହେବ ନାହିଁ।
-ଗୌତମ ବୁଦ୍ଧ

## ମନି ବିଲ୍ ବିବାଦ

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ ରୁ ୩୮ ବୃଦ୍ଧି ପ୍ରସ୍ତାବକୁ ବୈଧାନିକ ସ୍ୱୀକୃତି ଦେବା ପାଇଁ କେନ୍ଦ୍ର ସରକାର 'ମନି ବିଲ୍' ବ୍ୟବସ୍ଥା ଉପଯୋଗ କରିଥିବାରୁ ବିତର୍କ ସୃଷ୍ଟି ହୋଇଛି। ୨୦୧୯ରେ ମଧ୍ୟ ସମାନ ଢଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା। ସାଧାରଣତଃ କନ୍ସୋଲିଡେଟେଡ୍ ଫଣ୍ଡ, କଣ୍ଟିଜେନ୍ସି ଫଣ୍ଡ, ବଜେଟ୍ ପ୍ରସ୍ତାବ, ଟିକସ ପ୍ରସ୍ତାବ ଆଦି ଅର୍ଥସଂକ୍ରାନ୍ତ ବିଧେୟକଗୁଡ଼ିକୁ ସଂସଦରେ ପାରିତ କରିବା ପାଇଁ 'ମନି ବିଲ୍' ବ୍ୟବସ୍ଥା ସମ୍ବିଧାନର ୧୧୦ ଧାରାରେ ଉଲ୍ଲେଖ ରହିଛି। ସମ୍ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ଅତିରିକ୍ତ ଚାରି ବିଚାରପତି ପଦ ସୃଷ୍ଟି ପାଇଁ ଦରମା, ଭତ୍ତା, ଆବାସିକ ଖର୍ଚ୍ଚ, ସୁରକ୍ଷା ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଆଦିକୁ ମିଶାଇ ସାମଗ୍ରିକ ଭାବେ ୧୪ କୋଟି ୪ ଲକ୍ଷ ୧୭ ହଜାର ୬୪୮ ଟଙ୍କାର ଅତିରିକ୍ତ ଆର୍ଥିକ ଭାର ରାଜକୋଷ ଉପରେ ପଡ଼ିବ। ତେଣୁ ସୁପ୍ରିମକୋର୍ଟ(ବିଚାରପତି ସଂଖ୍ୟା) ସଂଶୋଧନ ବିଧେୟକ-୨୦୨୬କୁ 'ମନି ବିଲ୍' ଭାବରେ ଲୋକସଭାରେ ପାରିତ କରାଗଲା ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇଛନ୍ତି।

ଅପରପକ୍ଷରେ ଯେତେବେଳେ ରାଜ୍ୟ ସଭାରେ କ୍ଷମତାସୀନ ଶାସକ ଦଳର ବହୁମତ ନ ଥାଏ ସେତେବେଳେ କୌଣସି ବିଧେୟକ ପାରିତ କରି ଆଇନରେ ପରିଣତ କରିବା ପାଇଁ 'ମନି ବିଲ୍'ଉପଯୋଗ କରାଯାଇଥିବାର ଉଦାହରଣ ରହିଛି। ଏନ୍‌ଡିଏ ସରକାର ପୂର୍ବ ପାଳିରେ 'ପ୍ରିଭେନ୍‌ସନ୍ ଅଫ୍ ମନି ଲର୍ଡରିଂ ଆକ୍ଟ', 'ଆଧାର ଆଇନ୍' ଓ 'ଟ୍ରିବ୍ୟୁନାଲ୍ ନିଯୁକ୍ତି ସେବା ଆଇନ୍'କୁ 'ମନି ବିଲ୍' ଜରିଆରେ ପାରିତ କରାଯିବା ପରେ ଏହାର ସାମ୍ବିଧାନିକ ବୈଧତା ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାୟର ହୋଇଥିଲା। ଏଥିମଧ୍ୟରୁ 'ଆଧାର ଆଇନ' ପାରିତ ପ୍ରକ୍ରିୟାକୁ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ସଙ୍ଗତ ବୋଲି ରାୟ ଦେଇଥିବା ବେଳେ 'ଟ୍ରିବ୍ୟୁନାଲ୍ ଆଇନ୍' ପ୍ରକ୍ରିୟାକୁ ଅସାମ୍ବିଧାନିକ ଦର୍ଶାଇ ଖାରଜ କରିଦେଇଥିଲେ। ସେହିପରି 'ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ'ର ସାମ୍ବିଧାନିକ ବୈଧତା ସର୍ବୋଚ୍ଚ ନ୍ୟାୟାଳୟର ବୃହତ୍ତର ସମ୍ବିଧାନ ଖଣ୍ଡପୀଠରେ ବିଚାରାଧୀନ ରହିଛି। ୨୦୧୮ ରେ ତତ୍କାଳୀନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ 'ଆଧାର ଆଇନ' ସମ୍ପର୍କିତ ମାମଲା ଶୁଣାଣି ବେଳେ ପ୍ରତ୍ୟକ୍ଷ ଆର୍ଥିକ ସମ୍ପର୍କ ନଥିବା ବିଧେୟକଗୁଡ଼ିକୁ ମନି ବିଲ୍ ଜରିଆରେ ପାରିତ କରାଇ ନେବାର ଉଦ୍ୟମକୁ 'ଗଳା ବାଟ' ବା 'ଠକେଇ' ଭାବେ ଅଭିହିତ କରିଥିଲେ।

ତେଣୁ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ 'ମନି ବିଲ୍' ସାହାରା ନେବା ସମ୍ବିଧାନର ଦୁରୁପଯୋଗ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଏବେ ସଂସଦରେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରହିଥିବାରୁ କେନ୍ଦ୍ର ସରକାର 'ମନି ବିଲ୍' ଜରିଆରେ ଅତ୍ୟାବଶ୍ୟକ ଅତିରିକ୍ତ ବିଚାରପତି ନିଯୁକ୍ତି ବିଧେୟକକୁ ପାରିତ କରାଇ ନେବାକୁ ଉଚିତ ମଣିଛନ୍ତି। ଏହାଦ୍ୱାରା ଲକ୍ଷ ଲକ୍ଷ ବିଚାରାଧୀନ ମାମଲାର ବିଚାର ପ୍ରକ୍ରିୟା ଓ ଫଇସଲା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା ସଞ୍ଚାର ହୋଇଛି।

## ସ୍ୱାଗତଯୋଗ୍ୟ ରାୟ

ସଡ଼କ ପଥରେ ପରିବହନ, ଗମନାଗମନ, ଯାନବାହନ ସଂଖ୍ୟା ବୃଦ୍ଧି ସହିତ ଦୁର୍ଘଟଣା ପରିସଂଖ୍ୟାନ ମଧ୍ୟ ବଢ଼ି ଚାଲିଛି। ଦୁର୍ଘଟଣାରେ ମୃତ, ଆହତ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ମୋଟର ଯାନ ଆଇନ ୧୯୮୮ ଧାରା ୧୪୬ ଅନୁଯାୟୀ ଗାଡ଼ିଚାଳକ/ଗାଡ଼ି ମାଲିକଙ୍କ ପାଇଁ ତୃତୀୟ ପକ୍ଷ ବୀମା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ଅନେକ ଗାଡ଼ିଚାଳକ ବୀମାଧାରୀ ଭାବେ ପଞ୍ଜିକୃତ ହେଉ ନାହାନ୍ତି କିମ୍ବା ବୀମାର ନବୀକରଣ କରୁନାହାନ୍ତି। ଫଳରେ ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ଏଥିରେ ଉଦ୍‌ବେଗ ପ୍ରକାଶ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଏକ ସ୍ୱାଗତଯୋଗ୍ୟ ବାଟ ବାହାର କରିଛନ୍ତି। ଯେଉଁମାନଙ୍କର ବୀମା ନବୀକରଣ ହୋଇନାହିଁ ବା ଆଦୌ ବୀମା ନାହିଁ ସେମାନଙ୍କୁ ପେଟ୍ରୋଲ୍/ଡିଜେଲ୍ ନ ଦେବା ଏବଂ କୌଣସି ବାହନଚାଳକ ବୀମାଧାରୀ କି ନୁହନ୍ତି ତାହା ସାଧାରଣ ନାଗରିକ ଜାଣିପାରିବା ଭଳି ବ୍ୟବସ୍ଥା ବିକାଶ ଦିଗରେ ଦୃଷ୍ଟି ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ୨୦୨୪ ଡିସେମ୍ବର ମାସରେ ସଂସଦର ଅର୍ଥ ମନ୍ତ୍ରଣାଳୟର ସ୍ଥାୟୀ କମିଟି ପ୍ରଦତ୍ତ ଏକ ରିପୋର୍ଟକୁ ଉଦ୍ଧାର କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ ଦେଶରେ ସେହି ସମୟରେ ମୋଟ ୧୬ କୋଟି ୫୪ ଲକ୍ଷ ଯାନ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୪୪ ପ୍ରତିଶତ ଗାଡ଼ିମାଲିକଙ୍କ ନାମରେ ବୀମା ରହିଥିଲା। ଦେଶରେ ବର୍ଷକୁ ହାରାହାରି ୪ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିମଧ୍ୟରୁ ମାତ୍ର ୨୨% ବୀମାଭୁକ୍ତ। ଗାଡ଼ି ଚାଳକମାନଙ୍କର ଏଭଳି ମାନସିକତାକୁ ପ୍ରତିହତ କରିବା ପାଇଁ 'ବାହନ ପୋର୍ଟାଲ୍' ସହିତ ବୀମା ସୂଚନା ବ୍ୟୁରୋକୁ ସଂଲଗ୍ନ କରିପାରିବା ଭଳି ବ୍ୟବସ୍ଥା ବିକଶିତ କରିବା ଉପରେ ଖଣ୍ଡପୀଠ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିସହିତ ପ୍ରତି ଗାଡ଼ିର ବୀମା ଯାଞ୍ଚ କରିବା ଲାଗି ପୁଲିସ୍‌କୁ ଅଧିକୃତ କରିବା, ଜାତୀୟ ରାଜପଥମାନଙ୍କରେ 'ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ' ଓ 'ଇଚାଲାଣ' ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ବୀମା ଅବଧିକୁ ଦୁଇଚକିଆ ଯାନ ପାଇଁ ୬ ବର୍ଷ ଓ ଚାରିଚକିଆ ଯାନ ପାଇଁ ୪ ବର୍ଷକୁ ବୃଦ୍ଧି କରି ଏହାକୁ ତତ୍କାଳ ଲାଗୁ କରିବାକୁ ଖଣ୍ଡପୀଠ ବୀମା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ୨୦୧୮ ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ଏହି ଅବଧି ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ଯଥାକ୍ରମେ ୫ ବର୍ଷ ଓ ୩ ବର୍ଷ ରହିଥିଲା। ଏଥିସହିତ ବୀମା କମ୍ପାନୀମାନେ ଉପଭୋକ୍ତା ଅନୁକୂଳ ହେବାକୁ ରାୟରେ ପରାମର୍ଶ ଦିଆଯାଇଛଇ। ୨୦୨୨ ମାର୍ଚ୍ଚ ମାସରୁ ଯେଉଁ ମାମଲାଗୁଡ଼ିକ ବିଚାରାଧୀନ ରହିଛି ତାହା ତ୍ୱରାନ୍ୱିତ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବାରୁ ପୀଡ଼ିତମାନେ ଉପକୃତ ହେବେ। ସର୍ବାଦୌ ଏଭଳି ରାୟ ସମୟୋପଯୋଗୀ ଓ ସ୍ୱାଗତଯୋଗ୍ୟ।

# ସ୍ୱଚ୍ଛ ଇନ୍ଧନ ବନାମ ଗ୍ରାହକଙ୍କ ସ୍ୱାର୍ଥ

ବରୁଣ କୁମାର ମହାପାତ୍ର




ଭାରତରେ 'ଇ୨୦' ଇନ୍ଧନର ପ୍ରଚଳନ ସମ୍ପ୍ରତି ଏକ ଜାତୀୟ ବିତର୍କ ପାଲଟିଛି। ସରକାର ଏହାକୁ ଦେଶର ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବୈପ୍ଳବିକ ପଦକ୍ଷେପ ବୋଲି କହୁଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଧାରଣ ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମନରେ କିନ୍ତୁ ଏହି ମିଶ୍ରଇନ୍ଧନକୁ ନେଇ ଅନେକ ପ୍ରଶ୍ନ ଓ ଆଶଙ୍କା ସୃଷ୍ଟି ହୋଇଛି।

'ଇ୨୦' ହେଉଛି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ। ଇଥାନଲ ଏକପ୍ରକାର ଜୈବ ଇନ୍ଧନ, ଯାହା ମୁଖ୍ୟତଃ ଆଖୁ, ମକା, ବାର୍ଲି ଆଦି କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ। 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମ ଅଧୀନରେ ସରକାର ଏହି ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ୨୦୧୩-୧୪ରେ ଇଥାନଲ ମିଶ୍ରଣ ହାର ୧.୫ ପ୍ରତିଶତରୁ କମ୍ ଥିଲା ବେଳେ ସମ୍ପ୍ରତି ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। 'ଇ୨୦' ଲକ୍ଷ୍ୟ ହାସଲ ପାଇଁ ୨୦୩୦ ଥିଲା ସମୟସୀମା। ଭାରତ କିନ୍ତୁ ଧାର୍ଯ୍ୟ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି।

ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏଥିପାଇଁ ପ୍ରତିବର୍ଷ ପାଖାପାଖି ୧୫୦ ବିଲିଅନ ଡଲାର ଖର୍ଚ୍ଚ କରିଥାଏ। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ, ଯାହା ସମ୍ପ୍ରତି ମଧ୍ୟପ୍ରାଚ୍ୟ ସଂକଟରୁ ଅନୁମେୟ। ତେଣୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ଉଦ୍ଦେଶ୍ୟରେ ଭାରତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦିଗରେ ପଦକ୍ଷେପ ନେଇଛି। ଏହାଦ୍ୱାରା ବିଦେଶୀ ମୁଦ୍ରାଭଣ୍ଡାର ଉପରେ ଚାପ କମିବ ଏବଂ କୃଷିଭିତ୍ତିକ ଶିଳ୍ପକୁ ବି ବଜାର ମିଳିବ ବୋଲି ଭାରତ ସରକାର ଯୁକ୍ତି ବାଢ଼ିଛନ୍ତି। ଇଥାନଲ ଏକ ନବୀକରଣଯୋଗ୍ୟ ଜୈବ ଇନ୍ଧନ ହୋଇଥିବାରୁ ଏହାର ବ୍ୟବହାର ପେଟ୍ରୋଲ, ଡିଜେଲ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହାଛଡ଼ା 'ଇ୨୦' ଦ୍ୱାରା ବାୟୁମଣ୍ଡଳକୁ କ୍ଷତିକାରକ ଗ୍ୟାସର ନିର୍ଗମନ କମିବ। ଯାହା ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବ।

ଇଥାନଲ ମିଶ୍ରିତ ଇନ୍ଧନ ଆଧୁନିକ ଯାନବାହନ ପାଇଁ ଅନୁକୂଳ ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ 'ଇ୨୦'କୁ ନେଇ ଗାଡ଼ିଚାଳକ ବିଶେଷକରି ୨୦୨୩ ପୂର୍ବରୁ ନିର୍ମିତ ଗାଡ଼ି ମାଲିକମାନଙ୍କ ସନ୍ଦେହ ଦୂରୀଭୂତ ହେଉନାହିଁ। ସେମାନଙ୍କ ଅଭିଯୋଗ ଯେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସେମାନଙ୍କ ଗାଡ଼ିର ମାଇଲେଜ୍ କମି ଯାଉଛି। ଇଞ୍ଜିନ ଖରାପ ହେଉଛି। ଏହି ଇନ୍ଧନର ବ୍ୟବହାର ଯୋଗୁଁ ଦୀର୍ଘକାଳୀନ ପ୍ରତିକୂଳ ପ୍ରଭାବ ନେଇ ଗାଡ଼ି ମାଲିକଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ିଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିପାରେ। ୨୦୨୩ ପରେ ନିର୍ମିତ କିଛି ଇଥାନଲ ଅନୁକୂଳ ଯାନ ଏହି ମିଶ୍ରପେଟ୍ରୋଲ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଏ ବାବଦରେ ସ୍ପଷ୍ଟ ମାର୍ଗଦର୍ଶିକାର ଅଭାବ ସହ ୱାରେଣ୍ଟି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ଉଠିଛି। ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ କୌଣସି ସମସ୍ୟା ଉପୁଜିଲେ ତାହାକୁ ଗାଡ଼ି ନିର୍ମାତାମାନେ ୱାରେଣ୍ଟି ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ ମଧ୍ୟ ଗ୍ରାହକଙ୍କ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିବା ପାଇଁ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଅବଶ୍ୟ କିଛି ପୁରୁଣା ଯାନରେ ସମସ୍ୟା କଥାକୁ କିଛି ଗାଡ଼ି ନିର୍ମାତା ମାନିଛନ୍ତି। 'ଇ୨୦' ବ୍ୟବହାର ଦ୍ୱାରା କେତେକ ଗାଡ଼ିରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମାଇଲେଜ୍ କମିପାରେ ବୋଲି ତୈଳ ମନ୍ତ୍ରାଳୟ ସ୍ୱୀକାର କରିଛି। ସେପଟେ ବିରୋଧୀ ଦଳଙ୍କ ଅଭିଯୋଗ ହେଉଛି ଯେ ଇଥାନଲ ଉତ୍ପାଦନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ଜଡ଼ିତ ଥିବାରୁ ଏହି ମିଶ୍ରଇନ୍ଧନ ନୀତିକୁ କାର୍ଯ୍ୟକାରୀ କରାଯାଉଛି। ଏ ସବୁ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମକୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସରକାର।

ଗାଡ଼ି ଗ୍ରାହକଙ୍କ ବ୍ୟତୀତ 'ଇ୨୦' ନେଇ ପରିବେଶବିତ୍‌ମାନଙ୍କର ମଧ୍ୟ କିଛି ଆପତ୍ତି ରହିଛି। ଇଥାନଲଯୁକ୍ତ ଇନ୍ଧନ ଯୋଗୁଁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆଖୁ ଭଳି ଫସଲ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ। ଯଦି ଇଥାନଲ ଉତ୍ପାଦନ ପାଇଁ ଆଖୁ ଅଧିକମାତ୍ରାରେ ବ୍ୟବହୃତ ହୁଏ, ତେବେ ଜଳସଙ୍କଟ ଆହୁରି ଉତ୍କଟ ହୋଇପାରେ। ଏହାଛଡ଼ା ଜମି କିସମର ପରିବର୍ତ୍ତନ ସହ ଖାଦ୍ୟ ସୁରକ୍ଷା ଉପରେ ଚାପ ବଢ଼ିବା ଆଶଙ୍କା ରହିଛି। ଖାଦ୍ୟଚକ୍ର ଆଧାରିତ ଅଙ୍ଗାରକ ନିର୍ଗମନ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପରିବେଶବିତ୍ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଭାରତ ଇଥାନଲ ପ୍ରସଙ୍ଗରେ ବ୍ରାଜିଲ ମଡେଲକୁ ଅନୁସରଣ କରୁଛି। ଇଥାନଲ ମିଶ୍ରଣ କ୍ଷେତ୍ରରେ ବ୍ରାଜିଲ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୯୭୦ ଦଶକର ତୈଳ ସଙ୍କଟ ପରଠୁ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୨୦ ରୁ ୮୫ ପ୍ରତିଶତ ଯାଏଁ ଇଥାନଲ ମିଶ୍ରଇନ୍ଧନ ବ୍ୟବହାର ହେଉଛି। ଏଥିପାଇଁ ସେଠାରେ ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ରହିଛି, ଯାହା ଶତ ପ୍ରତିଶତ ଇଥାନଲରେ ଚାଲେ। ଭାରତ ପାଇଁ ଆହ୍ୱାନ ହେଉଛି ବ୍ରାଜିଲ ଭଳି ପର୍ଯ୍ୟାୟକ୍ରମେ ବିକଶିତ ହୋଇଥିବା ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ଏଠାରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ। ଭବିଷ୍ୟତରେ ୮୫ ପ୍ରତିଶତ ଇଥାନଲ ମିଶ୍ରିତ(ଇ୮୫) ଇନ୍ଧନର ବ୍ୟବହାର ନେଇ ସରକାର ସଙ୍କେତ ଦେଇଥିବା ବେଳେ ଫ୍ଲେକ୍ସ-ଫ୍ୟୁଏଲ ଯାନର ଆବଶ୍ୟକତା ରହିଛି। ସରକାର ଏ ଦିଗ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

'ଇ୨୦' ନେଇ ବିବାଦର ମୂଳ କାରଣ ବିଶ୍ୱାସ ଓ ସ୍ପଷ୍ଟ ସୂଚନାର ଅଭାବ। ଶକ୍ତି ସୁରକ୍ଷା, କୃଷକଙ୍କ ଆୟ ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଏକ ଦୂରଦର୍ଶୀ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ଲାଗି କେବଳ ନୀତି ଘୋଷଣା କରିଦେଲେ ହେବ ନାହିଁ। ସରକାରଙ୍କୁ ଉଭୟ ପୁରୁଣା ଓ ନୂଆ ଯାନବାହନ ପାଇଁ ସ୍ପଷ୍ଟ ପ୍ରାୟୋଗିକ ମାର୍ଗଦର୍ଶିକା ଜାରି କରିବାକୁ ହେବ। ଏଥିସହ ସ୍ୱାଧୀନ ତଥା ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନର ଫଳାଫଳ ସାର୍ବଜନୀନ କରି ଗ୍ରାହକଙ୍କ ସନ୍ଦେହ ଦୂର କରିବାକୁ ପଡ଼ିବ। ଫ୍ଲେକ୍ସ-ଫ୍ୟୁଏଲ ଯାନକୁ ପ୍ରୋତ୍ସାହନ ଓ ଇଥାନଲ ଉତ୍ପାଦନରେ ଜଳ ଓ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ବି ଜରୁରୀ। ଅନୁରୂପ ଭାବେ ଗାଡ଼ି କମ୍ପାନିମାନଙ୍କୁ ମଧ୍ୟ ପୁରୁଣା ଓ ନୂଆ ଯାନମାଲିକଙ୍କ ପାଇଁ ସ୍ପଷ୍ଟ ସୂଚନା ଦେବା ଉଚିତ। ସବୁଜ ତଥା ସ୍ୱଚ୍ଛ ଇନ୍ଧନ ଆଡ଼କୁ ଭାରତର ଯାତ୍ରା ଅପରିହାର୍ଯ୍ୟ। ତେବେ ବିଜ୍ଞାନ ଓ ପାରଦର୍ଶିତା, ଗ୍ରାହକଙ୍କ ସ୍ୱାର୍ଥ ଓ ପରିବେଶ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା ହୋଇପାରିଲେ ହିଁ ଏହି ଯାତ୍ରା ସଫଳ ହୋଇପାରିବ।

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ଯେଉଁଠି ଆତଙ୍କବାଦୀଙ୍କୁ ମହାପୁରୁଷ ଆଖ୍ୟା ଦିଆଯାଇଛି

ପଞ୍ଚାନନ ଅଗ୍ରୱାଲା

କମ୍ୟୁନିଷ୍ଟ ଶାସକ ଲେନିନ କହୁଥିଲେ, 'ମୋତେ ପିଲାମାନଙ୍କୁ ଶିଖାଇବାକୁ ଚାରିବର୍ଷ ଦିଆଯାଉ, ମୁଁ ଯେଉଁ ମଞ୍ଜି ପୋତିବି, ତା'କୁ କେହି ଉଖାଡ଼ି ପାରିବେ ନାହିଁ।' ଏବେ ଶିକ୍ଷା ମାଧ୍ୟମରେ ଏପରି କାହାଣୀମାନ ଗଢ଼ିବାକୁ ଉଦ୍ୟମ ହେଉଛି, ଯାହା ଦେଶ ସମାଜକୁ ବିଧ୍ୱଂସ ଆଡ଼କୁ ନେଇଯିବା ଥୟ। ଜାମ୍ମୁକାଶ୍ମୀରରେ କେନ୍ଦ୍ର ସରକାରଙ୍କ ପ୍ରଯୋଜିତ 'ସର୍ବଶିକ୍ଷା ଯୋଜନା' ସହିତ ଜଡ଼ିତ ବିଦ୍ୟାଳୟର ପାଠାଗାର ପାଇଁ ପୁସ୍ତକ ଚୟନରେ ପ୍ରତିଫଳିତ ମାନସିକତା ଆଧାରରେ ଏଭଳି ଆଶଙ୍କା ପ୍ରକାଶ ପାଉଛି। ସେହି ପୁସ୍ତକଗୁଡ଼ିକରେ ବିଚ୍ଛିନ୍ନତାବାଦ, ଆତଙ୍କବାଦ, ଭାରତ ବିରୋଧୀ ମାନସିକତା ପ୍ରତିଫଳିତ ହୋଇଛି। ବିବାଦର କେନ୍ଦ୍ରରେ ରହିଛି 'ପରସନାଲିଟିଜ୍ ଆଣ୍ଡ ଲିଜେଣ୍ଡସ ଅଫ୍ ଜାମ୍ମୁକାଶ୍ମୀର' ଏବଂ 'ଗ୍ରେଟ ପରସନାଲିଟିଜ୍ ଅଫ୍ ଜାମ୍ମୁ ଆଣ୍ଡ କାଶ୍ମୀର' ନାମକ ଦୁଇଟି ପୁସ୍ତକ।

ଉକ୍ତ ପୁସ୍ତକମାନଙ୍କରେ ଆତଙ୍କବାଦୀ ମକବୁଲ ଭଟ୍ଟ, ବିଚ୍ଛିନ୍ନତାବାଦୀ ସୟଦ ଅଲ୍ଲୀ ଶାହ ଗିଲାନୀ, ସବିର ଅହମ୍ମଦ ଶାହ, ମସରତ ଆଲମ, ମୀରଜାଇଜ ଉମର ଫାରୁକ, ମୌଲବୀ ଫାରୁକ ଭଳି ଦେଶବିରୋଧୀ ତତ୍ତ୍ୱମାନଙ୍କୁ ଜାମ୍ମୁକାଶ୍ମୀରର ମହାପୁରୁଷ ରୂପରେ ଏବଂ ଭାରତକୁ ନକାରାତ୍ମକ ରୂପେ ଚିତ୍ରିତ କରାଯାଇଛି। କୁଖ୍ୟାତ ଆତଙ୍କବାଦୀ ମକବୁଲ ଭଟ୍ଟକୁ ମହାନ କ୍ରାନ୍ତିକାରୀ କୁହାଯାଇଛି ଏବଂ ଜାମ୍ମୁକାଶ୍ମୀରକୁ ପାକିସ୍ତାନରେ ବିଲୟ ହୋଇଯିବାର ଯୁକ୍ତି ଦର୍ଶାଯାଇଛି। ଦୁର୍ଦ୍ଦାନ୍ତ ଅନ୍ତଃରାଷ୍ଟ୍ରୀୟ ଆତଙ୍କବାଦୀ ହାଫିଜ ସୟଦର ପ୍ରଶଂସାଗାନ କରାଯାଇଛି। ଭାରତକୁ ଜବରଦଖଲକାରୀ ଦମନକାରୀ ରାଜ୍ୟ ରୂପେ ବର୍ଣ୍ଣନା କରାଯାଇଛି।



ବିବାଦ ସାମ୍ନାକୁ ଆସିବା ପରେ ଜାମ୍ମୁକାଶ୍ମୀର ସରକାର ଦୁଇଟି ପୁସ୍ତକ ଉପରେ କଟକଣା ଜାରି କରି ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଠ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଦୁଇ ପୁସ୍ତକର ଲେଖକ ଆଉ ପ୍ରକାଶକମାନଙ୍କୁ କଳା ତାଲିକାଭୁକ୍ତ କରିଦିଆଯାଇଛି। ମାମଲାର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବିଶେଷଜ୍ଞ ସମିତିରେ କେଉଁ ସଦସ୍ୟ ଅଛନ୍ତି ଯେ ଏଭଳି ପୁସ୍ତକଗୁଡ଼ିକୁ କିଣିବା ପାଇଁ ସୁପାରିସ କରିଥିଲେ? ପୁସ୍ତକଗୁଡ଼ିକର ସ୍ୱୀକୃତି ପାଇଁ ବିଶେଷଜ୍ଞମାନଙ୍କ ସମିତି ଗଠନ କିଏ କରିଥିଲେ? ଆଉ କେଉଁ ଆଧାରରେ କରିଥିଲେ? ଏସବୁ ବିଷୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ସୁନିୟୋଜିତ ଢଙ୍ଗରେ ଉପରିସ୍ଥ ଅଧିକାରୀମାନଙ୍କ ମାଧ୍ୟମରେ ପୁସ୍ତକ କିଣାଯାଇଥିବା ଅଭିଯୋଗ ହେଉଛି। ଏହା କିନ୍ତୁ ଚିନ୍ତା କରିବା କଥା ଭାରତ ସରକାରଙ୍କ ଶିକ୍ଷା ଯୋଜନାରେ ଜାମ୍ମୁକାଶ୍ମୀର ସରକାରଙ୍କ ନିର୍ଦ୍ଦେଶରେ ଏହି ପୁସ୍ତକକୁ ପଠନ ଉପଯୋଗୀ କରାଯାଉଛି। ଯାହା ଗୋଟିଏ ଦିଗରେ ଆତଙ୍କବାଦୀ ଆଉ ବିଚ୍ଛିନ୍ନତାବାଦୀମାନଙ୍କୁ ମହିମାମଣ୍ଡନ କରୁଛି। ଅନ୍ୟପକ୍ଷରେ ଭାରତର ଶାସନ କ୍ଷମତାକୁ ନକାରାତ୍ମକ ରୂପେ ଚିତ୍ରଣ କରି ଆମର ସାର୍ବଭୌମତ୍ୱ ଆଉ ଅଖଣ୍ଡତାକୁ ବିପଦରେ ପକାଇବା କାମ କରାଯାଉଛି। ଏହି ମାମଲାରେ ପୁସ୍ତକର ଲେଖକ ଓ ପ୍ରକାଶକମାନଙ୍କୁ କେବଳ କଳା ତାଲିକାଭୁକ୍ତ କରିଦେବା ଯଥେଷ୍ଟ ନୁହେଁ। ସେମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧୀ ଲେଖା ପ୍ରଚାର କରିବା ମାମଲା ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ହେବ। ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା, ଦେଶଦ୍ରୋହ, ଆତଙ୍କବାଦ ଆଦି ପାଇଁ ଆଇନ ଓ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୫୨ ଏବଂ ୧୯୭ ସହିତ ବେଆଇନ ଗତିବିଧି ନିୟନ୍ତ୍ରଣ ଅଧିନିୟମ ୧୯୬୭ର ଧାରା ୨(୧) ଭଳି ନିୟମର ଉଲଙ୍ଘନ କରାଯାଇଛି। ଜାମ୍ମୁକାଶ୍ମୀର ପିପୁଲ୍ସ ଫୋରମ ଭଳି ସଂଗଠନମାନ ଏହାର ନିନ୍ଦା କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସମୟ ଥିଲା ପୁସ୍ତକମାନଙ୍କରେ ଏଭଳି ଭ୍ରମାତ୍ମକ ତଥ୍ୟ ବିଷୟ ରହୁଥିଲା। ସେଥିରେ ଆଉରଙ୍ଗଜେବକୁ ମହିମା ମଣ୍ଡନ କରାଯାଉଥିଲା। ଭଗତସିଂହ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି କ୍ରାନ୍ତିକାରୀମାନଙ୍କୁ ଆତଙ୍କବାଦୀ ରୂପେ ଦର୍ଶାଯାଉ ଥିଲା। ରକ୍ତର ନଦୀ ବୁହାଉଥିବା ସିକନ୍ଦରକୁ ମହାନ ଭାବେ ଉଲ୍ଲେଖ କରାଯାଉଥିଲା। ପ୍ରଶାସନ ସୁଧାର ଆଉ ଜନକଲ୍ୟାଣ ପାଇଁ ବିଖ୍ୟାତ ଛତ୍ରପତି ଶିବାଜୀଙ୍କୁ ଲୁଣ୍ଠନକାରୀ ଭାବେ ଚିତ୍ରଣ କରାଯାଉଥିଲା। ସ୍କୁଲ ହେଉ ବା ଶିକ୍ଷା, ରାଷ୍ଟ୍ର ଓ ସମାଜ ନିର୍ମାଣ ପାଇଁ ରହିଛି, ଆତଙ୍କବାଦ, ବିଚ୍ଛିନ୍ନତାବାଦ ଓ ଦେଶ ବିରୋଧୀ ପ୍ରଚାର ପାଇଁ ନୁହେଁ। ଏହି ପ୍ରସଙ୍ଗରେ ସମଗ୍ର ଶିକ୍ଷା ଯୋଜନାର ଅନୁମୋଦିତ ଅନ୍ୟପୁସ୍ତକଗୁଡ଼ିକର ମଧ୍ୟ ସମୀକ୍ଷା ହେବା ଜରୁରୀ।

ଆମ ଶିକ୍ଷା ସାମ୍ୟବାଦର ପୁରୋଧା ଲେନିନ ଓ ଷ୍ଟାଲିନ ଅନୁଗାମୀ ନ ହୋଇ ଭାରତୀୟ ସମ୍ବିଧାନ ଏବଂ ଭାରତୀୟ ଚିନ୍ତନ ପରମ୍ପରା ଅନୁରୂପ ଚାଲିବା ଉଚିତ ଏବଂ ନକାରାତ୍ମକ ଚିନ୍ତନ କରୁଥିବା ଲୋକ ସାବଧାନ ହେବା ଉଚିତ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# ନ୍ୟାୟ ଦେବତା ଭାବେ ପୂଜା ପାଆନ୍ତି ବ୍ରହ୍ମରାକ୍ଷସ

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ହିନ୍ଦୁଧର୍ମର ଶାସ୍ତ୍ରପୁରାଣରେ ୩୩କୋଟି ଦେବଦେବୀଙ୍କ ସହିତ ବ୍ରହ୍ମରାକ୍ଷସଙ୍କ ବର୍ଣ୍ଣନା ରହିଛି। ପୌରାଣିକ ମତବାଦ ଅନୁସାରେ ବ୍ରହ୍ମରାକ୍ଷସ ହେଉଛନ୍ତି ସେହି ବ୍ରାହ୍ମଣମାନେ, ଯେଉଁମାନେ ନିଜ ଜ୍ଞାନ, ବିବେକ, ଧର୍ମ ଓ ପଦମର୍ଯ୍ୟାଦାର ଦୁରୁପଯୋଗ କରି ଅନ୍ୟମାନଙ୍କ ପ୍ରତି ମାନସିକ ଓ କାୟିକ ଅତ୍ୟାଚାର କରିଥା'ନ୍ତି। ସେହିଭଳି ବ୍ରାହ୍ମଣମାନେ ଅଭିଶପ୍ତ ହୋଇ ପରବର୍ତ୍ତି ଜନ୍ମରେ ବ୍ରହ୍ମରାକ୍ଷସ ରୂପରେ ଜନ୍ମ ହୋଇଥା'ନ୍ତି। ସ୍କନ୍ଦପୁରାଣ ଓ ଗରୁଡ଼ ପୁରାଣରେ ବର୍ଣ୍ଣନା ସମେତ କାଶୀ ଓ ଗ୍ୱାଲିୟର୍‌ର ଲୋକକଥାଗୁଡ଼ିକରେ ମଧ୍ୟ ବ୍ରହ୍ମରାକ୍ଷସ ସମ୍ପର୍କିତ ବିଭିନ୍ନ କଥା ଶୁଣିବାକୁ ମିଳେ। କିନ୍ତୁ ବ୍ରହ୍ମରାକ୍ଷସ ଅସୀମ ବଳଶାଳୀ, ଅପାର ଜ୍ଞାନ ଓ ତନ୍ତ୍ରମନ୍ତ୍ରର ଜ୍ଞାତା ହୋଇଥା'ନ୍ତି। ତେଣୁ ଭାରତର ଅନେକ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରାଯାଉଛି। କଥିତ ଅଛି ଯେ, ବ୍ରହ୍ମରାକ୍ଷସଙ୍କୁ ସନ୍ତୁଷ୍ଟ କରିବା ବହୁତ କଷ୍ଟସାଧ୍ୟ। ବ୍ରହ୍ମରାକ୍ଷସ ସନ୍ତୁଷ୍ଟ ହେଲେ ଲୋକଙ୍କର ମଙ୍ଗଳ ହୋଇଥାଏ ଏବଂ କ୍ରୋଧ କଲେ ପ୍ରାକୃତିକ ଧ୍ୱଂସଲୀଳା ହୋଇଥାଏ।

ଦକ୍ଷିଣ ଭାରତରେ ବ୍ରହ୍ମରାକ୍ଷସଙ୍କୁ ଅର୍ଦ୍ଧଦେବତା ଓ ନ୍ୟାୟଦାତା ଭାବେ ପୂଜା କରାଯାଉଛି ଏବଂ ଏହାଦ୍ୱାରା ସମସ୍ତ ନକାରାତ୍ମକ ଶକ୍ତି ଦୂର ହୁଏ ବୋଲି ବିଶ୍ୱାସ ରହିଛି। ଭାରତର ଆଉ କେତେକ ସ୍ଥାନରେ ବ୍ରହ୍ମରାକ୍ଷସଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ରକ୍ଷକଦେବତା ଭାବେ ପୂଜା କରାଯାଉଛି। ବିବାହ, ବ୍ରତ ଭଳି ସାମାଜିକ ଓ ବୈଦିକ ଅନୁଷ୍ଠାନ କିମ୍ବା କୌଣସି ନୂତନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମରାକ୍ଷସଙ୍କୁ ପ୍ରସନ୍ନ କରିବା ପାଇଁ ପୂଜାନୁଷ୍ଠାନର ଆୟୋଜନ କରି ପ୍ରାର୍ଥନା କରାଯାଉଛି। ବିଶେଷକରି କେରଳ ଓ କର୍ଣ୍ଣାଟକରେ ବ୍ରହ୍ମରାକ୍ଷସଙ୍କ ଅନେକ ମନ୍ଦିର ରହିଛି।

କର୍ଣ୍ଣାଟକର ମଡିକେରି(କୁର୍ଗ) ସ୍ଥିତ ଓଁକାରେଶ୍ୱର ଶିବ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏକଦା ଏହି ଅଞ୍ଚଳରେ ଜଣେ ବ୍ରହ୍ମରାକ୍ଷସଙ୍କ କୁପ୍ରଭାବକୁ ଦୂର କରିବା ପାଇଁ ସେହି ସମୟର ରାଜାଙ୍କ ଦ୍ୱାରା ଓଁକାରେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ପରିସରରେ ବ୍ରହ୍ମରାକ୍ଷସ ମନ୍ଦିର ମଧ୍ୟ ଅଛି। ମନ୍ଦିରର କାନ୍ଥଗୁଡ଼ିକରେ ବ୍ରହ୍ମରାକ୍ଷସ ମୂର୍ତ୍ତି ଖୋଦିତ ହୋଇଛି। ବ୍ରହ୍ମରାକ୍ଷସଙ୍କ ମୂର୍ତ୍ତି ସାମନାରେ ସର୍ବଦା ଗୋଟିଏ ତେଲ ଦୀପ ପ୍ରଜ୍ୱଳନ କରି ରଖାଯାଉଛି ଏବଂ ପ୍ରତିଦିନ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଇ ପାୟସମ୍(ମିଠା ଖିରି) ନୈବେଦ୍ୟ ରୂପେ ଅର୍ପଣ କରାଯାଉଛି। ଭକ୍ତମାନେ ସେମାନଙ୍କ ପରିବାରକୁ ନକାରାତ୍ମକ ଶକ୍ତିଠାରୁ ସୁରକ୍ଷିତ ରଖିବା ପାଇଁ ବ୍ରହ୍ମରାକ୍ଷସଙ୍କୁ ପ୍ରାର୍ଥନା କରିବାକୁ ଆସି ପାୟସମ୍‌କୁ ପ୍ରସାଦ ବା ଭୋଗ ଭାବେ ଭକ୍ତି ଓ ଶ୍ରଦ୍ଧାର ସହ ଗ୍ରହଣ କରିଥା'ନ୍ତି।

କେରଳର ପଥାନାମାଥିଟ୍ଟା ଜିଲ୍ଲାସ୍ଥିତ ମଲୟାଲପୁଝାରେ ପ୍ରାୟ ୧୦୦୦ ବର୍ଷ ପୁରୁଣା ପ୍ରାଚୀନ ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ପୂଜା କରାଯାଉଛି। ଏହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଦ୍ରକାଳୀ। ସ୍ଥାନର ନାମାନୁସାରେ ମା'ଙ୍କ ନାମ 'ମଲୟାଲପୁଝା ଆମ୍ମା' ରଖାଯାଇଛି। ଏଠାରେ ମା'ଙ୍କର ଉଗ୍ର ରୂପର ପୂଜା କରାଯାଏ। ଶତ୍ରୁଙ୍କଠାରୁ ସୁରକ୍ଷା, ଉତ୍ତମ ଚାକିରି, ବ୍ୟବସାୟରେ ଉନ୍ନତି ଓ ହଜି ଯାଇଥିବା ଦ୍ରବ୍ୟ ପାଇବା ପାଇଁ ଭକ୍ତମାନେ ମା'ଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ମା'ଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଭକ୍ତ ଏହି ମନ୍ଦିରରୁ ନିରାଶ ହୋଇ ଫେରିନାହାନ୍ତି। ଏହି ମନ୍ଦିରର ପୂର୍ବ ଭାଗରେ ଗୋଟିଏ ବ୍ରହ୍ମରାକ୍ଷସ ମନ୍ଦିର ଅଛି। ଏଠାରେ ଭକ୍ତମାନେ ବ୍ରହ୍ମରାକ୍ଷସଙ୍କୁ ନ୍ୟାୟର ଦେବତା ଭାବେ ପୂଜାର୍ଚ୍ଚନା କରିଥା'ନ୍ତି। ଏଥିସହିତ ମନସ୍କାମନା ପୂରଣ ସହିତ ଗୁଣିଗାରେଡ଼ି, ଭୂତପ୍ରେତ ବାଧା ଓ ଅନ୍ୟ ନକାରାତ୍ମକ ଶକ୍ତିର ପ୍ରଭାବକୁ ପ୍ରତିହତ କରିବା ପାଇଁ ମଧ୍ୟ ଭକ୍ତମାନେ ସେଠାରେ ବ୍ରହ୍ମରାକ୍ଷସଙ୍କୁ ପୂଜାର୍ଚ୍ଚନା କରନ୍ତି।

କେରଳର ଏର୍ନାକୁଲମ ଜିଲ୍ଲାସ୍ଥିତ ନଜାରକ୍କଲର ନାମକ ଗାଁରେ ମା' ଭଗବତୀଙ୍କୁ ସମର୍ପିତ ୮୦୦ ବର୍ଷ ପୁରୁଣା ମନ୍ଦିରରେ ବ୍ରହ୍ମରାକ୍ଷସଙ୍କ ଗୋଟିଏ ଉପମନ୍ଦିର ଅଛି, ଯେଉଁଠି ପ୍ରତିଦିନ ବିଧିବିଧାନର ସହ ପୂଜାର୍ଚ୍ଚନା କରାଯାଏ। କେରଳର ତିରୁଅନନ୍ତପୁରମ୍‌ସ୍ଥିତ ମୁକ୍କୋଲକ୍କଲ ଭଗବତୀ ମନ୍ଦିରରେ ମଧ୍ୟ ଏକ ବ୍ରହ୍ମରାକ୍ଷସଙ୍କ ମନ୍ଦିର ଅଛି। ଏହିସବୁ ମନ୍ଦିର ବ୍ୟତୀତ ଦକ୍ଷିଣ ଭାରତର ଅନ୍ୟକେତେକ ରାଜ୍ୟରେ ପୌରାଣିକ ମତବାଦ ଓ ଲୋକକଥା ଅନୁସରଣରେ ବ୍ରହ୍ମରାକ୍ଷସଙ୍କ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ରେଭେନ୍ସା ପ୍ରସଙ୍ଗରେ ବଢୁଛି କଟକ ସଦର ବିଧାୟକଙ୍କ ଅଡୁଆ

# ବିଶ୍ୱବିଦ୍ୟାଳୟରେ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ: ବିଜେଡି

ଭୁବନେଶ୍ୱର,୬।୮(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ବିବାଦ ଜଟିଳ ରୂପ ଧାରଣ କରିଛି। ଏହି ବିବାଦ ଏବେ ଛାତ୍ରଙ୍କ ଆନ୍ଦୋଳନ ସମେତ ଶିକ୍ଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି। ବିଶ୍ୱବିଦ୍ୟାଳୟ ଶିକ୍ଷକମାନେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଥିବା ବେଳେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି। ଯାହାକୁ କଡ଼ା ସମାଲୋଚନା କରିଛି ବିଜେଡି।

ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ଼. ଲେନିନ୍ ମହାନ୍ତି କହିଛନ୍ତି ଯେ ଇଷ୍ଟ ହଷ୍ଟେଲରେ ବାରମ୍ବାର ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏହାର ସମାଧାନ କରିବା ପ୍ରତିବଦଳରେ ଡେପୁଟି ୱାର୍ଡେନ ରବିଭଉ ଅନସାରୀଙ୍କ କାର୍ଯ୍ୟକଳାପ ନେଇ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ସମାଧାନ କରିବା ନେଇ ଆଲୋଚନା ବେଳେ ବିଧାୟକ ଶ୍ରୀ ସେଠୀ ପ୍ରବେଶ କରିଥିଲେ। ଇଷ୍ଟ ହଷ୍ଟେଲ ବିବାଦର ସମାଧାନ ପାଇଁ ଦାୟିତ୍ୱ ନେବାକେ ବିଧାୟକ ଶ୍ରୀ ସେଠୀ ଚିଫ୍ ୱାର୍ଡେନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ତେବେ ବିବାଦ ମୁଣ୍ଡ ଟେକିବା ପରେ ଛାତ୍ର ଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାଧାନ କରିବା ବଦଳରେ ବିଶ୍ୱବିଦ୍ୟାଳୟ କୁଳପତି ଚୁପ୍ ହୋଇ ବସିଛନ୍ତି। ସେ ଦିନ ଆଲୋଚନା ବେଳେ କଣ ଘଟଣା ଘଟିଲା ତାହାକୁ କୁଳପତି ସର୍ବସମ୍ମୁଖରେ କହିବାର ସାହାସ ନାହିଁ। ବିଶ୍ୱବିଦ୍ୟାଳୟ କୁଳସଚିବ ମଧ୍ୟ ନିଜ ପଦବୀ ବଞ୍ଚାଇବା ପାଇଁ ଚୁପ୍ ହୋଇ ବସିଛନ୍ତି। ଛାତ୍ରଛାତ୍ରୀମାନେ ତାଙ୍କର ଯୁକ୍ତି ସଙ୍ଗତ ଦାବି ଉପସ୍ଥାପନ କରିଛନ୍ତି। ତେବେ ତାହାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ଆଲୋଚନା କରି ସମାଧାନ କରିବା ଆବଶ୍ୟକତା ଥିଲା। ମାତ୍ର କେଉଁ ପରିସ୍ଥିତିରେ ବିଧାୟକ ବିଶ୍ୱବିଦ୍ୟାଳୟକୁ ଯାଇ ବିବାଦ ସୃଷ୍ଟି କଲେ ତାହା ଏଯାଏ ରହସ୍ୟାବୃତ। ଅଧ୍ୟାପକମାନଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବା ବେଳେ ବିଧାୟକ ମଧ୍ୟ ଚିଫ୍ ୱାର୍ଡେନଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ଗ୍ରହଣ କରିବା ବଦଳରେ ନିରବ ରହିବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଳପତି ମଧ୍ୟ ବିଧାୟକଙ୍କ ସମ୍ମୁଖରେ ଅସହାୟ ହୋଇଛନ୍ତି। ବିଜେପି ସରକାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉନ୍ନତି ଘଟିବା ବଦଳରେ ଅବନତି ଘଟିବାରେ ଲାଗିଛି। ଓଡ଼ିଶାର ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥିବା ବେଳେ ସହ ରାଜ୍ୟର ଶିକ୍ଷାମନ୍ତ୍ରୀ

## ତେଜୁଛି ଆନ୍ଦୋଳନ; ସରକାରଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ

ମଧ୍ୟ କେବଳ ବଡ ବଡ କଥା କହିଲେ। କିନ୍ତୁ ଉନ୍ନତି ନେଇ କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହାଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହି ଆନ୍ଦୋଳନ ମୁଣ୍ଡ ଟେକୁଛି। ବିଧାୟକ ଓ ଶିକ୍ଷକମାନଙ୍କ ବିବାଦ ନେଇ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଏକ କମିଟି କରି ଘଟଣାର ତଦନ୍ତ କାହିଁକି କରୁନାହାନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଓଡ଼ିଶାର ଐତିହ୍ୟ ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ। ଏଥିରେ କୁଳପତିଙ୍କ ପ୍ରମୁଖ ଭୂମିକା ରହିଛି। ଯଦି କୁଳପତି ମୁହଁ ଖୋଲି ପାରୁନାହାନ୍ତି ତେବେ ତୁରନ୍ତ ପଦବୀରୁ ଅବ୍ୟାହତି ନେଇ ଯିବାର ଆବଶ୍ୟକ ରହିଛି। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରାଯାଉ। ବିଶ୍ୱବିଦ୍ୟାଳୟର ସମ୍ମାନ ଅକ୍ଷୁର୍ଣ୍ଣ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତେହେଲକା ସଂସ୍ଥାପକ...

୨୦୧୩ ନଭେମ୍ବର ୩୦ରେ ତେଜପାଲ ଗିରଫ ହୋଇଥିଲେ ଓ ପରେ ଜାମିନ ପାଇଥିଲେ। ୨୦୨୧ ମସିହାରେ ଗୋଆର ନିମ୍ନ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, ଯାହାକୁ ଗୋଆ ସରକାର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, ପୀଡ଼ିତା ତେଜପାଲଙ୍କ ଝିଅ ବୟସର ଥିଲେ ଏବଂ ତେଜପାଲ ଜଣେ ପିତୃତୁଲ୍ୟ ବ୍ୟକ୍ତି ଥିଲେ। ସମାଜକୁ ଏକ ସ୍ୱଷ୍ଟ ସନ୍ଦେଶ ଦେବା ପାଇଁ କଠୋର ଦଣ୍ଡାଦେଶ ଆବଶ୍ୟକ। ଅନ୍ୟପଟେ, ୬୨ ବର୍ଷୀୟ ତେଜପାଲ ଓ ତାଙ୍କ ଓକିଲ ବୟସ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କୋହଳ ମନୋଭାବ ପୋଷଣ କରିବାକୁ ନିବେଦନ କରିଥିଲେ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ତେଜପାଲ ସର୍ବୋଚ୍ଚ ଅଦାଲତ (ସୁପ୍ରିମକୋର୍ଟ)ର ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ତାଙ୍କୁ ଆତ୍ମସମର୍ପଣ ପାଇଁ ଦୁଇ ସପ୍ତାହ ସମୟ ଦେଇଥିବାରୁ, ଏହି ସମୟ ମଧ୍ୟରେ ସେ ସୁପ୍ରିମକୋର୍ଟରେ ନିଜର ଆବେଦନ ଦାଖଲ କରିବାକୁ ଯୋଜନା କରୁଛନ୍ତି।

## ବିକ୍ରି ହେଲା...

ନ ଥିଲେ। ଶେଷରେ ଏହି ସେଲ୍‌କୁ ନିବେଶକମାନଙ୍କଠାରୁ ବେଶ ଭଲ ପ୍ରତିକ୍ରିୟା ମିଳିଛି। ଅଫର ଫର୍ ସେଲ୍ (ଓଏଫ୍ଏସ୍) ମାଧ୍ୟମରେ ଏଲ୍ଆଇସିର ସେୟାର କମ୍ ମୂଲ୍ୟରେ ଉପଲବ୍ଧ ହେବା ଜଣାପଡିବା ପରେ, ଖୋଲା ବଜାରରେ କ୍ରୟ ମନ୍ଥର ହୋଇଯାଇଥିଲା, ଯାହା ଫଳରେ ସେୟାର ମୂଲ୍ୟ ଓଏଫ୍ଏସ୍ ମୂଲ୍ୟର ନିକଟତର ହୋଇଥିଲା। ଏଲ୍ଆଇସିର ଏହି ଅଫର ଫର୍ ସେଲ୍‌ରେ ସରକାର 'ଗ୍ରୀନ୍ ସୁ ଅପ୍‌ସନ୍' ବ୍ୟବହାର କରିଛନ୍ତି।

## ଅକଳରେ...

ସରକାର ପାଖରେ ରହିଛି। ଏହାକୁ ସରକାର ଚାହିଁଲେ ପାସ୍ କରାଇପାରିବେ। କିନ୍ତୁ ଏହି ବିଲ୍ ପାସ୍ ହେଲେ ସୀମା ନିର୍ଦ୍ଧାରଣ-ମହିଳା ଆରକ୍ଷଣ ବିଲ୍ ପାଇଁ ସମର୍ଥନ ହରାଇବେ। ଉଭୟ ବିଲ୍ ପାଇଁ ସରକାର ଜିଦ୍ ଧରିଥିବା ବେଳେ ବିରୋଧୀ ଓ ଅନେକ ସହଯୋଗୀ ଏହାକୁ ବିରୋଧ କରୁଛନ୍ତି। ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିବାକୁ ଇଚ୍ଛୁକ ଥିବା କେତେକ ଦକ୍ଷିଣ ଭାରତୀୟ ଓ ଆଞ୍ଚଳିକ ଦଳ ଏଫ୍‌ସିଆର୍ଏ ବିଲ୍‌ର ବର୍ତ୍ତମାନର ସ୍ୱରୂପକୁ ପ୍ରବଳ ବିରୋଧ କରୁଛନ୍ତି। ଡିଏମ୍‌କେ, ଏନ୍‌ସିପି-ଏସ୍‌ପି ଏବଂ ୱାଇଏସ୍‌ଆର୍‌ସିପି ଭଳି ଦଳଗୁଡ଼ିକ ଏଫ୍‌ସିଆର୍ଏ ବିଲ୍‌କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି। ଏହି ବିଲ୍ ଦ୍ୱାରା ଅଳ୍ପସଂଖ୍ୟକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ଗୁଡ଼ିକ ଉପରେ କଟକଣା ବୃଦ୍ଧି ପାଇବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବାର ଆଶଙ୍କା ରହିଛି। ଏହା ସେମାନଙ୍କର ମୂଳ ଭୋଟ ବ୍ୟାଙ୍କ୍‌କୁ ପ୍ରଭାବିତ କରିବ ବୋଲି ଆଞ୍ଚଳିକ ଦଳଗୁଡ଼ିକ ଚିନ୍ତାପ୍ରକଟ କରିଛନ୍ତି। ଏହି ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରୁଛନ୍ତି।

## ସେବା ଓ ପ୍ରତିବଦ୍ଧତା ପାଇଁ...

ଏହି ଅଞ୍ଚଳ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଏକ ବିରାଟ କ୍ଷତି ବୋଲି ସେ କହିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ଲୋକସେବା କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ, ସ୍ନେହାଙ୍ଗିନୀ ଛୁରିଆ, ନିରଞ୍ଜନ ପୂଜାରୀ, ଦେବେଶ ଆଚାର୍ଯ୍ୟ, ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଦୀପ ଅମାତ, ଦିବ୍ୟଶଙ୍କର ମିଶ୍ର, ପଦ୍ମଶ୍ରୀ ହଳଧର ନାଗ, କଳିକେଶ ସିଂ ଦେଓ, ଟୁକୁନି ସାହୁ, ସୁରେଶ ରାଉତରାୟ, ସୁବ୍ରତ ତରାଇ, ପୁଷ୍ପେନ୍ଦ୍ର ସିଂହଦେଓ, ରାଜଶ୍ରୀ ମଲ୍ଲିକ, ଅଧିରାଜ ପାଣିଗ୍ରାହୀ, ଦେବେନ୍ଦ୍ର ସାହୁ, ଆକାଶ ପଣ୍ଡା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, କୀର୍ତ୍ତିଚନ୍ଦ୍ର ଦୂଆନ୍, ରାଜେନ୍ଦ୍ର ପ୍ରସାଦ ହୋତା, ସୁରେନ୍ଦ୍ର ନାଏକଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୪୧୪ ଜଣ ରକ୍ତଦାନ କରିଥିଲେ। ସେହିପରି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ସ୍ମୃତିରେ 'ସ୍ମୃତିରେ ସୁଶାନ୍ତ' ଶୀର୍ଷକ ଏକ ସ୍ମାରକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା।

## ରେଭେନ୍ସା ବିବାଦ...

କହିବାନୁଯାୟୀ, ଇଷ୍ଟ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଦାବିକୁ ନେଇ ହୋଇଥିବା ଆଲୋଚନା ସଫଳ ହୋଇଥିଲା ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସକାରାତ୍ମକ ପଦକ୍ଷେପ ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଦର ବିଧାୟକ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। ଏହାପରେ ଚିଫ୍ ୱାର୍ଡେନଙ୍କ ସହ କିଛି ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇଥିଲା, ଯାହାପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଥିଲା। ବିଧାୟକ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ହଷ୍ଟେଲ ୱାର୍ଡେନମାନେ ସାମୂହିକ ଭାବେ ଇସ୍ତଫାପତ୍ର ଦାଖଲ କରିଥିଲା ବେଳେ ସେହି ଇସ୍ତଫାପତ୍ର ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନଥିବା କୁଳପତି ସ୍ୱଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି, ଶିକ୍ଷକ ଓ ଜନପ୍ରତିନିଧି ଉଭୟଙ୍କ ନିଜସ୍ୱ ମର୍ଯ୍ୟାଦା ଓ ସୀମାରେଖା ରହିଛି। କେହି ମଧ୍ୟ ସେହି ସୀମା ଅତିକ୍ରମ କରିବା ଉଚିତ୍ ନୁହେଁ। ଅନ୍ୟପଟରେ କଟକ ସଦର ବିଧାୟକ ଶ୍ରୀ ସେଠୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଫ ୱାର୍ଡେନ ଓ ସବୁ ୱାର୍ଡେନଙ୍କ ଇସ୍ତଫା ଗ୍ରହଣ ପାଇଁ ପରାମର୍ଶ ଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ରେଭେନ୍ସାରେ ଅଧ୍ୟାପକ, ଅଧ୍ୟାପିକା ଅଚଳାବସ୍ଥା ସୃଷ୍ଟି କରି ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ସେଠୀ କହିଛନ୍ତି। ଚିଫ୍ ୱାର୍ଡେନଙ୍କ ବିରୋଧରେ ପ୍ରଥମେ ବାଚସ୍ପତିଙ୍କୁ ଚିଠି ଲେଖି ଏବେ ପୁଣି ଉପରୋକ୍ତ ସମସ୍ତ ପ୍ରସଙ୍ଗରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଭେଟିବେ ବୋଲି କହିଛନ୍ତି। ରେଭେନ୍ସା ସିନେଟ ସଭ୍ୟ ଭାବେ ଶ୍ରୀ ସେଠୀ ଛାତ୍ରଙ୍କ ଅନଶନ ଖବର ପାଇ ସେଠାକୁ ଯାଇଥିଲେ ବୋଲି କହୁଥିଲେ ବି ସେ ଆନ୍ଦୋଳନ ସ୍ଥଳକୁ ଯିବା ଓ ଆଭ୍ୟନ୍ତରୀଣ ନିଷ୍ପତ୍ତିରେ ହସ୍ତକ୍ଷେପ କରିବା ତାଙ୍କ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ ବୋଲି କହିଛନ୍ତି ରେଭେନ୍ସା ବିକାଶ ଅଭିଯାନର ସଭାପତି ଚିତ୍ତରଂଜନ ମହାନ୍ତି।

## ଅଗ୍ନି-୪ର....

ବିଶ୍ୱସନୀୟ ରଣନୈତିକ କ୍ଷେପଣାସ୍ତ୍ରମାନଙ୍କ ମଧ୍ୟରେ ସ୍ଥାନ ଦେଇଛି। ଏଥିରେ ରିଙ୍ଗ୍ ଲେଜର ଜାଇରୋ ଆଧାରିତ ଇନର୍ସିଆଲ୍ ନାଭିଗେସନ୍ ସିଷ୍ଟମ୍ ଏବଂ ମାଇକ୍ରୋ ନାଭିଗେସନ୍ ସିଷ୍ଟମ୍ ବ୍ୟବହାର କରାଯାଇଛି। 'ଅଗ୍ନି-୪'ର ଆଉ ଏକ ବିଶେଷ ଦିଗ ହେଉଛି ଏହାର ରି-ଏଣ୍ଟ୍ରି ହିଟ୍ ସିଲ୍ଡ। ଲକ୍ଷ୍ୟ ଅଞ୍ଚଳକୁ ପୁନଃ ପ୍ରବେଶ ସମୟରେ କ୍ଷେପଣାସ୍ତ୍ରର ବାହ୍ୟ ଅଂଶର ତାପମାତ୍ରା ପ୍ରାୟ ୪,୦୦୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ ମଧ୍ୟ ଏହି ହିଟ୍ ସିଲ୍ଡ ସଫଳତାର ସହ ତାହାକୁ ସହ୍ୟ କରିଥାଏ। ଏପରିକି କ୍ଷେପଣାସ୍ତ୍ର ଭିତରେ ଥିବା ସମ୍ବେଦନଶୀଳ ଯନ୍ତ୍ରପାତିର ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍‌ରୁ କମ୍ ରହିଥାଏ। ଭାରତ ନିକଟରେ ପୂର୍ବରୁ ଅଗ୍ନି-୧, ଅଗ୍ନି-୨, ଅଗ୍ନି-୩, ଅଗ୍ନି-୫ ଏବଂ ପୃଥ୍ୱୀ ଶ୍ରେଣୀର କ୍ଷେପଣାସ୍ତ୍ର ରହିଛି।'

## ପ୍ରଶ୍ନ ଘେରରେ

ପ୍ରତି ଦେଖାଉଥିବା ଆଗ୍ରହକୁ ସ୍ୱାଗତଯୋଗ୍ୟ ଅଥଚ ସେମାନଙ୍କର ସହଯୋଗ ଓ ସହଭାଗିତା ସବୁବେଳେ ଆଇନସମ୍ମତ ଓ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ହେବା ଉଚିତ। ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ପରିବର୍ତ୍ତେ ବିଧାୟକ ଛାତ୍ରାବାସ ୱାର୍ଡେନମାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଜନପ୍ରତିନିଧିମାନେ କିପରି ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ଓ ସହଭାଗିତା କରିବେ, ସେଥିପାଇଁ ଏକ ସ୍ୱଷ୍ଟ ଆନୁଷ୍ଠାନିକ ବ୍ୟବସ୍ଥା କରିବା ପାଇଁ କୁଳାଧିପତିଙ୍କୁ ନିବେଦନ କରିଛି ରୁଟା।

# ବେଆଇନ ହାଇୱା ଜବତ

କଟକ,୬।୮(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଏନଫୋର୍ସମେଣ୍ଟ ଚାଲିଛି। ଏହିକ୍ରମରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଅଞ୍ଚଳରେ ପରିବହନ ବିଭାଗ ଓ ପୁଲିସ ଦ୍ୱାରା ଯାଞ୍ଚ କରାଯାଉଛି। ସମସ୍ତ ଗାଡ଼ି ଚାଳକ ଓ ମାଲିକଙ୍କୁ ସଡ଼କ ସୁରକ୍ଷା ନିୟମକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଅଧୀନରେ, ସୁନ୍ଦରଗଡ଼ର ସର୍ଗିପାଲି ଅଞ୍ଚଳରେ ଯାଞ୍ଚ ସମୟରେ ସଡ଼କ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରୁଥିବା ଏକ ହାଇୱାକୁ ଜବତ କରାଯାଇଛି। ଗାଡ଼ିଟି ଧାର୍ଯ୍ୟ ସୀମାଠାରୁ ଅଧିକ ସାମଗ୍ରୀ ବହନ କରିବା ସହ ବୈଧ ଫିଟନେସ୍ ପ୍ରମାଣପତ୍ର, ରୋଡ୍ ପରମିଟ୍, ଓଡ଼ିଶା ମୋଟର ଯାନ ଟିକସ ଏବଂ ପ୍ରଦୂଷଣ ପ୍ରମାଣପତ୍ର ନଥାଇ ଚାଲୁଥିଲା। ଏହି ଅନିୟମିତତା ପାଇଁ ମୋଟର ଯାନ ଆଇନ ଅନୁଯାୟୀ ଇ-ଚାଲାଣ ଜାରି ହୋଇଛି। ବର୍ତ୍ତମାନ ଜବତ ହାଇୱାକୁ ଅଟକ ରଖାଯାଇ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିଛି।

ଓଡ଼ିଶାରେ ଇପିଏଫ୍ଓ ଅଧୀନରେ ୧୩.୮୮ ଲକ୍ଷ କର୍ମଚାରୀ ପଞ୍ଜୀକୃତ

# ଖୋର୍ଦ୍ଧାରେ ସର୍ବାଧିକ କର୍ମଚାରୀ, ଦ୍ୱିତୀୟରେ ସୁନ୍ଦରଗଡ଼

ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶାରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଅଧୀନରେ ବର୍ତ୍ତମାନ ୨୨,୮୯୫ଟି ପ୍ରତିଷ୍ଠାନ ଏବଂ ୧୩,୮୮,୦୦୧ ଜଣ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲା ରାଜ୍ୟରେ ସର୍ବାଧିକ ୫,୧୪୪ଟି ପ୍ରତିଷ୍ଠାନ ପଞ୍ଜିକୃତ ହୋଇଛି ଏବଂ ଏଠାରେ ୪,୪୧,୨୬୬ ଜଣ କର୍ମଚାରୀ ଇପିଏଫ୍ଓ ସହ ଜଡ଼ିତ ଅଛନ୍ତି। ସୁନ୍ଦରଗଡ଼ରେ ୨,୦୦୫ଟି ପ୍ରତିଷ୍ଠାନ ଓ ୧,୪୪,୯୨୧ ଜଣ କର୍ମଚାରୀ, କଟକରେ ୧,୯୮୧ଟି ପ୍ରତିଷ୍ଠାନ ଓ ୧,୦୯,୯୭୨ ଜଣ କର୍ମଚାରୀ ରହିଛନ୍ତି। ଶିଳ୍ପାଞ୍ଚଳ ଭାବେ ପରିଚିତ କେନ୍ଦୁଝରରେ ୭୯,୭୮୪, ଯାଜପୁରରେ ୭୫,୨୭୪, ଅନୁଗୁଳରେ ୭୪,୯୯୪, ସମ୍ବଲପୁରରେ ୭୪,୦୮୦ ଏବଂ ଝାରସୁଗୁଡ଼ାରେ ୭୨,୨୫୩ ଜଣ କର୍ମଚାରୀ ଇପିଏଫ୍ଓରେ ସାମିଲ ହୋଇଛନ୍ତି। ସେହିପରି ଦେବଗଡ଼ (୧,୮୫୯), ଗଜପତି (୨,୦୨୩), ମାଲକାନଗିରି (୨,୦୪୭), ବୌଦ୍ଧ (୨,୩୨୫), ସୁବର୍ଣ୍ଣପୁର (୨,୮୮୬) ପରି ଜିଲ୍ଲାରେ ଇପିଏଫ୍ଓ କର୍ମଚାରୀ ପଞ୍ଜୀକୃତ ହୋଇଛନ୍ତି। ସେହିପରି ରାଜ୍ୟରେ ନୂଆ ଇପିଏଫ୍ଓ କାର୍ଯ୍ୟାଳୟ ଖୋଲିବା ପ୍ରସଙ୍ଗରେ ସରକାର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଭୁବନେଶ୍ୱରରେ ଗୋଟିଏ ଜୋନାଲ୍ ଅଫିସ୍, ଭୁବନେଶ୍ୱର, କଟକ ଓ ରାଉରକେଲାରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ବାଲେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, କେନ୍ଦୁଝର ଓ ବଡ଼ବିଲରେ ଜିଲ୍ଲା କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ତେବେ ଏବେ ନୂଆ କାର୍ଯ୍ୟାଳୟ ଖୋଲିବା ନେଇ କୌଣସି ପ୍ରସ୍ତାବ ନଥିବା ସରକାର ସ୍ୱଷ୍ଟ କରିଛନ୍ତି।

# ପଟ୍ଟନାୟକ ବନ୍ଧ ଦୁର୍ନୀତିରେ ଗିରଫ ଦୁଇଯନ୍ତ୍ରୀ ଓ ଠିକାଦାରଙ୍କୁ କୋର୍ଟ ଚାଲାଣ

ପାରଳାଖେମୁଣ୍ଡି/ବ୍ରହ୍ମପୁର,୬।୮(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ଅନ୍ତର୍ଗତ ସହରର ବହୁ ଚର୍ଚ୍ଚିତ ପଟ୍ଟନାୟକ ବନ୍ଧ ଉନ୍ନୟନ କାମରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ତତ୍କାଳୀନ କନିଷ୍ଠଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ପୌରପରିଷଦର ସହକାରୀ ଯନ୍ତ୍ରୀ ଡି.ଯୁଧିଷ୍ଠିର, ପାରଳାଖେମୁଣ୍ଡି ପୌରପରିଷଦର ସହକାରୀ ଯନ୍ତ୍ରୀ ସଞ୍ଜୀବ ଟମ୍ପତି ଏବଂ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଗିରଫ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ। ୩ଜଣଙ୍କୁ ଗିରଫ କରି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଆଜି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି। ସେମାନଙ୍କର ଜାମୀନ ଆବେଦନ ଖାରଜ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ନିମନ୍ତେ ୨୦୧୯ମସିହାରୁ ୨୦୨୨ମଧ୍ୟରେ ଏହି ବନ୍ଧର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଯୋଜନାରେ ୧କୋଟି ୨୨ଲକ୍ଷ ୪୦ହଜାର ଟଙ୍କା ରାଜକୋଷରୁ ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ବାରମ୍ବାର ପିଟିସନ ପଡିବା ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିଥିଲା। ତଦନ୍ତ ବେଳେ ପ୍ରକୃତରେ ଏହି କାମରେ ୫୫ଲକ୍ଷ ୬୯ହଜାର ଟଙ୍କାର ଜାଲିଆତି ବିଲ୍ କରି ହରିଲୁଟ ହୋଇଥିବା ଜଣାପଡିଥିଲା।





ପ୍ରାଥମିକ ପର୍ଯ୍ୟାୟରେ ୩ଜଣଙ୍କୁ ଗିରଫ କରାଯାଇଥିଲେ ହେଁ ଅନେକଙ୍କର ସମ୍ପୃକ୍ତି ଥିବା ବିଭାଗ ସନ୍ଦେହ କରୁଥିବା ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୋଗ ପ୍ରକାରେ ପଟ୍ଟନାୟକ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ମୋଟ ୨କୋଟି ୧୧ଲକ୍ଷ ୫ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟର୍ଣ୍ଣିଂ ୱାଲ୍ ଓ କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା। ପୁନଃରୁଦ୍ଧାର ନାମରେ କାର୍ଯ୍ୟ ଆରମ୍ଭ ଠାରୁ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପର୍ଯ୍ୟାୟ କ୍ରମେ ପ୍ରକଳ୍ପ ପାଇଁ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ହେଁ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଆଜି ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ।

ପୁଲିସକୁ ଚିତ୍ରକୋଣ୍ଡା ଜଙ୍ଗଲରେ ଆକ୍ରମଣ ମାମଲା

# ୫ ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର

କଟକ,୬।୮(ସମିସ): ଗଞ୍ଜେଇ ଜବତ ପାଇଁ ଚିତ୍ରକୋଣ୍ଡା ଜଙ୍ଗଲକୁ ଯାଇଥିବା ପୁଲିସ ଅଧିକାରୀଙ୍କୁ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫୦ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଆବେଦନକାରୀଙ୍କୁ ଜାମିନରେ ଛାଡିବା ପାଇଁ ମାଲକାନଗିରି ସ୍ୱତନ୍ତ୍ର ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେ ନାଗେଶ୍ୱର ରାଓ, ବିଶ୍ୱନାଥ ହନ୍ତାଳ, ଦାମୁ ମୁଦୁଲି, ଡମ୍ବରୁ ଖିଲ୍ଲ, ସୋନୁ ପାଙ୍ଗିଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଜଙ୍ଗଲ ଭିତରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଖବର ପାଇ ପୁଲିସ ଚଢଉ କରିବା ବେଳେ ପ୍ରାୟ ଶତାଧିକ ଲୋକ ହାତରେ ମାରଣାସ୍ତ୍ର ଧରି ପ୍ରତିରୋଧ କରିଥିଲେ। ଏହି ଘଟଣାକୁ ନେଇ ଚିତ୍ରକୋଣ୍ଡା ଥାନାରେ ଆଇପିସିର ଦଫା ୧୪୭, ୧୪୮, ୩୪୧, ୨୯୪, ୧୮୩, ୧୮୬, ୩୫୩, ୫୦୬, ୧୪୯, ଏନଡିପିଏସ ଆଇନର ଧାରା ୨୦ ଓ ୨୯ରେ ପୁଲିସ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ଏତଲାରେ ଅନ୍ୟ କେତେକ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ ଥିବା ବେଳେ ଆବେଦନକାରୀଙ୍କ ନାମ ନଥିଲା ଓ ସେମାନଙ୍କ ନିକଟରୁ କୌଣସି ଆପତ୍ତିଜନକ ସାମଗ୍ରୀ ଜବତ ହୋଇ ନ ଥିଲା ବୋଲି ଶୁଣାଣି ବେଳେ ସ୍ୱଷ୍ଟ ହୋଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. SDCM-KUR-UTS-PRS-2026

କାର୍ଯ୍ୟର ନାମ : ଦୁଇ (02) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (PRS), ଅଣସଂରକ୍ଷିତ ଟିକେଟିଙ୍ଗ୍ ପ୍ରଣାଳୀ (UTS), ଜାତୀୟ ଟ୍ରେନ୍ ଅନୁସନ୍ଧାନ ପ୍ରଣାଳୀ (NTES), TTE ଲବି ଅଧିନସ୍ଥ କମ୍ପ୍ୟୁଟର ସମ୍ବନ୍ଧୀୟ ଉପକରଣ (System Peripheral)ର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : ₹ 21,44,461.32, EMD (ଟଙ୍କାରେ) : ₹ 42,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): ₹ 3,540/-, ଶେଷ ହେବା ଅବଧି : 24 ମାସ।

ବିଡ଼ ଆରମ୍ଭ ହେବା ତାରିଖ : 07.08.2026, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.08.2026 ରିଖ 1100 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-343/R/26-27



**AFFIDAVIT**

I, CHAITANYA CHARAN JAENA, S/O DWARIKA NATH JENA resident of At - Hospital Road, Nua Bazar, PO / PS - Jaleswar, Dist - Balasore - 756032, Odisha declare by this Affidavit No. 3113, Dated - 17/07/2026, that now onwards I shall be known as **CHAITANYA KUMAR JENA** for all future purpose.

**AFFIDAVIT**

I, G SUCHITRA, W/O KILLAMSETTY AJAY SANKAR resident of At - Sarada Vihar, PO/PS -Jeypore, Dt - Koraput -764001, Odisha declare by this Affidavit No.3198, Dated - 06/08/2026, that now onwards I shall be known as **KILLAMSETTY SUCHITRA** for all future purposes.

**Notice (for Minor)**

By virtue of an affidavit sworn before Notary Public, BHUBANESWAR, dated 06-08-2026 I, SANTOSH KUMAR SAHU Address Shanti Nagar, Chikiti, At- Chikitibit-2, Po- Chikitipento,Dist-Ganjam, Pin- 761010, Odisha declare that I have changed the name of my son from SAHINATH SAHU to SAINATH SAHU. Henceforth, he shall be known as **SAINATH SAHU** for all purposes.

**(Santosh Kumar Sahu)**

**AFFIDAVIT**

By virtue of an affidavit No- 10188 sworn before The Executive Magistrate, Jajpur on dtd- 20/07/2026. I **Pritish Kumar Sethy,** aged 19 years, permanent resident of Vill/PO: Biripata, PS: Mangalpur, Dist: Jajpur, Odisha declare that I have changed my name from **Priya Ranjan Sethy** (old name) to **Pritish Kumar Sethy** (new name). Henceforth I shall be known as **Pritish Kumar Sethy** for all future purposes.

**Pritish Kumar Sethy**

**AFFIDAVIT**

By virtue of an affidavit SL No.3683, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o- Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Riya Behera** (old name) to **Sriya Behera** (new name). Henceforth, she shall be known as **Sriya Behera** (new name) for all purposes.

**Somanath Behera**

**AFFIDAVIT**

By virtue of an affidavit SL No.3684, dtd- 12/06/2026 sworn before The Executive Magistrate, Vyasanagar, Jajpur. I, **Somanath Behera** (applicant name), S/o Kangali Behera, permanent resident of Vill: Mirjapur, PO: Hatasahi, PS: Panikoili, Dist: Jajpur, PIN: 755043, State: Odisha declare that I have changed my minor daughter's name from **Sriya Behera** (old name) to **Riya Behera** (new name). Henceforth, she shall be known as **Riya Behera** (new name) for all purposes.

**Somanath Behera**

**AFFIDAVIT**

By the virtue of an affidavit sworn before the Executive Magistrate Daringbadi, Dated 17.07.2026 . I Linky Pradhan , D/o : Nainga Pradhan , vill : Kueranga, Po: Siangabali, Ps: Daringbadi, Dist: Kandhamal, State: Odisha-762104 declare that I have changed my name from LINKI PRADHAN to LINKY PRADHAN. Henceforth, I shall be known as **LINKY PRADHAN** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no. 2017 dt.07.07.2026 I, Mamata Malik, W/o. Sanjay Malik, At./P.O. Tentei, P.S. Anantapur, Dist. Balasore, Odisha, declare that my name wrongly mentioned as Parvati Malik in LIC policy Bond and Bank Account. That both Mamata Malik and Pravati Malik are one and the same person. Henceforth, I shall be known as **Mamata Malik** for all purposes.

**AFFIDAVIT**

I, **Y Asha Kumari**, wife of Mr. Nakkina Nanda Kumar, residing at 2/3, Block-6, Kalyan Plaza-II, Kantilo, Sunderpada, Bhubaneswar - 751002, Odisha, declare by this Affidavit No CF. 142, dated 05.06.2026 have changed my name to **Nakkina Asha Kumari** after my marriage. Henceforth, I shall be known as **Nakkina Asha Kumari** for all future purposes.

**AFFIDAVIT**

By virtue of an affidavit sworn before Notary Public, Soro, Balasore, Odisha vide Sl. no. 1958 dt.5.8.2026 I, Mamta Devi Mahawar, W/o. Dinesh Kumar Mahawar, At. Pathanmohalla, P.O./P.S. Soro, Dist. Balasore, Odisha–756045, declare that my previous name was Mamata Devi Mahawar. That I have changed my name to Mamta Devi Mahawar. That both the names refer to one and the same person. Henceforth, I shall be known as **Mamta Devi Mahawar** for all purposes.



**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, BHUBANESWAR.**

Plot no.-1214(Part), Tapovan, Khandagiri, Bhubaneswar-30.
E-Mail: eebbsrrwss@gmail.com

25001/892/2627

**QUOTATION CALL NOTICE No. 11 of 2026-27**

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. of Vehicle (Scorpio/Creta/Mahindra Marazzo Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use in office of the Additional Chief Engineer, RWS&S (C), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle official use in office of the Additional Chief Engineer, RWS&S (C), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.10.08.2026 (11.00 AM) to dt.21.08.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.21.08.2026 (4.00 PM) |
| 6. | Date & Time of opening of bids | On dt.24.08.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Superintending Engineer,
RWS&S Division, Bhubaneswar

OIPR-25001/25003/1/26-27/0012



25001/882/2627 e-mail ID: rw_rayagada@yahoo.co.in

**GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA**

Letter No. **2730** Date: **01.08.2026**

**1st Corrigendum**

In continuation to this office Bid identification No. EERWRGD-Online-07/2026-27 this office letter No. 2423 dated 10.07.2026 partial modification of TCN has been made as follows.

| Sl No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | 22.07.2026 at 11.00 AM to 03.08.2026 upto 5.00 PM | Extended from 03.08.2026 at 5.00 PM to 19.08.2026 up to 5.00 PM |
| 2 | Date & time of seeking tender clarification if any | 01.08.2026 up to 5.00 PM | 18.08.2026 up to 5.00 PM |
| 3 | Date & Time of Opening Tender (Technical bid) | 04.08.2026 at 11.00 AM | 20.08.2026 at 11.00 AM |
| 4 | Date & Time of Opening Tender (Price bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions remain unchanged.

Executive Engineer
Rural Works Division
Rayagada

OIPR-25001/25072/1/26-27/0010



**OFFICE OF THE MUNICIPAL COUNCIL, BHAWANIPATNA**

No. **2944** /BPM Date **05/08/2026**

13001/1439/2627

**EXPRESSION OF INTEREST**

Sealed applications in the prescribed format are invited from interested persons residing within the jurisdiction of Kalahandi District who have attained the age of 21 years as on 01.01.2026, for participation in the allotment of shops No- 6, 7,8,9,12,14 & 15 in the **NEWLY CONSTRUCTED FOOD COURT LOCATED NEAR BAYANIKA.**

The application shall be accompanied by a non-refundable application fee of Rs. 1,000/- (Rupees One Thousand only) and an Earnest Money Deposit (EMD) of Rs. 5,000/- (Rupees Five Thousand only) to be submitted in the shape of Demand Draft issued by any Nationalized Bank, in favour of Executive Officer, Bhawanipatna Municipality, payable at Bhawanipatna The application must be submitted through Registered Post / Speed Post only and must reach the undersigned on or before **19/08/2026 upto 5.00 PM.** Applications submitted through any other mode shall not be considered. Applications received beyond the stipulated date shall be rejected summarily without any further correspondence. The EOI will be opened on **20.08.2026 at 11:00 AM** by the ULB Level Shop Allotment Committee in the presence of the applicants or their authorized representative who are present.

The detailed Terms & Conditions and other particulars of this notice are available on the official website of Kalahandi District Administration (https://kalahandi.odisha.gov.in) from **05/08/2026 to 19/08/2026.**

The sealed envelope containing the application and required documents must be superscribed at the top as:

**"APPLICATION FOR ALLOTMENT OF SHOPS (FOOD COURT) LOCATED NEAR BANAYANIKA."**

The complete application along with required documents in a closed and sealed envelope must be addressed to Executive Officer Bhawanipatna Municipality, 766001.

The authority reserves the right to cancel or reject the all tender at any stage without assigning any reason thereof.

Executive Officer,
Bhawanipatna municipality

OIPR-13001/13100/1/26-27/0011

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଗୋଲାମୁଣ୍ଡା, ୬।୮(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁହୁରାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅବସର ନେଇଥିବା ପ୍ରଧାନଶିକ୍ଷକ ସୁମନ୍ତ କୁମାର ନେହୁରାଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅଥିତି ଭାବେ କୁହୁରା ପଞ୍ଚାୟତ ସରପଞ୍ଚ ପୀଙ୍କି ତାଣ୍ଡି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନିରଞ୍ଜନ ମୁଦୁଲି, ଶିକ୍ଷକ ଶୁଭ୍ରାଂଶୁ ବେହେରା, ରତୀକାନ୍ତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ନୀଳମଣି ଜ୍ୟୋତିଷ, ସୁରେନ୍ଦ୍ର ସାହୁ, ନିର୍ଭାକର ସାହୁ, ବୈକୁଣ୍ଠ ବାଗ, ଅବସରପ୍ରାପ୍ତ ଶିକ୍ଷକ ଯଜ୍ଞଚନ୍ଦ୍ର ଜ୍ୟୋତି ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଦିଲେଶ୍ୱର ବାଗ ସଭାପତିତ୍ୱ କରି ମଞ୍ଚ ପରିଚାଳନା କରିଥିଲେ । ଖେଳ ଶିକ୍ଷକ ମନୋଜ କୁମାର ଅଗସ୍ତି ଧନ୍ୟବାଦ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

**କୋକସରା, ୬।୮(ସମିସ):** କୋକସରା ବ୍ଲକ ସଭାଗୃହରେ ୮୦ ତମ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଥାନା ଅଧିକାରୀ ଡମ୍ବରୁଧର ଭର୍ତ୍ତିଆ, ସହକାରୀ ଯନ୍ତ୍ରୀ ଏହମ୍ମଦ ସରିଫ, ଏବିଓଇ ତୋଫାନ ମାଝୀ ଓ ସଞ୍ଜୀବ କୁମାର ପାଢ଼ୀଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ଭାବରେ ତ୍ରିନାଥ ଶବର ଉପସ୍ଥିତ ଥିଲେ । ଏହି ବୈଠକରେ କୋକସରା ଗ୍ରାମର ସଚେତନ ନାଗରିକ, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ବୈଠକ ପରିଚାଳନା କରିଥିଲେ ।

# ବୋରିଆ ଗାଁ ଚାଷୀଙ୍କୁ ସ୍ୱାବଲମ୍ବୀ କରିଛି କଦଳୀ ଚାଷ

## ମିଳୁନି ବଜାର ଓ ଶୀତଳଭଣ୍ଡାରର ସୁବିଧା

**କେସିଙ୍ଗା, ୬।୮(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ବୋରିଆ ଗାଁରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଏହି ଅଞ୍ଚଳ ଦେଇ ରେତନଦୀ ପ୍ରବାହିତ ହୋଇଥିବାରୁ ଗ୍ରାମର ପ୍ରାୟ ଚାଷୀମାନେ ଆଗରୁ ଧାନ ଚାଷ ଛଡ଼ା ବିଭିନ୍ନ ପ୍ରକାର ଫସଲ ଚାଷ କରୁଥିଲେ । କିନ୍ତୁ ପରବର୍ତ୍ତି ସମୟରେ ପ୍ରଥମେ ଗାଁର ଜଣେ ଚାଷୀ ହରିଶ୍ଚନ୍ଦ୍ର ନାୟକ କଦଳୀ ଚାରା ଆଣି ପରୀକ୍ଷା ମୂଳକ ଭାବେ ୫୦ ଡେସିମିଲ ଜମିରେ ଚାଷ ଆରମ୍ଭ କରିଥିଲେ । ଏଥିରୁ ସେ ଲାଭବାନ ହେବାରୁ ଗାଁର ଅନ୍ୟ ଚାଷୀମାନେ ମଧ୍ୟ ତାଙ୍କ ଠାରୁ ପ୍ରେରଣା ପାଇ କଦଳୀ ଚାଷ କରିବା ପାଇଁ ମନ ବଳାଇଲେ । କଦଳୀ ଏକ ଲାଭଜନକ ଫସଲ ହୋଇଥିବାରୁ ବର୍ତ୍ତମାନ ବୋରିଆ ଅଞ୍ଚଳରେ ପୂର୍ବ ଅପେକ୍ଷା ଏବେ ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଇନ୍ଦୁ ଭୂଷଣ ସ୍ୱାଇଁ, ସୁରେଶ ନାୟକ, ଦୟାନିଧି ନାୟକ, ପଦ୍ମନାଭ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ମନୋରଞ୍ଜନ ନାୟକ, ଅଭିକ୍ଷିତ ନାୟକ, ଅଭିରାମ ନାଏକ, ଶ୍ରୀକାନ୍ତ ପ୍ରଧାନ, ଭାବ ମାଝୀ, ଡୋଳାମଣି ମାଝୀ, ପ୍ରମୁଖ କେବଳ ଚାଷୀ କଦଳୀ ଚାଷ କରୁଛନ୍ତି । ଚାଷୀମାନଙ୍କ କହିବା ଅନୁସାରେ ୧ ଏକର ଜମିରେ କଦଳୀ ଚାଷ କଲେ ଚାଷୀଙ୍କୁ ୩୫ ରୁ ୪୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ଓ ଶେଷରେ ଚାଷୀର ମୂଳ ଧନକୁ ଛାଡିଦେଲେ ପ୍ରାୟ ୭୦ ରୁ ୮୦ ହଜାର ଟଙ୍କା ଲାଭ ହୋଇଥାଏ । ଏଣୁ କଦଳୀ ଚାଷ ପ୍ରତି ଧୀରେ ଧୀରେ ଅଞ୍ଚଳରେ ଚାଷୀ ମାନଙ୍କ ଆଗ୍ରହ ବଢ଼ିବାରେ ଲାଗିଛି । କଦଳୀ ଚାଷ ପାଇଁ ନିକଟ ଉତ୍କେଳା ଷ୍ଟେଟବ୍ୟାଙ୍କ ପକ୍ଷରୁ ଦରକାରୀ ଚାଷୀଙ୍କୁ ଏକର ପ୍ରତି ୨୫ ହଜାର ଟଙ୍କା ଋଣ ଯୋଗାଉଥିବା ଜଣାପଡ଼ିଛି । ଯାହାଫଳରେ ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି । ସେପଟେ ରେତ ନଦୀରେ ବୋରିଆ ଗାଁ ଚାଷୀମାନଙ୍କ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ୬ଟି ଉଠା ଜଳସେଚନ ବ୍ୟବସ୍ଥା କରାଯାଇଛି । ଏଥି ମଧ୍ୟରୁ ୩ ଟି ଚାଲୁ ଥିବା ବେଳେ ଆଉ ୩ ଟି ଅଚଳ ଅବସ୍ଥାରେ ପଡ଼ି ରହିଛି । ଅନ୍ୟପକ୍ଷରେ କଦଳୀ ବିକ୍ରି ପାଇଁ ଉପଯୁକ୍ତ ବଜାର ତଥା ଶୀତଳଭଣ୍ଡାର ବ୍ୟବସ୍ଥା ନାହିଁ । ଫଳରେ ଅନେକ ଚାଷୀ ଫସଲ ନଷ୍ଟ ହେବା ଆଶଙ୍କାରେ କେସିଙ୍ଗା, ଉତ୍କେଳା, ଭବାନୀପାଟଣା, ବଜାରରେ ଶାଗ ମାଛ ଦରରେ ବିକ୍ରି କରି ଅଧିକ ଲାଭରୁ ବଞ୍ଚିତ ହେଉଛନ୍ତି । କଦଳୀ ଖରାପ ହେବା ଭୟରେ କମ ଦରରେ ଛୋଟ ଛୋଟ ବେପାରୀ ମାନଙ୍କୁ ବିକ୍ରି କରିଦେଉଛନ୍ତି । ଚାଷୀ କଦଳୀର ଉଚିତ ମୂଲ୍ୟ ପାଉନାହାନ୍ତି । ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଉପଯୁକ୍ତ ବଜାରର ସୁବିଧା ନାହିଁ । ଏକ ଶୀତଳଭଣ୍ଡାର କରାଗଲେ ଚାଷୀମାନେ ଆହୁରି ଉପକୃତ ହେବେ ବୋଲି କହିଛନ୍ତି । ଅପରପକ୍ଷେ ଚାଷୀ ମାନଙ୍କୁ ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରୁ କୌଣସି ଚାରା ଯୋଗାଇ ଦିଆଯାନାହିଁ । ବୋରିଆ ଗ୍ରାମର ସଫଳ ଚାଷୀ ଇନ୍ଦୁ ଭୂଷଣ ସ୍ୱାଇଁଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ମାନପତ୍ର ସହ ଶ୍ରେଷ୍ଠ ପୁରସ୍କାର ଦିଆଯାଇ ରାଜ୍ୟସ୍ତରରେ କଳାହାଣ୍ଡି ବୋରିଆ ଗାଁ କଦଳୀଚାଷକୁ ମାନ୍ୟତା ଦିଆଯାଇଛି । ଏଣୁ ଆଗାମୀ ଦିନରେ ରାଜ୍ୟ ସରକାର ଦୃଷ୍ଟି ଦେଇ ଏକ ଶୀତଳଭଣ୍ଡାର ସହ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।



# ବନ୍ୟା କ୍ଷୟକ୍ଷତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

**ଖଡ଼ିଆଳ, ୬।୮(ସମିସ):** ନିକଟରେ ହୋଇଥିବା ବନ୍ୟାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ପରିପ୍ରେକ୍ଷୀରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ସହାୟତା ଓ ପୁନର୍ବାସ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଚିଠିରେ ବିଧାୟକ ବନ୍ୟା ଯୋଗୁଁ ସମ୍ପୂର୍ଣ୍ଣ ବାଲିଚରରେ ପରିଣତ ହୋଇଥିବା ଚାଷ ଜମିର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି । ସେହିପରି ବନ୍ୟାରେ କ୍ଷତିଗ୍ରସ୍ତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତା, ଗ୍ରାମାଞ୍ଚଳ ସଡ଼କ ଓ ପୋଲ ଗୁଡ଼ିକର ଶୀଘ୍ର ପୁନଃନିର୍ମାଣ ପାଇଁ ମଧ୍ୟ ଦାବି କରିଛନ୍ତି । ଏହାସହ ବନ୍ୟା ଯୋଗୁଁ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ବ୍ୟବସ୍ଥା ଓ ପାନୀୟଜଳ ଯୋଗାଣ ସେବାର ତୁରନ୍ତ ପୁନଃରୁଦ୍ଧାର କରି ସାଧାରଣଲୋକଙ୍କୁ ଆବଶ୍ୟକ ସୁବିଧା ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୀଘ୍ର ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ଆଶା ପ୍ରକାଶ କରିଛନ୍ତି ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଜୁନାଗଡ଼, ୬।୮(ସମିସ):** ଜୁନାଗଡ଼ ବ୍ଲକ ପରିସରରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର' ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସବିତା ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଡିଓ ଦେବାଶିଷ କର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ କୁମାର ବେହେରା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହରା ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଶିବିରରେ ଡା. ସୁନୀଲ କୁମାର ପାଢ଼ୀ, ଡା. ଚେତୁରାମ ମେହେର, ଡା. ନିବେଦିତା ମହାରାଣା ଓ ଡା. ସନତ ଶତପଥୀଙ୍କୁ ନେଇ ଗଠିତ ବିଶେଷଜ୍ଞ ଡାକ୍ତରୀ ଦଳ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିହ୍ନଟ, ଡାକ୍ତରୀ ପରାମର୍ଶ ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିବିରରେ ମୋଟ ୨୩୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ୪ଟି ଟ୍ରାଇସାଇକେଲ, ୧ଟି ହୁଇଲ୍‌ଚେୟାର, ୧ ଜଣଙ୍କୁ ଆବଭ୍ ନି ପ୍ରୋସ୍ଥେସିସ୍, ୬ ଜଣଙ୍କୁ କେଏଫଓ, ୪ ଜଣଙ୍କୁ ଏଏଫଓ, ୫ ଜଣଙ୍କୁ ଏଲ୍‌ଏସ୍ ବେଲ୍ଟ, ୭ ଜଣଙ୍କୁ ନି ଅର୍ଥୋସିସ୍ ଏବଂ ୨ ଜଣଙ୍କୁ ସିଟିଇଭି ଜୋତା ପ୍ରଦାନ ପାଇଁ ସୁପାରିଶ କରାଯାଇଥିଲା ।

# ୨୧ରୁ ଭବାନୀପାଟଣା ଟାଉନ ଫୁଟବଲ ଲିଗ୍

**ଭବାନୀପାଟଣା, ୬।୮(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଆସନ୍ତା ୨୧ରୁ ଭବାନୀପାଟଣା ଟାଉନ ଫୁଟବଲ ଲିଗ-୨୦୨୬ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଅନୁଷ୍ଠାନମାନେ (ନିର୍ଦ୍ଦିଷ୍ଟ ଭାବରେ କେବଳ ଭବାନୀପାଟଣା ପୌରାଞ୍ଚଳର ଫୁଟବଲ ଦଳ) ମାନେ ଜିଲ୍ଲା କ୍ରୀଡ଼ା ସଂସ୍ଥାରୁ ପ୍ରବେଶିକା ଫର୍ମ ପୂରଣକରି ୫୦୦ ଟଙ୍କା ପ୍ରବେଶିକା ଦେୟ ସହିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଅଫିସକୁ ପ୍ରତ୍ୟେକଦିନ ପୂର୍ବାହ୍ନ ୧୧.୩୦ ରୁ ୧ ମଧ୍ୟରେ ଆସନ୍ତା ୧୪ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତା ଜରିଆରେ ସୂଚନା ଦିଆଯାଇଛି ।

# ଚଡ଼ାଦରରେ ସାର ବିକ୍ରିକୁ ବିରୋଧ କଲା ଜନ ସଂଗ୍ରାମ ସମିତି



**ଗୋଲାମୁଣ୍ଡା, ୬।୮(ସମିସ):** ଗୋଲାମୁଣ୍ଡା ବ୍ଲକରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି କରୁଥିବା ସମସ୍ୟାର ପ୍ରତିବାଦ କରି କଳାହାଣ୍ଡି ଜନ ସଂଗ୍ରାମ ସମିତି ପକ୍ଷରୁ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୃଷି ଅଧିକାରୀ ନାଉକେଶ୍ୱର ନାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିଭିନ୍ନ ଅଞ୍ଚଳରେ ସାର ବିକ୍ରି କରୁଥିବା ଦୋକାନୀମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି କରୁଛନ୍ତି । ଏମାନଙ୍କ ଉପରେ ତୁରନ୍ତ ଚଢ଼ଉ କରିବା ଓ ଦୋଷୀ ସାବ୍ୟସ୍ତ ହେଉଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଲାଇସେନ୍ସ ବାତିଲ କରିବା ଓ ପ୍ରତ୍ୟେକ ଚାଷୀଙ୍କୁ ସରକାରୀ ନିର୍ଦ୍ଧାରିତ ଦରରେ ସାର ଉପଲବ୍ଧ କରିବା ପାଇଁ ଦାବି କରିଥିଲେ । ବିକ୍ଷୋଭ ପ୍ରଦର୍ଶନରେ ଅନିଲ ମଲ୍ଲିକ, ଲମ୍ବୁ ଜାଲ, ଉମେଶ ସରାଫ, ଅକ୍ରୂର ନାଏକ, ପ୍ରେମ ପୁଞ୍ଜି, ଅଗସ୍ତି ମାଝୀ, ଜଗବନ୍ଧୁ ମାଝୀ, ଚିତ୍ର ମାଝୀ, ଗଙ୍ଗା ମାଝୀ, ଟେକ ମାଝୀ, ବିଦ୍ୟା ମାଝୀ, ଅଗିନ ମାଝୀ, ନାକୁ ମାଝୀ, ସୁନୀଲ ମଙ୍ଗରାଜ, ରୁଦ୍ର ମଙ୍ଗରାଜ, ଟିତସ ସିପ୍‌କା, ରଘୁ ମାଝୀ, ଟେକୁ ଖର୍ସେଲ, ଭୁଜନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସାର କଳାବଜାର ରୋକିବାକୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଜନ ସଂଗ୍ରାମ ସମିତି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମଙ୍ଗରାଜ ଚେତାବନୀ ଦେଇଛନ୍ତି ।

# ବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ବୈଠକ

**ବୌଦ୍ଧ, ୬।୮(ସମିସ):** ସ୍ଥାନୀୟ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ବିଦ୍ୟାଳୟର ଶତାବ୍ଦୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଚିବ ଗାୟତ୍ରୀ ସାହୁ, ଉପାଧ୍ୟକ୍ଷା ସରିତା ମିଶ୍ର, ୱାର୍ଡ ସଭ୍ୟା ସସ୍ମିତା ମେହେର ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି ମଞ୍ଚାସୀନ ଥିଲେ । ଶିକ୍ଷକ ବିଜୟ କ୍ଷେତୀ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ମୁଖ୍ୟ ସ୍ରୋତରେ ସାମିଲ କରିବା, ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ନାମଲେଖା ବୃଦ୍ଧି, ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ ଏବଂ ଡିଜିଟାଲ ଦୁନିଆରେ ଶିଶୁମାନଙ୍କ ସୁରକ୍ଷାରେ ଅଭିଭାବକଙ୍କ ଭୂମିକା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଶିକ୍ଷକ ମଞ୍ଜିତ ମୋହନ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୭ରୁ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ

**ସିନାପାଲି, ୬।୮ (ସମିସ):** ଜାତୀୟ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଆସନ୍ତା ୧୭ ଅଗଷ୍ଟରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ନୂଆପଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଥମ ପର୍ଯ୍ୟାୟ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଅନୁଷ୍ଠିତ ହେବ । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଜିଲ୍ଲା ସମନ୍ୱୟ କମିଟିର ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । କୌଣସି କୁଷ୍ଠରୋଗୀ ଯେପରି ଚିହ୍ନଟରୁ ବାଦ୍ ନପଡ଼ନ୍ତି, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର, ଆଶାକର୍ମୀ ଓ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଘରକୁ ଘର ବୁଲି ସଠିକ୍ ସର୍ଭେକ୍ଷଣ କରି ଲୁକ୍କାୟିତ ରୋଗୀଙ୍କୁ ଚିହ୍ନଟ, ଅନୁସରଣ ଓ ଚିକିତ୍ସା ସୁନିଶ୍ଚିତ କରିବା ସହ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ନୂଆପଡ଼ାକୁ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ଅଭିଯାନ ସମୟରେ ଆଶାକର୍ମୀମାନେ ଘରକୁ ଘର ବୁଲି ସନ୍ଦିଗ୍ଧ କୁଷ୍ଠରୋଗୀଙ୍କୁ ଚିହ୍ନଟ କରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ରୋଗ ନିଶ୍ଚିତ କରିବା ସହ ଆବଶ୍ୟକ ଚିକିତ୍ସା ଆରମ୍ଭ କରିବେ । ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, କୁଷ୍ଠରୋଗ, ଡା. ତନ୍ମୟ ତ୍ରିପାଠୀ, ଏନ୍‌ଏଚ୍‌ଏମ୍ ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, କୁଷ୍ଠରୋଗ ପରାମର୍ଶଦାତା ଅନୀତା ସାହୁ, ଜିଲ୍ଲାର ସମସ୍ତ ସିଏଚ୍‌ସିର କୁଷ୍ଠରୋଗ ନୋଡାଲ ଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।




# ବୌଦ୍ଧକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଆହ୍ୱାନ



**ବୌଦ୍ଧ, ୬।୮(ସମିସ):** ସ୍ଥାନୀୟ ଦିବ୍ୟ ପ୍ରକାଶ ଭବନ ପରିସରରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବୌଦ୍ଧ ଶାଖା ପକ୍ଷରୁ ଏକ ନିଶାମୁକ୍ତି ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସମାଜରୁ ନିଶାଶକ୍ତି ଦୂର କରି ଏକ ସୁସ୍ଥ, ସୁନ୍ଦର ଓ ସଂସ୍କାରବାନ୍ ସମାଜ ଗଠନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବାପାଇଁ ସାମୂହିକ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ । କେନ୍ଦ୍ର ପରିଚାଳିକା ବି.କେ. ମାମିନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବି.କେ. ସରୋଜ, ଅଧ୍ୟାପକ ଡ. ପ୍ରବୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ନିଶା ଅନେକ ପରିବାରକୁ ବିପଥଗାମୀ କରୁଛି । ଏହା ଦୁର୍ଘଟଣା, ପାରିବାରିକ କଳହ, ଆର୍ଥିକ କ୍ଷତି ଓ ଶିଶୁମାନଙ୍କ ଭବିଷ୍ୟତକୁ ବିପନ୍ନ କରୁଛି । ତେଣୁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ସମ୍ମିଳିତ ପ୍ରୟାସରେ ବୌଦ୍ଧକୁ ଏକ ନିଶାମୁକ୍ତ ଜିଲ୍ଲାରେ ପରିଣତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବି.କେ. ମାମିନା ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।

# ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ସମୟସୀମା ବୃଦ୍ଧି



**ବୌଦ୍ଧ, ୬।୮(ସମିସ):** ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ସମୟସୀମା ବୃଦ୍ଧି ହୋଇଛି । ଭୋଟରମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସମୟସୀମା ବୃଦ୍ଧି କରାଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ଭୋଟର ତାଲିକାରେ ନାମ ଯୋଡିବା, କାଟିବା, ସଂଶୋଧନ ଓ ସ୍ଥାନାନ୍ତର ସମ୍ବନ୍ଧୀୟ ଦାବି ଓ ଆପତ୍ତି ୧୯ ତାରିଖ ପର୍ଯ୍ୟନ୍ତ କରାଯାଇପାରିବ । ସେହିପରି, ଦାବି ଓ ଆପତ୍ତିର ଶୁଣାଣି ଏବଂ ନିଷ୍ପତ୍ତି ପ୍ରକ୍ରିୟା ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଚଳିବ । ସେପ୍ଟେମ୍ବର ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ୮୫-କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୦୩୨ଟି ନୋଟିସରୁ ୧୮, ୭୦୭ଟି ଏବଂ ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦, ୪୬୮ଟି ନୋଟିସରୁ ୨୦, ୧୧୪ଟି ନୋଟିସ ବିତରଣ କରାଯାଇଛି । ଏପର୍ଯ୍ୟନ୍ତ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୪, ୭୬୪ଟି ଏବଂ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୬, ୭୧୬ଟି ଦାବି ଓ ଆପତ୍ତିର ଶୁଣାଣି ସମ୍ପନ୍ନ ହୋଇଛି । ଦାବି ଓ ଆପତ୍ତି ଦାଖଲ ସମୟସୀମା ବୃଦ୍ଧି ପାଇଥିବାରୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଆବେଦନ କରିପାରିନାହାନ୍ତି ସେମାନଙ୍କୁ ଆଉ ଚିନ୍ତିତ ନ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ଦାବି ଓ ଆପତ୍ତି ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଦାବି ଓ ଆପତ୍ତିର ଶୀଘ୍ର ନିଷ୍ପତ୍ତି ପାଇଁ ବୌଦ୍ଧ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟରତ ୧୧ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସହ ଅତିରିକ୍ତ ୧୨ ଜଣଙ୍କୁ ନିଯୁକ୍ତ କରାଯାଇଛି । ଏହାଦ୍ୱାରା ଯାଞ୍ଚ ପ୍ରକ୍ରିୟାର ପ୍ରଭାବଶାଳୀ ତଦାରଖ, ଉତ୍ତମ ସମନ୍ୱୟ ଏବଂ ସମୟବଦ୍ଧ ନିଷ୍ପତ୍ତି ସୁନିଶ୍ଚିତ ହେବ ।

# ସ୍ୱାଧୀନତା ଦିବସ ଉପଲକ୍ଷେ ଯୋଗାସନ ପ୍ରତିଯୋଗିତା

**ବୌଦ୍ଧ, ୬।୮(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହାନଦୀ ଆଳତି ଘାଟରେ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଯୋଗର ଉପାଦେୟତା ଉପରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ଯୋଗାଚାର୍ଯ୍ୟ ସୁବ୍ରତଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଆନନ୍ଦ ବେହେରା ଆଲୋକପାତ କରିଥିଲେ । ବିଚାରକ ଭାବେ ସ୍ନେହଲତା ପୁରୋହିତ, ହୃଷୀକେଶ ପ୍ରଧାନ, ରଞ୍ଜିତା ମିଶ୍ର, ସୁଶାନ୍ତ ମହାପାତ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା, ଲଳିତା ଅଗ୍ରୱାଲା, ତପନ ନାୟକ, ଗୀତାଞ୍ଜଳି ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଜୁନିଅର ବିଭାଗ ଅଷ୍ଟମରୁ ଦଶମ ଯାଏଁ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରତୀକ୍ଷା ବଡମାଳି ପ୍ରଥମ, ଜବାହର ନବୋଦୟ ବିଦ୍ୟାଳୟର ଦିବ୍ୟ ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, ଶ୍ରଦ୍ଧା ସମନ୍ୱିତା ମହାକୁଳ ଓ ଶୁଭଶ୍ରୀ ମେହେର ତୃତୀୟ ହୋଇଥିଲେ । ସବ ଜୁନିଅର ବିଭାଗରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆଦର୍ଶ ବିଦ୍ୟାଳୟ ଅମ୍ରିତ ବେହେରା ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ ଆରାଧ୍ୟା ଅଭିଶିକ୍ତା ପ୍ରଧାନ ଦ୍ୱିତୀୟ, ଶ୍ରେୟାସିନି ସାହୁ ତୃତୀୟ ହୋଇଛନ୍ତି । ଯୋଗଗୁରୁ ଦେବାଶିଷ ପୁରୋହିତ, ନଟବର ଅଗ୍ରୱାଲା, ଦିଲ୍ଲୀପ ଚୌଧୁରୀ, ବିକାଶ ଅଗ୍ରୱାଲା ଓ ସୌମ୍ୟରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୂଆପଡ଼ା ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା

**ସିନାପାଲି, ୬।୮(ସମିସ)**



ନୂଆପଡ଼ା ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷାର ଅଧ୍ୟକ୍ଷ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରେଶମ ଲାଲ ନାୟକ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ସମ୍ବନ୍ଧୀୟ ପ୍ରଗତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ବିଦ୍ୟାଳୟଗୁଡ଼ିକରେ ସାପ୍ତାହିକ ପରୀକ୍ଷା ଓ ସ୍ୱତନ୍ତ୍ର ସନ୍ଦେହ ନିରାକରଣ କ୍ଲାସ୍ (ଡାଉଟ୍ କ୍ଲିୟରିଂ କ୍ଲାସ୍) ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାଦାନର ଗୁଣବତ୍ତା ବୃଦ୍ଧି ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଏବଂ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଅଭିଜ୍ଞ ଶିକ୍ଷକମାନଙ୍କୁ ନେଇ ଶିକ୍ଷକ ବିନିମୟ କାର୍ଯ୍ୟକ୍ରମ କରାଯିବାକୁ ଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ । ବୈଠକରେ 'ସମ୍ଭାବନା-୨୦୨୭' କାର୍ଯ୍ୟକ୍ରମ, ପ୍ରଶସ୍ତ-୨.୦ ଆପ୍ ମାଧ୍ୟମରେ ଦିବ୍ୟାଙ୍ଗ ଶିଶୁ ଚିହ୍ନଟ, ଉଲ୍ଲାସ କାର୍ଯ୍ୟକ୍ରମ, ବିଦ୍ୟାଳୟ ମନିଟରିଂ, ଅପାର ଆଇଡି ସୃଷ୍ଟି, ବିଦ୍ୟାଳୟ ସୁରକ୍ଷା ସପ୍ତାହ, ବୃତ୍ତି, ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ରେଟିଂ, ଭିତ୍ତିଭୂମି ବିକାଶ ଏବଂ ବିଦ୍ୟାଳୟ ଉନ୍ନତୀକରଣ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଅବଶିଷ୍ଟ ଅଞ୍ଚଳଗୁଡ଼ିକରେ ଜମି ଚିହ୍ନଟ କାର୍ଯ୍ୟ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଚାଲିଥିବା ବେଳେ ଏହି ପ୍ରକ୍ରିୟାକୁ ଶୀଘ୍ର ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ସମ୍ପ୍ରତି ଆମସେନାରେ ଅନୁଷ୍ଠିତ ପରିବର୍ଦ୍ଧିତ ଜନଶୁଣାଣି ଅବସରରେ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ସାହୁଙ୍କ ଘରକୁ ଯାଇ ତାଙ୍କ ସହ ଓ ତାଙ୍କ ପରିବାର ସହ ଆଲୋଚନା କରି ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ଫଳାଫଳ ପାଇଁ ପ୍ରେରଣା ଦେଇଥିବା କଥା ଉଲ୍ଲେଖ କରିଥିଲେ । ସେହିଭଳି ଜିଲ୍ଲାର ସମସ୍ତ ଶିକ୍ଷା ଅଧିକାରୀ ଓ ପ୍ରଧାନ ଶିକ୍ଷକମାନଙ୍କୁ ମେଧାବୀ ଏବଂ ସମ୍ଭାବନାମୟ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ସେମାନଙ୍କୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଡିଏସ୍‌ଏସ୍ ଗିରିଧାରୀ ସା, ଡିଆଇଇଟି ପ୍ରିନସିପାଲ ନରୋତ୍ତମ ଭୋଇ, ଜିଲ୍ଲାର ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଗଡ଼ାରେ ପରିବେଶ ସୁରକ୍ଷା ଓ ଚାରାରୋପଣ




ଦେଓଗାଁ, ୬/୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡ଼ା ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ଗୁରୁବାର ପରିବେଶ ସୁରକ୍ଷା ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ପରିବେଶ ପ୍ରଦୂଷଣର ବିଭିନ୍ନ କାରଣ ଓ ବୃକ୍ଷରୋପଣର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ବିଷୟରେ ଅବଗତ କରିଥିଲେ। ସେପରୀ ଦେଓଗାଁ ବନାଞ୍ଚଳର ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ ଓ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ସମସ୍ତେ ମିଶି ବୃକ୍ଷରୋପଣ କରିଥିଲେ।

● ବାପ-ପୁଅ ଡାକ୍ତରଙ୍କ ସାର୍ଟିଫିକେଟ ନକଲି

## ଖୁବ୍‌ଶୀଘ୍ର ସିଲ୍ ହେବ କ୍ଲିନିକ୍- ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ

ପାଟଣାଗଡ଼, ୬/୮ (ସମିସ): ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ସିହିନୀ ଗାଁରେ ବାପ-ପୁଅ ଯୋଡିଙ୍କ କ୍ଲିନିକ୍ ସିଲ୍ ହେବ। ଜବତ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିଛି। ବେଆିନ କ୍ଲିନିକ୍ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଶୁକ୍ରବାର ଓ ଶନିବାର ବେଲପଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ ହୋଇଥିଲା। ଏହି ଘଟଣାରେ ନକଲି ଡାକ୍ତରଙ୍କ ସାର୍ଟିଫିକେଟ ସବୁ ନକଲି, ଜିଲ୍ଲା ସ୍ୱାସ୍ଥ୍ୟଧିକାରୀ ଏଡିଏମଓଙ୍କୁ ଚିଠି କରିଛନ୍ତି ଉକ୍ତ କ୍ଲିନିକ୍‌କୁ ସିଲ କରିବାକୁ ଖୁବ୍‌ଶୀଘ୍ର ଉକ୍ତ ବେଆଇନ କ୍ଲିନିକ ସିଲ୍ ହେବ ବୋଲି ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେର 'ସକାଳ'କୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିହିନୀ ଗାଁରେ ବାପ ଡମ୍ବରୁ ବେହେରା ଓ ପୁଅ ସତ୍ୟବାନ ବେହେରା ଦୀର୍ଘବର୍ଷ ଧରି ବେଆଇନ ଚିକିତ୍ସା ଜାରିରଖିଥିଲେ। କିଛିଦିନ ତଳେ ଜଣେ ରୋଗୀଙ୍କ ପିଠି ଓ ଗୋଡ଼ରେ ଇଞ୍ଜେକ୍ସନ ଦେବାରୁ ତାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ଉକ୍ତ ଘଟଣାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟଧିକାରୀଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ହୋଇଥିଲା।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି, ୬/୮ (ସମିସ): ବଙ୍ଗୋମୁଣ୍ଡା ବ୍ଲକ ଭୁସଲାଡ଼ ଗ୍ରାମରେ ଥିବା ଭୀମଭୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବର୍ତ୍ତମାନ କାର୍ଯ୍ୟଭାର ତୁଲାଉଥିବା ପ୍ରଧାନଶିକ୍ଷକ କବିରାଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଭୂଷଲାଡ ସରପଞ୍ଚ ଦୀପକ୍ ଛୁରା, ଆଲୁମିନି ସଭାପତି ଯୁବରାଜ ବେହେରା, ବିଦ୍ୟାଳୟର ସମସ୍ତ ପୂର୍ବତନ ଶିକ୍ଷକ ତଥା ବଙ୍ଗୋମୁଣ୍ଡା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ, ପୂର୍ବତନ ଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କ ଅବସର ଜୀବନ ମଙ୍ଗଳମୟ ଓ ଆନନ୍ଦମୟ କାମନା କରିଥିଲେ। ଶେଷରେ ବାଜା ରୋଷଣୀରେ ଗାଁ ପରିକ୍ରମା କରାଯାଇ ତାଙ୍କୁ ବିଦାୟ ଦିଆଯାଥିଲା। ଯୋଗେନ୍ଦ୍ର ସାହୁ, ଲୋଚନ ସାହୁ, ଜଗନ୍ନାଥ ବେହେରା, ଟିକେରାଜ୍ ସାହୁ, ତପନ ସାହୁ, ବଢ଼ିଆ ବେହେରା, ଚୁଲଧର ବେହେରା, ହସମୁଖ ସାହୁ ପ୍ରମୁଖଙ୍କ ସହ ପୁରାତନ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ଲୋୟର ସୁକତେଲ ପ୍ରକଳ୍ପ ସରିଛି, ସରୁନି ବିବାଦ

● କୁମିଆପାଲି ଓ ତାବଲବାଞ୍ଜି ଗ୍ରାମବାସୀ ଜିଦ୍‌ରେ ଅଟଳ
● ଗ୍ରାମବାସୀଙ୍କ ଟାର୍ଗେଟ୍‌ରେ ବିଧାୟକ ଓ ସରକାର

ବଲାଙ୍ଗିର, ୬/୮ (ସମିସ)

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇସାରିଛି କିନ୍ତୁ ଏବେବି ବିସ୍ଥାପନ ସମସ୍ୟାକୁ ନେଇ ଦୁଇ ଗାଁ କୁମିଆପାଲି ଓ ତାବଲବାଞ୍ଜିରେ ଉତ୍ତେଜନା ଲାଗିରହିଛି। ଗୋଟିଏ ପଟେ ଡ୍ୟାମରେ ପାଣି ରଖିବା ଉଦ୍ଦେଶ୍ୟରେ ବର୍ଷାମାସରେ ଗାଁ ଖାଲି କରିବାକୁ ପ୍ରଶାସନ ଉଦ୍ୟମ କରୁଥିବା ବେଳେ ଅନ୍ୟପଟେ ପ୍ରଶାସନର ସାମ, ଦାମ, ଦଣ୍ଡ, ଭେଦକୁ ବେଖାତିର କରି ପୁଲିସ ଓ ପ୍ରଶାସନକୁ ପ୍ରତିବାଦ କରିବାକୁ ପଛାଉନାହାନ୍ତି। କିନ୍ତୁ ଏହା କାହିଁକି? ଯେଉଁ ଗ୍ରାମବାସୀ ଖୁସିରେ ଭିଟାମାଟି ଛାଡ଼ିବାକୁ ପ୍ରସ୍ତୁତ ଥିଲେ ଆଜି ନାରାଜ କାହିଁକି? ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର ସେମାନଙ୍କ ସମସ୍ୟା ବୁଝିବାକୁ ବିଫଳ ହୋଇଛନ୍ତି ନା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମସ୍ୟା ସମାଧାନରେ ଅଣଦେଖା କରିଛନ୍ତି? ଯାହାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଲୋୟର ସୁକତେଲ ପ୍ରକଳ୍ପ କାମ ସରିଥିବା ବେଳେ ଜଳସେଚନ ପ୍ରକଳ୍ପ କାମ ମଧ୍ୟ ସରିଛି। ଚଳିତ ରବିରୁ ଜଳସେଚନ କରାଯିବାକୁ ନିଷ୍ପତ୍ତି ହୋଇସାରିଛି। ମାତ୍ର ଆଜି ବି କୁମିଆପାଲି ଓ ତାବଲବାଞ୍ଜି ଗାଁରେ ଅନେକ ଗ୍ରାମବାସୀ ଗାଁ ଛାଡ଼ିନାହାନ୍ତି। ପ୍ରଶାସନ ସେମାନଙ୍କୁ ବିସ୍ଥାପିତ କରିବାରେ ବିଫଳ ହୋଇଛି।

ଆନ୍ଦୋଳନ ଭିତରେ ଉଭୟ ଗ୍ରାମବାସୀଙ୍କ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପ୍ରତି ରହିଥିବା ଅସନ୍ତୋଷ ସାମ୍ନାକୁ ଆସିଛି। ତାବଲବାଞ୍ଜିର ଜଣେ ଗ୍ରାମବାସୀ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ କହିଥିଲେ ଯେ, ଗ୍ରାମବାସୀ ଭୋଗୁଥିବା ବିସ୍ଥାପନ ସମସ୍ୟା ନେଇ ଶ୍ରୀ ମହାଲିଙ୍ଗଙ୍କୁ ଭେଟିଥିଲେ। ବିଧାୟକ କହିଥିଲେ ଯେତେବେଳେ କିଛି ସମସ୍ୟା ହେବ ତୁରନ୍ତ ଫୋନ୍‌ରେ ଜଣାଇବାକୁ। କିନ୍ତୁ ଯେତେବେଳେ ପ୍ରଶାସନ ବିସ୍ଥାପନ କରିବାକୁ ଉଦ୍ୟମ କରିଥିଲା ସେହି ସମୟରେ ଫୋନ ଲଗାଇଲେ ସେ ଉଠାଇଲେ ନାହିଁ।

ଏପରିକି କୁମିଆପାଲିରେ ଆନ୍ଦୋଳନ କରୁଥିବା ଆଦିବାସୀ ପରିବାରମାନେ ମଧ୍ୟ ସିଧାସଳଖ କହିଥିଲେ, ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ କ'ଣ ଲାଭ ପାଇଲୁ। ଆମେ ୮୪ ଆଦିବାସୀ ପରିବାରର ସମସ୍ୟା ବୁଝିବାକୁ ତ ସରକାରଙ୍କ ପାଖରେ ସମୟ ନାହିଁ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏମାନେ ଉଠାଉଥିବା ଦାବି ଯୁକ୍ତିଯୁକ୍ତ ନା ଅଯୌକ୍ତିକ। କୁମିଆପାଲି ଗ୍ରାମର ୮୪ ପରିବାର ସଠିକ ସର୍ଭେ କରିବା, ଥଇଥାନ କଲୋନୀରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଦାବି କରିଥିବା ବେଳେ ତାହା କରିବାରେ ଜଳସେଚନ ବିଭାଗ ଫେଲ ମାରିଛି। ସେହିପରି ତାବଲବାଞ୍ଜି ଗ୍ରାମବାସୀଙ୍କ କହିବା ଅନୁସାରେ ନୂତନ ଭାବେ ଚିହ୍ନଟ ହୋଇଥିବା ଥଇଥାନ ଅଞ୍ଚଳ ରହିବା ଉପଯୋଗୀ କରିବା ସହ ଅନ୍ୟ ସବୁ ମୌଳିକ ସୁବିଧା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଯଦି ଏହା ହୋଇନାହିଁ ତେବେ ପ୍ରଶାସନ କାହିଁକି ତରବରିଆ ଭାବେ ବିସ୍ଥାପନ କରିବାକୁ ଚେଷ୍ଟା କରୁଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ଦୁଇ ଗାଁରେ ସୃଷ୍ଟି ହୋଇଥିବା ପରିସ୍ଥିତି ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ରାଜ୍ୟରେ ବିଜେପି ସରକାର ଗଢିବାର ଦୁଇ ବର୍ଷ ବିତିସାରିଲାଣି। ସ୍ଥାନୀୟ ବିଧାୟକ ରାଜ୍ୟ କ୍ୟାବିନେଟର ମନ୍ତ୍ରୀ, ଏହି ଅଞ୍ଚଳକୁ ଲାଗି ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ରହିଛି ତଥାପି ଏହି ବିସ୍ଥାପିତଙ୍କ ସମସ୍ୟା ସମାଧାନ ନହେବାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏହି ଦୁଇ ଗ୍ରାମବାସୀଙ୍କ ଦାବି ପୂରଣ ଓ ସମସ୍ୟା ସମସ୍ୟା ସମାଧାନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଦେଉଳଗାଁ ପ୍ରାଥମିକ ବିଦ୍ୟାଳୟ
## ଶିକ୍ଷକ ନାହାନ୍ତି; ସ୍କୁଲରେ ତାଲା ପକାଇଲେ ଅଭିଭାବକ

ପାଟଣାଗଡ଼, ୬/୮ (ସମିସ): ପାଟଣାଗଡ଼ ବ୍ଲକ ଦେଉଳଗାଁ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ସ୍କୁଲରେ ତାଲା ପକାଇଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପହଁଞ୍ଚି ବୁଝାସୁଝା କରିବା ପରେ ବି ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ସ୍ଥାୟୀ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି କହିଛନ୍ତି।




ଅଭିଯୋଗ ଅନୁସାରେ, ଦେଉଳ ଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ଜଣ ଛାତ୍ରଛାତ୍ରୀଙ୍କୁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି। ଗୁରୁବାର ସ୍କୁଲର ଛାତ୍ରଛାତ୍ରୀ ୯ଟା ୪୫ରୁ ସ୍କୁଲକୁ ଆସିଥିଲେ ମଧ୍ୟ ଶିକ୍ଷକ ଆସିନଥିଲେ। ଗ୍ରାମବାସୀ ଶିକ୍ଷକଙ୍କୁ ଫୋନ ଯୋଗେ ପଚାରିବାରୁ ସେ ଟ୍ରେନିଂ ପାଇଁ ଆସିଛି ଯାଇପାରିବି ନାହିଁ ବୋଲି କହିଥିଲେ। ଫଳରେ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ପରେ ଶିକ୍ଷାବିଭାଗ ଦେଉଳଗାଁର ଏମ୍‌ଇ ସ୍କୁଲରୁ ଜଣେ ଶିକ୍ଷୟିତ୍ରୀଙ୍କୁ ପଠାଇଥିଲେ। କିନ୍ତୁ ଗ୍ରାମବାସୀ ଶିକ୍ଷାବିଭାଗ ଘଟଣାସ୍ଥଳକୁ ନ

**ସ୍ଥାୟୀ ଶିକ୍ଷକ ନ ଆସିଲେ ଖୋଲିବନି ତାଲା - ଗ୍ରାମବାସୀ**

ଆସିବା ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବ ନାହିଁ ବୋଲି କହିଥିଲେ। ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପହଁଞ୍ଚି ସ୍ଥାୟୀ ଶିକ୍ଷକ ପାଇଁ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି ଅନୁମୋଦନ ହେଲାପରେ ସ୍ଥାୟୀ ଶିକ୍ଷକ ଆସିବେ ବୋଲି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଗ୍ରାମବାସୀ ଆଉ ଦୁଇ ଜଣ ସ୍ଥାୟୀ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ ବୋଲି ଜିଦରେ ଅଟଳ ରହିଛନ୍ତି।

## ବଙ୍ଗୋମୁଣ୍ଡାରେ ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ

କଣ୍ଟାବାଞ୍ଜି, ୬/୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କନ୍‌ଫରେନ୍ସ ହଲ୍‌ଠାରେ ପ୍ରଦାନ ଭୁବନେଶ୍ୱରଙ୍କ ଆୟୋଜନ କ୍ରମେ ଏକ ଦିନିକିଆ ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରର ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କୃଷି ମିତ୍ର, କୃଷିସାଥୀ ଓ ଏପିସି ପ୍ରୋଗ୍ରାମର କ୍ଷେତ୍ରକର୍ମୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ପରିବେଶ ଅନୁକୂଳ ପାଇଁ ପ୍ରାକୃତିକ ଉପାୟରେ କିପରି ଚାଷ କରାଯାଇପାରିବ ଓ ତାହାର ବିଭିନ୍ନ ଦିଗ ଉପରେ ତାଲିମଦାତା ବଡ଼ ନାଗ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡିପିଏମ୍ ଓଏଲ୍ଏମ୍ ବଲାଙ୍ଗୀର, ବଙ୍ଗୋମୁଣ୍ଡା ବିଡିଓ ନିତୁଶ୍ରୀ ମେହେର, ଏନଆରଏମ୍ ଏକ୍ସପର୍ଟ ଆଲୋକ,




ପ୍ରଦାନ ରିଜିଓନାଲ କୋଅର୍ଡିନେଟର ବିଭୂବନ୍ତ ବରାଡ, ବିପିଏମ୍ ଓଏଲ୍ଏମ୍ ସତ୍ୟପ୍ରିୟ ବେହେରା ଯୋଗଦେଇ ପ୍ରାକୃତିକ କୃଷି ଉପରେ ଆଲୋକପାତ କରି ତାଲିମାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଏପିସି ପ୍ରୋଗ୍ରାମ ମ୍ୟାନେଜର ଗୁରୁଗୋବିନ୍ଦ ସିଂହ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

● ସମବାୟ ପାଣ୍ଠି ଆତ୍ମସାତ୍ ଅଭିଯୋଗ

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

ବଲାଙ୍ଗିର, ୬/୮ (ସମିସ): ସମବାୟ ସମିତିର ପାଣ୍ଠି ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହକାରୀ ନିବନ୍ଧକ ସର୍କଲ ଅଧୀନ ସୁନାମୁଦି ଓ ତମିଆ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ ମୌସମ ବେହେରାଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ବଲାଙ୍ଗିର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ୨୦୨୪-୨୫ ଏବଂ ୨୫-୨୬ ଆର୍ଥିକ ବର୍ଷରେ ଅଭିଯୁକ୍ତ ମୌସମ ବେହେରା ସୁନାମୁଦି



ଓ ତମିଆ ପାକ୍ସରେ କାର୍ଯ୍ୟରତ ଥିବାବେଳେ ମୋଟ ୨୨ ଲକ୍ଷ ୧୯ ହଜାର ୬୩୬ ଟଙ୍କା ସମବାୟ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଜମାରାଶି (ଅମାନତ) ଫେରସ୍ତ ଦିଆଯାଇଥିବାର ମିଥ୍ୟା ହିସାବ ଦର୍ଶାଇ ସେ ଟଙ୍କା ହଡ଼ପ କରିଥିଲେ। ଏହାସହ ସାର ବିକ୍ରିରୁ ଆଦାୟ ହୋଇଥିବା ଅର୍ଥକୁ ସମ୍ପୃକ୍ତ ପାକ୍ସର କ୍ୟାସ କ୍ରେଡିଟ୍ ସାର ଋଣ ଖାତାରେ ଜମା ନକରି ଆତ୍ମସାତ୍ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଥିଲା। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ମାମଲା ଅଗଷ୍ଟ ୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଆଗାମୀ ଦିନରେ ତଦନ୍ତରୁ ଅଧିକ ତଥ୍ୟ ସାମ୍ନାକୁ ଆସିବା ସହ ଅନ୍ୟ କେହି ସମ୍ପୃକ୍ତ ଥିଲେ ସେମାନଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଠେମରାରେ ୧୦୦୧ ଚାରାରୋପଣ

କଣ୍ଟାବାଞ୍ଜି, ୬/୮ (ସମିସ): ବଙ୍ଗୋମୁଣ୍ଡା ବ୍ଲକ ଅର୍ନ୍ତଗତ ଠେମରା ପଞ୍ଚାୟତରେ ଥିବା ନର୍ସରୀଠାରେ ସମାଜସେବୀ ଅନିଲ କୁମାର ତ୍ରିପାଠୀ ଓ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ ୧୦୦୧ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନ୍ଦେଧକେଲା ସମିତି ସଭ୍ୟ ଭୋଳାନାଥ ବେହେରା ବଙ୍ଗୋମୁଣ୍ଡା ରେଞ୍ଜର ଡମ୍ବରୁଧର ପଧାନ, ସିନ୍ଦେଧକେଲା ଫରେଷ୍ଟର ହିମାଂଶୁ ଶେଖର ବିହାରୀ, ବଙ୍ଗୋମୁଣ୍ଡା ଫରେଷ୍ଟର ହିମାଂଶୁ ପଣ୍ଡା,



ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ସଞ୍ଜୟ ଅଗସ୍ତି, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ସମ୍ପାଦକ ହୁଲେଶ୍ୱର ହଂସ, ପୁଷ୍ପ ବେହେରା, ପ୍ରକୃତି ବନ୍ଧୁ ନାରାୟଣ ମିଶ୍ର, ସୁଶାନ୍ତ ଥନାପତୀ, ନିତ୍ୟାନନ୍ଦ ପୃଷେଠ, ରାଧେଶ୍ୟାମ ମେହେର, ଅଶୋକ ଖମାରୀ ପ୍ରମୁଖ ସହ ଠେମରା ପଞ୍ଚାୟତର ବହୁ ଲୋକ ସାମିଲ ହୋଇଥିଲେ।

## ବିଦେଶୀ ମଦ ଦୋକାନକୁ ବିରୋଧ କରି ସଇଁତଳା ବନ୍ଦ

ସଇଁତଳା, ୬/୮ (ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଳା ସହରର ନୂତନ ଭାବେ ଖୋଲିଥିବା ବିଦେଶୀ ମଦ ଦୋକାନକୁ ବିରୋଧ କରି ଆଜି ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା ସଇଁତଳା ମିଳିତ ମଞ୍ଚ। ସୂଚନା ମୁତାବକ ପୁରୁଣା ମଦ ଦୋକାନ ଅବଧି ସରିଯାଇଥିବା ବେଳେ ପ୍ରଶାସନ ପୁଣି ଥରେ ଲଟେରୀ କରି ନୂଆ ଦୋକାନ ପାଇଁ ଏକ ଝାଡ଼ଖଣ୍ଡର ମଦ ବ୍ୟବସାୟୀଙ୍କୁ ଦିଆଯାଇଥିଲା। ତେବେ ନୂତନ ବିଦେଶୀ ମଦ ଦୋକାନ ପାଖରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ଧାର୍ମିକସ୍ଥଳୀ ତଥା ଉକ୍ତ ରାସ୍ତା ଦେଇ ଅନେକ ଲୋକେ ବିଡ଼ିଓ ଅଫିସ, ତହସିଲ ଅଫିସ ଓ ହସ୍ପିଟାଲ ଯାଉଥିବାରୁ ଏଠାରେ ଦୋକାନ ଖୋଲିବାକୁ ବିରୋଧ କରାଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ପ୍ରଶାସନ ଓ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ବି ନିରବ ରହିଥିଲା ପ୍ରଶାସନ। ବାଧ୍ୟ ହୋଇ ଆଜି ସଇଁତଳାର ବିଭିନ୍ନ ସଂଗଠନ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ବନ୍ଦର ପ୍ରଭାବରେ କିଛି ଜରୁରିକାଳୀନ



ସେବାକୁ ବାଦ ଦେଲେ ଅଖଚକ ଓ ସମସ୍ତ ସରକାରୀ ସ୍କୁଲ କଲେଜ ସମେତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ସ୍ଥାନୀୟ ମହିଳାମାନେ କିଛି ସମୟ ଧରି ଜାତୀୟ ରାଜପଥ-୨୬ କୁ ଅବରୋଧ କରିଥିଲେ। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ସଇଁତଳା ତହସିଲଦାର ଆଶିଷ ଏକ୍କା ଉପସ୍ଥିତ ଥିଲେ। ଏହାସହ ଟିଟିଲାଗଡ଼ ଏସଡିପିଓ ଯଶୋବନ୍ତ ପଧାନୀ, ସଇଁତଳା ଥାନା ଅଧିକାରୀ ଖଗପତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ହସ୍ତାନ୍ତର ପୂର୍ବରୁ ଭାଙ୍ଗିଲା ପମ୍ପହାଉସ୍

ଦେଓଗାଁ, ୬/୮ (ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲଖନପୁର ଗାଁରେ ପାନୀୟଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାମ ସରିଛି। ତେବେ ଏହି କାମ ନୂଆପଡ଼ାର ଜନୈକ ଠିକାଦାର କରିଥିବା ବେଳେ କୌଣସି କାରଣ ବଶତଃ ବିଭାଗକୁ ଏପର୍ଯ୍ୟନ୍ତ ହସ୍ତାନ୍ତର କରିନାହାନ୍ତି। କାମ ସରିବାର ମାସେ ନପୁରୁଣୁ ପମ୍ପହାଉସ ଭାଙ୍ଗି ଯାଇଛି। ଫଳରେ କାମର ମାନ ଓ ସ୍ଥାୟୀତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାର ଏହା ହେଉଛି ଫଳ। ଗ୍ରାମବାସୀଙ୍କ କଥାକୁ ଅଣଦେଖା କରି



ଭୁଲ ସ୍ଥାନରେ ପମ୍ପହାଉସ ନିର୍ମାଣ କରିଥିଲେ। ଏଥିସହ ଘରର ଫାଉଣ୍ଡେସନ କାମ ଅତି ନିମ୍ନମାନର କରିଥିବାରୁ ଏବେ ବର୍ଷାପାଣି ମାଡି ଘର ତଳୁ ମାଟି ଧୋଇ ଯାଇଛି। ଫଳରେ ଏହା ଭୁଶୁଡ଼ିବା ନିଶ୍ଚିତ। ଏବେ ଉକ୍ତ ପମ୍ପହାଉସ ଆଉ କୌଣସି କାମକୁ ନୁହେଁ, ତେଣୁ କେମିତି ଜଳଯୋଗାଣ ହୋଇପାରିବ ସେନେଇ ଗ୍ରାମବାସୀ ଚିନ୍ତାରେ। ନିକଟରେ ରହିଥିବା ଟ୍ରନ୍ସଫରମର ମଧ୍ୟ ପାଣିମାଡ଼ି ଲୋକଙ୍କପାଇଁ ବିପଦ ସୃଷ୍ଟି କରିଥିବା ଗ୍ରାମବାସୀ କହିଛନ୍ତି। ବିଭାଗୀୟ ଅବହେଳା ଓ ଲାଭଖୋର ମନବୃତ୍ତି ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ପାଣିରେ ପଡ଼ିଲା ବୋଲି ଗ୍ରାମବାସୀ କହିଛନ୍ତି।

ଏ ନେଇ ବିଭାଗୀୟ ଯନ୍ତ୍ରୀ ବନିତା

**ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ**

ବେହେରାଙ୍କୁ ପଚାରିବାରୁ ପମ୍ପହାଉସ ଭାଙ୍ଗିବା ନେଇ ଖବର ପାଇଛି। ଠିକାଦାର ଆମକୁ ପ୍ରକଳ୍ପ ହସ୍ତାନ୍ତର କରି ନ ଥିବାରୁ ସେ ଉକ୍ତ ପମ୍ପଘରକୁ ପୁନଃ ନିର୍ମାଣ କରି ହସ୍ତାନର କରିବେ ବୋଲି କହିଥିବା କହିଛନ୍ତି। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତରଙ୍କ ଜୀବନ ବଞ୍ଚାଇଲେ ପୂର୍ବତନ ସରପଞ୍ଚ

କଣ୍ଟାବାଞ୍ଜି, ୬/୮ (ସମିସ): ବଲାଙ୍ଗୀର ଜିଲ୍ଲା ଭାଲୁମୁଣ୍ଡା-ବେଲପଡ଼ା ମୁଖ୍ୟ ରାସ୍ତାରେ ବୁଲା ଗୋରୁଙ୍କ ଯୋଗୁଁ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ନୂଆପଡ଼ା ଗାଁର ୩ ଜଣ ଆହତ ହୋଇଥିଲେ। ଖବର ପାଇ ଭାଲୁମୁଣ୍ଡା ପୂର୍ବତନ ସରପଞ୍ଚ ଉପେନ୍ଦ୍ର ମେହେର ପହଞ୍ଚି ନିଜ ଆମ୍ବୁଲାନ୍ସରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ମିଶନ ହସ୍ପିଟାଲକୁ ନେଇଥିଲେ। ଆହତମାନେ ହେଲେ ନୂଆପଡ଼ାର କୁଞ୍ଜବିହାରି ତାଣ୍ଡି, ବାପ୍ପା ତାଣ୍ଡି, କାଳିଆ ନେତାମ। ଗୁରୁତର ହୋଇଥିଲା। ଶ୍ରୀ ମେହେର ନିଜ ଅର୍ଥରେ ଔଷଧ ବ୍ୟବସ୍ଥା ମଧ୍ୟ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ଓ କର୍ମଚାରୀଙ୍କ ଦାବିପତ୍ର



ଖପ୍ରାଖୋଲ, ୬/୮ (ସମିସ): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକସ୍ତରୀୟ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କୁ ପ୍ରଦାନ କରାଯାଇଛି। ସଂଘ ତରଫରୁ ଦୀର୍ଘଦିନ ଧରି ଝୁଲି ରହିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ ପୂରଣ କରିବା ସହିତ ସମସ୍ତ ଯୋଗ୍ୟ ନୂତନ ସହାୟତାପ୍ରାପ୍ତ ସ୍କୁଲ ଓ କଲେଜକୁ ଜିଆଇଏ ପରିସରଭୁକ୍ତ କରି ପେନସନ ଓ ସେବା ସୁବିଧା ପ୍ରଦାନ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ସହ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ସମସ୍ୟାର ସମାଧାନ ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ ଟି ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ ପ୍ରମୁଖ ଦାବି କରାଯାଇଛି। ଏହି ଅବସରରେ ସୁଶାନ୍ତ ଦାଶ, ନବକିଶୋର ନନ୍ଦ, ଗୋପାଳ ଚନ୍ଦ୍ର ବେହେରା, ରମେଶ ମହାନ୍ତି, ଐଶ୍ୱର୍ଯ୍ୟ ଶେଖର ଦେବତା ପ୍ରମୁଖ ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସକାଳ
THE SAKALA




**ବୌଦ୍ଧରେ ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ସମୀକ୍ଷା**

# ଏସ୍ଆଇଆର୍‌ରେ ସହଯୋଗ ଓ ସମନ୍ୱୟ ପାଇଁ ପରାମର୍ଶ

ବୌଦ୍ଧ, ୬।୮ (ସମିସ)



ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଚାଲିଛି। ଏହିକ୍ରମରେ ଆଜି ବୌଦ୍ଧ ଜିଲ୍ଲାପାଳ କାର୍ଯ୍ୟାଳୟରେ ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ପୁନଃ ନିର୍ଦ୍ଧାରିତ ସମୟସୂଚୀ ସମ୍ପର୍କରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନୂତନ ସମୟସୂଚୀ ଅନୁଯାୟୀ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅଗଷ୍ଟ ୧୯, ନୋଟିସ ଜାରି ଓ ଦାବି-ଆପତ୍ତି ଶୁଣାଣିର ଶେଷ ତାରିଖ ସେପ୍ଟେମ୍ବର ୧୭ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସେପ୍ଟେମ୍ବର ୨୯ରେ କରାଯିବ ବୋଲି ସୂଚନା ଦିଆଯାଇଛି। ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ନକଲି ଭୋଟରଙ୍କ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଥିବା ବେଳେ, ଫର୍ମ-୬, ୭, ୮, ୯, ୧୦, ୧୧, ୧୧(ଏ) ଏବଂ ୧୧(ବି) ସମ୍ବନ୍ଧୀୟ ସମସ୍ତ ସୂଚନା ମଧ୍ୟ ଅନଲାଇନ୍‌ରେ ଦେଖିହେବ ବୋଲି ବୈଠକରେ ଅବଗତ କରାଯାଇଥିଲା। ଜିଲ୍ଲାର ୮୫-କଣ୍ଟାମାଳ ଓ ୮୬-ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜାରି ହୋଇଥିବା ୪୦,୫୦୦ଟି ନୋଟିସରୁ ୪୦,୪୯୫ଟି ନୋଟିସ ପ୍ରଦାନ କରାଯାଇଛି। ସେଥିରୁ ୨୧,୯୭୬ଟି ନୋଟିସର ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ପାଇଁ ସମସ୍ତ ରାଜନୈତିକ ଦଳ ସେମାନଙ୍କ ବୁଥସ୍ତରୀୟ ଏଜେଣ୍ଟମାନଙ୍କୁ ସହଯୋଗ ଓ ସମନ୍ୱୟ ପାଇଁ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ବିଜେଡି ପକ୍ଷରୁ ସାଙ୍ଗଶୁଶେଖର ମହାକୁଡ଼, କଂଗ୍ରେସ ପକ୍ଷରୁ ସମରେଶ ମିଶ୍ର, ଭାରତୀୟ ଜନତା ପାର୍ଟି ପକ୍ଷରୁ ଶ୍ୟାମସୁନ୍ଦର ପୁରୋହିତ ଓ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଦୀପ୍ତ ପ୍ରକାଶ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ ଭୋଇ ଓ ଡେପୁଟି କଲେକ୍ଟର (ନିର୍ବାଚନ) ମନସିଜ ସ୍ୱରୂପ ବୈଠକରେ ଉପସ୍ଥିତ ରହି ରାଜନୈତିକ ଦଳର ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ।

## ମାନବିକତା ଦେଖାଇଲେ ବିଚାରପତି

କଣ୍ଟାବାଞ୍ଜି, ୬।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି କୋର୍ଟର ପ୍ରଥମ ଶ୍ରେଣୀ ବିଚାରପତି ରାକେଶ କୁମାର ବେହେରା ମାନବିକତା ଦେଖାଇଛନ୍ତି। ୨୦୨୪ ମସିହାରେ କଣ୍ଟାବାଞ୍ଜି ଥାନା ଚାଉଳଖୁଣ୍ଟା ଗାଁର ଏକ ମାମଲାକୁ ନେଇ ସମନ ହୋଇଥିଲା। ପ୍ରମୋଦ ମହାନନ୍ଦ, ଶୁକଦେବ ମହାନନ୍ଦ, ଯଦୁ ମହାନନ୍ଦ ଓ ଲତା ମହାନନ୍ଦଙ୍କୁ ସମନ ପାଇ ଆଜି କୋର୍ଟରେ ହାଜର ହୋଇଥିଲେ, ହେଲେ ଯଦୁ ଅତ୍ୟଧିକ ବୟସ୍କ ଏବଂ ରୋଗଗ୍ରସ୍ତ କାରଣରୁ ଗାଡ଼ିରୁ ଓହ୍ଲାଇ ପାରି ନ ଥିଲେ। ଏହା ଜାଣିବା ପରେ ବିଚାରପତି ତାଙ୍କ ପାଖକୁ ଆସି ନିଜର କର୍ତ୍ତବ୍ୟ କରିଥିଲେ। ଏହି ସମୟରେ ସରକାରୀ ଆଇନଜୀବୀ ବିବେକ ଶର୍ମା ଉପସ୍ଥିତ ଥିଲେ।



## ତରଭାରେ ଛୁଇଁ ହେଉନି ପରିବା

ତରଭା, ୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ପନି ପରିବାର ଦର ଶୁଣିଲେ ମୁଣ୍ଡ ବୁଲେଇ ହେଉଛି। ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ପରିବା କିଣିବା କଷ୍ଟକର ହେଲାଣି। ଆଜି ତରଭା ଡେଲି ମାର୍କେଟରେ ଫୁଲକୋବି କେଜି ୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଗୋଟକ-୮୦, କଖାରୁ-୮୦, ସିମିଳା ମରିଚ-୮୦, କଙ୍କଡୋ-୮୦, ଗୁଆର ସେମି-୮୦, ବିନ୍ସ-୮୦, ଟମାଟୋ-୩୦, ବାଇଗଣ-୫୦, ବନ୍ଧାକୋବି-୪୦, ଝୁଡଙ୍ଗ-୬୦, କଲରା-୬୦, ଲାଉ-୩୦, ଗାଜର-୫୦, ପୁଆଳ ଛତୁ-୩୨୦, କଞ୍ଚା ମରିଚ-୧୦୦, ଆଳୁ-୧୫, ପିଆଜ-୩୦, ରସୁଣ-୧୨୦, ଅଦା-୨୦୯, କାକୁଡ଼ି-୩୦, ମାଙ୍ଗନ-୭୦, ଧନିଆ ପତ୍ର-୨୦୦, ମୁନଗା-୧୦୯, ବିଟ-୬୦, ଭେଣ୍ଡି-୬୦, କୁନ୍ଦୁରୀ-୬୦, ଅମୃତଭଣ୍ଡା-୩୦, କରଡି-୧୨୦, ଭାଜିଶାଗ-୧୨୦, ମୂଳାଶାଗ-୮୦ ଟଙ୍କା ଦରରେ ବିକ୍ରୟ ହେଉଥିବା ବେଳେ ୩ଟି ଲେମ୍ବୁକୁ ୧୦ ଟଙ୍କା ଦେବାକୁ ପଡୁଛି।

## ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଦେବଗଡ଼, ୬।୮ (ସମିସ): ଦେବଗଡ଼ ଥାନା ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଘନଶ୍ୟାମ ନାଏକ (୩୮) ଜେଲ୍ ଯାଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୬ ଟାରେ ଶିଶୁକନ୍ୟାକୁ ସେ କୁରକୁରେ ଦେବାର ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇଥିଲା। ଏହାପରେ ଯୌନ ଅପରାଧ ଘଟାଇଥିଲା। ଘରକୁ ଫେରିବା ପରେ ଶିଶୁକନ୍ୟାଟି ଏ ସମ୍ପର୍କରେ ମା'ଙ୍କୁ ଜଣାଇଥିଲା। ଏହାପରେ ମାମଲା ଦେବଗଡ଼ ଥାନାରେ ପହଞ୍ଚି ଥିଲା। ଅଭିଯୁକ୍ତ ଘନଶ୍ୟାମଙ୍କୁ ଗିରଫ କରି ପୁଲିସ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ଅଦାଲତରେ ହାଜର କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ବୌଦ୍ଧ ପୁଲିସ ପକ୍ଷରୁ ନିଶାମୁକ୍ତ ଯୁବ ଅଭିଯାନ

ବୌଦ୍ଧ, ୬।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଗଡ଼ାସ୍ଥିତ ମଡେଲ୍ ଡିଗ୍ରୀ କଲେଜରେ ବୌଦ୍ଧ ପୁଲିସ ପକ୍ଷରୁ ନିଶାମୁକ୍ତ ଯୁବ ଅଭିଯାନ ଅଧୀନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁସ୍ଥ, ଦାୟିତ୍ୱବୋଧ ସମ୍ପନ୍ନ ଏବଂ ନିଶାମୁକ୍ତ ଜୀବନଯାପନ କରିବା ସହ ଏକ ନିଶାମୁକ୍ତ ସମାଜ ଗଠନରେ ସକ୍ରିୟ ଭୂମିକା ନେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡି ବ୍ଲକ ଓ ନଗର ସାଙ୍ଗଠନିକ ପଦାଧିକାରୀ ନିଯୁକ୍ତ

ଦେବଗଡ଼, ୬।୮ (ସମିସ): ବିଜୁ ମହିଳା ଜନତା ଦଳ ଦେବଗଡ଼ ସାଙ୍ଗଠନିକ ଜିଲ୍ଲା ପାଇଁ ଆଜି ବ୍ଲକ, ନଗର ସଭାନେତ୍ରୀ ଓ ନୂତନ ପଦାଧିକାରୀମାନଙ୍କ ନାମ ଘୋଷଣା କରିଛି। ଏଥିରେ ବାରକୋଟ ବ୍ଲକ ସଭାନେତ୍ରୀ ଭାବେ ଝରଣା ବେହେରା, ତିଲେଇବଣି ବ୍ଲକ ସଭାନେତ୍ରୀ ଭାବେ ସୁଜାତା ପ୍ରଧାନ, ରିଆମାଳ ବ୍ଲକ ସଭାନେତ୍ରୀ ଭାବେ ପ୍ରଭାତୀ ସାହୁ ଓ ଦେବଗଡ଼ ପୌରାଞ୍ଚଳ ପାଇଁ ଭୁବନେଶ୍ୱରୀ ସାହୁଙ୍କୁ ନିଯୁକ୍ତି କରାଯାଇଛି। ସେହିପରି ଉପସଭାନେତ୍ରୀ ଭାବେ ସୁଷମା ବେହେରା, ସାଧାରଣ ସମ୍ପାଦକ ଭାବେ ପୁଷ୍ପାଞ୍ଜଳି ପାତ୍ର, ସମ୍ପାଦକ ଭାବେ ବର୍ଷାରାଣୀ ମୁଣ୍ଡା ଓ ସିଲିନି ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ରୁନା ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ସୋସିଆଲ କୋ-ଅର୍ଡିନେଟର ଭାବେ ତପସ୍ୱିନୀ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିଛି। କାର୍ଯ୍ୟ ନିର୍ବାହୀ ସଦସ୍ୟା ଭାବେ ପୁଷ୍ପାଞ୍ଜଳି ସାମଲ, ଅର୍ଚ୍ଚନା ପ୍ରଧାନ, ଅନିତା ପାତ୍ର, ଝରଣା ବେହେରା, ସୁଜାତା ପ୍ରଧାନ, ପ୍ରଭାତୀ ସାହୁ, ଭୁବନେଶ୍ୱରୀ ସାହୁ, ପଙ୍କଜିନୀ ସାହୁ, ସୁକାନ୍ତି ଗଡ଼ନାୟକ, ରୂପେନା ପ୍ରଧାନ, ସାବିତ୍ରୀ ସାହୁ, କୁମୁଦିନୀ ନାୟକ, ନଳିନୀ କିଷାନ, ସୁଲୋଚନା ଖୁଣ୍ଟିଆ, ରଶ୍ମିରେଖା ପ୍ରଧାନ, ଭାରତୀ ପ୍ରଧାନ, ସାବିତ୍ରୀ ସାହୁ, ଡଲିରାଣୀ ପ୍ରଧାନ, ରାନୀ ପ୍ରଧାନ ଓ ଭାନୁମତି ସାହୁଙ୍କୁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ନିଯୁକ୍ତ କରିଥିବା ନେଇ ଦଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ନବ ନିଯୁକ୍ତ କର୍ମକର୍ତ୍ତାମାନେ ଜିଲ୍ଲାରେ ବିଜୁ ମହିଳା ଜନତା ଦଳକୁ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୁତ କରି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଦଳୀୟ କର୍ମୀଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ପାଇଁ କାର୍ଯ୍ୟ କରି ଜିଲ୍ଲାରେ ଦଳକୁ ସୁଦୃଢ଼ କରିବାକୁ ଦଳୀୟ ନେତୃବୃନ୍ଦ ଏହି ନିଯୁକ୍ତି କରିଥିବା ଜଣା ପଡ଼ିଛି।

## ହରଭଙ୍ଗା କଲ୍ୟାଣ ମଣ୍ଡପ ପାଇଁ ଜାଗା ଚିହ୍ନଟ

ହରଭଙ୍ଗା, ୬।୮ (ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ହରଭଙ୍ଗା କଲ୍ୟାଣ ମଣ୍ଡପ ପାଇଁ ଜମି ଚିହ୍ନଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହରଭଙ୍ଗା ମୌଜା ଖାତା ନମ୍ବର ୩୭୭, ପ୍ଲଟ ନମ୍ବର ୫୧୭ରୁ ୨ ଏକର ୭୦ ଡିସିମିଲ୍ ଜମିରୁ ୦.୭୦ ଡିସିମିଲ୍ ଜମି କଲ୍ୟାଣ ମଣ୍ଡପ ପାଇଁ ଚିହ୍ନଟ କରାଯାଇଛି। ଆଜି ହରଭଙ୍ଗା ଆର୍ ଆଇ ଗଣେଶ ଭୁକ୍ତା ଓ ଅମିନ ଯତୀନ୍ଦ୍ର ନାଥ ସାମଲ ଆଜି ହରଭଙ୍ଗା ଗ୍ରାମବାସୀଙ୍କ ଉପସ୍ଥିତିରେ ହରଭଙ୍ଗାର କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଜମି ଚିହ୍ନଟ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ଝାରସୁଗୁଡ଼ା, ୬।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା (୨୦୨୬-୨୭) ଅଧୀନରେ 'ସ୍କୁଲ ଆଇ ହେଲ୍‌ଥ ପ୍ରୋଗ୍ରାମ' ପାଇଁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ, ଦୃଷ୍ଟିଶକ୍ତି ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ ମାଗଣା ଚଷମା ବଣ୍ଟନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ଏହି ବୈଠକରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଆଶିଷ ଭୋଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ବିଶେଷ ବିଦ୍ୟାଳୟର ୧୦୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ ଦୃଷ୍ଟିଶକ୍ତି ପରୀକ୍ଷା କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ଦ୍ୱାରା ସ୍କ୍ରିନିଂ କରାଯିବା ପରେ ଦୃଷ୍ଟିଶକ୍ତି ସମସ୍ୟା ଥିବା ପିଲାମାନଙ୍କୁ ଚକ୍ଷୁ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯିବ। ତଥ୍ୟ ଅନୁଯାୟୀ, ଜିଲ୍ଲାର ୫ଟି ବ୍ଲକ (ଲଖନପୁର, ଝାରସୁଗୁଡ଼ା, ଲଇକେରା, କୋଲାବିରା, କିର୍ମିରା) ର ମୋଟ ୬୩୦ଟି ସ୍କୁଲର ୫୦, ୨୪୮ ଜଣ ଛାତ୍ରଛାତ୍ରୀଙ୍କର ସ୍କ୍ରିନିଂ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ୧୬ଟି ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯିବ। ଏତଦ୍‌ବ୍ୟତୀତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ୩ଟି ବିଶେଷ ବିଦ୍ୟାଳୟର ୨୩୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବ। ଏହି ଯୋଜନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ସିଡିଏମଓ ଏବଂ ପିଏଚଓ ଡ. ଶକ୍ତି ପ୍ରସାଦ ପାଢ଼ୀ, ଡିପିଏଚଓ ତଥା ଡିପିଏମ ଡ. ସୁନୀଲ ପଣ୍ଡା, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀବୃନ୍ଦ, ଭେକ୍ଟର ବୋର୍ଣ୍ଣ ଡିଜିଜ୍ ଆଣ୍ଡ ଲେପ୍ରୋସି ଅଧିକାରୀ ଡ. ରାଧାରମଣ ବିର୍ତିଆ, ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚ ସେବତୀ ତାଣ୍ଡିଙ୍କ ପରଲୋକ



ତରଭା, ୬।୮ (ସମିସ): ତରଭା ବ୍ଲକ କମସରା ପଞ୍ଚାୟତର ପୂର୍ବତନ ସରପଞ୍ଚ ସେବତୀ ତାଣ୍ଡି(୬୭) ଆଉ ନାହାନ୍ତି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଯୁଗଳ ମୁଖାଗ୍ନି ଦେଇଥିଲେ। ସେବତୀ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ କମସରା ସରପଞ୍ଚ ଭାବେ ବହୁ ଉନ୍ନତିମୂଳକ କାମ କରି ପ୍ରଶଂସା ଭାଜନ ହୋଇଥିଲେ। ସେବତୀଙ୍କ ପରଲୋକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ସାଧାରଣ ସୁବିଧା କେନ୍ଦ୍ର ପ୍ରଶିକ୍ଷଣ ଗୃହ ଉଦ୍‌ଘାଟିତ

ଦେବଗଡ଼, ୬।୮ (ସମିସ): ରିଆମାଳ ବ୍ଲକ ଭିତରପଦ ଗ୍ରାମରେ ସ୍ଥାନୀୟ ଡୋକ୍ରା ଶିଳ୍ପୀମାନଙ୍କ ପାଇଁ ସାଧାରଣ ସୁବିଧା କେନ୍ଦ୍ର ଗୃହକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଆଜି ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ହସ୍ତଶିଳ୍ପ ବିଭାଗ ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ବିଶ୍ୱାଳ, ନାଉଳିପଡ଼ା ସରପଞ୍ଚ ଏଲିନା ସାହୁ ପ୍ରମୁଖ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କେନ୍ଦ୍ର ଦ୍ୱାରା କାରିଗରମାନଙ୍କ ସାମଗ୍ରିକ ବିକାଶ, ସେମାନଙ୍କ କଳାମୂକ ଦକ୍ଷତାରେ ବୃଦ୍ଧି, ଜୀବିକାର ମାନଦଣ୍ଡରେ ସୁବିଧା ଅଣିବା ଓ ସ୍ୱାବଲମ୍ବୀ କରିବା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ। ପରେ ଜିଲ୍ଲାପାଳ ଶ୍ରୀ ସାହୁ କେନ୍ଦ୍ରରେ ଥିବା ଆଧୁନିକ ଯନ୍ତ୍ରପାତି, କାର୍ଯ୍ୟଶାଳା ଏବଂ ଉତ୍ପାଦନ ଗୃହ ବୁଲି ଦେଖିଥିଲେ। ସ୍ଥାନୀୟ ଶିଳ୍ପୀ ଓ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ କଳାକୃତିର ଉତ୍ପାଦିତ ସାମଗ୍ରୀର ବିକ୍ରି, କାରିଗରମାନଙ୍କ ନୂତନ ଡିଜାଇନ୍ ଓ ଗୁଣାତ୍ମକ ମାନବୃଦ୍ଧି ଏବଂ ପ୍ୟାକେଜିଂ ବିଷୟରେ ଆଲୋଚନା କରିବା ସହ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ବିଭାଗର କର୍ମଚାରୀ, କ୍ଲଷ୍ଟର ସଭାପତି, ସମ୍ପାଦକ ଓ କାରିଗର ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରବନ୍ଧନ ସମିତି ବୈଠକ

ବୌଦ୍ଧ, ୬।୮ (ସମିସ): ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପ୍ରବନ୍ଧନ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ସନକ ମେହେର ସମିତିର ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଡିପିଏଚଓ ଡ ସନ୍ତୋଷ ତ୍ରିପାଠୀ, ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ସାହୁ, ଏଡିଇଓ ଭାସ୍କର ଲେଙ୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଅଭିଭାବକ ପ୍ରଦୀପ ପ୍ରଧାନ, ଜୟଶ୍ରୀ ଥାଟି, ଶିକ୍ଷକ ଧର୍ମେନ୍ଦ୍ର ଗୁରୁ, ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପିକା ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ୱାଟର କୁଲର ଏବଂ ଆକ୍ୱାଗାର୍ଡ ପ୍ରଦାନ

ମନମୁଣ୍ଡା, ୬।୮ (ସମିସ): ନୂଆଁଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ପକ୍ଷରୁ କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଖଟଖଟିଆ ପଞ୍ଚାୟତ ଦମାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ୱାଟର କୁଲର ଏବଂ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଅନୁଷ୍ଠାନ ତରଫରୁ ମନମୁଣ୍ଡା ଶାଖାର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ଏହା ପ୍ରଦାନ କରିଛନ୍ତି। ଫଟାମୁଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମାଝୀ, ଶିକ୍ଷକ ଶାନ୍ତନୁ ସ୍ୱାଇଁ, ଦିଗସନ ସୁନା, ସ୍ମାରକ ସାହୁ, ଶିକ୍ଷୟିତ୍ରୀ ଗୁଆଦେଇ ମାଝୀ, ଏବଂ ଦମାମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମେହେର, ସହକାରୀ ଶିକ୍ଷୟିତ୍ରୀ ଲିପିକା ଲୋଇ, ସୌଦାମିନୀ ହୋତା, ମମତା ଦେବୀ ଭବସାଗର, ମୀନା ନାୟକ ଉପସ୍ଥିତ ଥିଲେ।

## ସାମ୍ବାଦିକ ପ୍ରତାପକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଦେବଗଡ଼, ୬।୮ (ସମିସ): ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ୧୯୮୯ ବ୍ୟାଚ୍‌ର ବନ୍ଧୁମାନଙ୍କ ପକ୍ଷରୁ ସାମ୍ବାଦିକ ପ୍ରତାପ କିଶୋର ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ବନ୍ଧୁମାନେ ପ୍ରତାପକିଶୋରଙ୍କ ସ୍ମୃତିଚାରଣ କରିବା କରିଥିଲେ।

## ତରଭାର ବ୍ରାହ୍ମଣମାନଙ୍କ ସାଙ୍ଗଠନିକ ବୈଠକ

ତରଭା, ୬।୮ (ସମିସ): ତରଭା ଏନ୍‌ଏସି ଅଞ୍ଚଳରେ ବସବାସ କରୁଥିବା ବ୍ରାହ୍ମଣମାନଙ୍କ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତରଭା ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଏସିସ୍ତରୀୟ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ଶାନ୍ତନୁ ପଣ୍ଡା, ଉପସଭାପତି ଭାବେ ଦୁର୍ଗାପ୍ରସାଦ ଷଡଙ୍ଗୀ, ସମ୍ପାଦକ ଭାବେ ରାମନାରାୟଣ ବେଜ, ସହ ସମ୍ପାଦକ ଭାବେ ବିକ୍ରମ ମିଶ୍ର, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ପୂଜାରୀଙ୍କ ନାମ ଘୋଷଣା କରାଯାଇଛି। ସେହିଭଳି ଉପଦେଷ୍ଟା ମଣ୍ଡଳିରେ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରବୀଣ ପଣ୍ଡା, ମିନତୀ ମିଶ୍ର, ନାରାୟଣ ହୋତା, ନିଳମଣୀ ମିଶ୍ର, ସଦାନନ୍ଦ ପାଣିଗ୍ରାହି, ଦିଲୀପ ପାଣିଗ୍ରାହୀ, ସାନନ୍ଦ ପାଣିଗ୍ରାହୀ, ରାଜେନ୍ଦ୍ର ମିଶ୍ରଙ୍କ ସମେତ ବରିଷ୍ଠ ବ୍ରାହ୍ମଣମାନଙ୍କ ନାମ ସର୍ବସମ୍ମତି ଭାବରେ ଘୋଷଣା କରା ଯାଇଛି। ପଞ୍ଚାୟତସ୍ତରୀୟ କମିଟି ଗଠନ, ବ୍ଲକସ୍ତରୀୟ କମିଟୀ ଗଠନ ତଥା ଗ୍ରାମାଞ୍ଚଳରେ ଥିବା ସମସ୍ତ ବ୍ରାହ୍ମଣମାନଙ୍କୁ ଏକଜୁଟ କରି ବ୍ରାହ୍ମଣ ସଙ୍ଗଠନକୁ ମଜବୁତ କରିବାକୁ ତରଭା ବ୍ଲକରେ ଥିବା ୨୧ ପଞ୍ଚାୟତକୁ ନେଇ ୨୧ଟି ଦଳ ଗଠନ କରାଯାଇଛି। ସେମାନେ ପ୍ରତ୍ୟେକ ପଞ୍ଚାୟତର ବ୍ରାହ୍ମଣମାନଙ୍କୁ ନେଇ ବୈଠକ କରି କମିଟି ଗଠନ କରିବେ। ଏହା ପରେ ବ୍ଲକ କମିଟି ଓ ପରେ ଜିଲ୍ଲା କମିଟି ଗଠନ କରାଯିବା ନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ହୋଇଛି।

## କାର୍ଯ୍ୟକ୍ଷମ ହେବ ଅତିରିକ୍ତ ତହସିଲ କାର୍ଯ୍ୟାଳୟ

ଡୁଙ୍ଗୁରିପାଲି, ୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିରେ ଅତିରିକ୍ତ ତହସିଲ କାର୍ଯ୍ୟାଳୟ ପୁଣି କାର୍ଯ୍ୟକ୍ଷମ ହେବ। ଜିଲ୍ଲାପାଳ ଡ. ନୃପରାଜ ସାହୁ ଡୁଙ୍ଗୁରିପାଲିରେ ପହଞ୍ଚି ୨୦୧୬ରୁ ବନ୍ଦ ରହିଥିବା ଏହି କାର୍ଯ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ସ୍ଥିତି ପରଖିଛନ୍ତି। ଡୁଙ୍ଗୁରିପାଲିର ସଚେତନ ନାଗରିକ କିଛି ଦିନ ତଳେ ଜିଲ୍ଲାପାଳଙ୍କୁ ଦେଖା କରି ଅତିରିକ୍ତ ତହସିଲ ଅଫିସ ବନ୍ଦ ଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସେମାନଙ୍କ କଥା ରଖି ପୁନଃ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଣିକି ପ୍ରତି ବୁଧବାର ଦିନ କାର୍ଯ୍ୟାଳୟ ଖୋଲା ହେବ। ପ୍ରଥମ ପର୍ଯ୍ୟାୟରେ ପ୍ରତି ସପ୍ତାହରେ ଦିନେ ଖୋଲିବ। ପରେ ପରେ ଦୁଇ ଦିନ ହିସାବରେ ଏଠାରେ ଜଣେ ଅତିରିକ୍ତ ତହସିଲଦାର କାର୍ଯ୍ୟ ନିର୍ବାହ କରିବେ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ବିଡିଓ, ଅତିରିକ୍ତ ତହସିଲଦାର ରୋହିତ ବାଗ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଓକିଲ ନବୀନ ରଣା, ଗୋପାଳ ବାରିକ, ବିପ୍ରଚରଣ ସାହୁ, କନ୍ଦର୍ପ ସାହୁ, ଗାନ୍ଧୀ ସାହୁ, ଦାଶରଥି ବିଶ୍ୱାଳ, ମହେନ୍ଦ୍ର ବରିହା, ଜିତେନ୍ଦ୍ରୀୟ ବିଶ୍ୱାଳ, ସୁବାଷ ଭୋଇ, ସାଂସଦ ପ୍ରତିନିଧି ବିରେନ୍ଦ୍ର କଠାର, ରୁଦ୍ରକିଶୋର ମହଲା, ନିତେଇ ପାଳ, ଓକିଲ ନେହେରୁ ପଧାନ, ବିକାଶ ହାତୀ, ସୁରେଶ ପଧାନ, ପ୍ରବୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଚେରୁପାଲି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଡୁଙ୍ଗୁରିପାଲି, ୬।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଚେରୁପାଲି ପଞ୍ଚାୟତର ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ଛାତ୍ରୀ, ଶିକ୍ଷୟିତ୍ରୀମାନଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟ ପରିସରରେ ଥିବା ଖୋଲା ସ୍ଥାନର ଉନ୍ନତିକରଣ ନିମନ୍ତେ ସରପଞ୍ଚ ଦିଲ୍ଲୀପ ଶତପଥୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ସା, ସୁକେଶ ସାହୁ, ପ୍ରଶାନ୍ତ ତ୍ରିପାଠୀ, ନିରାକାର ବିଭାରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## କଂଗ୍ରେସର ବିଏଲଏ-୨ ପ୍ରଶିକ୍ଷଣ ଶିବିର

ତରଭା, ୬।୮ (ସମିସ): ସ୍ଥାନୀୟ ଦାତାରାମ ଧର୍ମଶାଳାରେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଏଲଏ-୨ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସର ରାଜ୍ୟ ମିଡିଆ ସେଲ୍‌ଫ ସଭାପତି ଅରବିନ୍ଦ ଦାଶ, ପୂର୍ବତନ ବିଧାୟକ ତଥା ସୋନପୁର ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ର, ପର୍ଯ୍ୟବେକ୍ଷକ ଗଣେଶ ସାହୁ, ଜିଲ୍ଲା ସମ୍ପାଦକ ମକୁନ୍ଦ ବିଶ୍ୱାଳ ପ୍ରମୁଖ ବିଏଲଏ-୨ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ସଫଳତା ହାସଲ କରିବ ସେ ସମ୍ବନ୍ଧରେ ଶ୍ରୀ ଦାଶ ଉପସ୍ଥିତ ବିଏଲଏମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତରଭା ନଗର ସଭାପତି ପ୍ରବୀଣ ସାହୁ, ଦଧିବାବନ ଦାସ, ରାଜେନ୍ଦ୍ର ଝାଙ୍କର, ରାଜେନ୍ଦ୍ର ଦୀପ, ଗଣେଶ ଗୁରୁ, ଚତୁର୍ଭୁଜ ସରଭଙ୍ଗ, ପ୍ରକାଶ ମହାକୁର, ବିଜୟ ସାହୁ, ପବିତ୍ର ପ୍ରଧାନ, ସୁରସିଂ ସୁନା, ଜଳ ଦାସ, ରଥୀ ବାରିକ, ପରମେଶ୍ୱର ବାଗ, ପୃଥୀରାଜ ବାଗ, ଧିରୋଜ ସାହୁ, ସିଦ୍ଧେଶ ସୁନା, ବିପିନ ସରଭଙ୍ଗଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ବିଏଲଏମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଆପାତ କାଳୀନ ବୈଠକ

ଦେବଗଡ଼, ୬।୮ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଆପାତ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଡିଭିଜନ କାରଖାନା ଏବଂ ବଏଲର୍ସରର ଉପ ନିର୍ଦ୍ଦେଶକ ଇଂ ସ୍ୱରୂପ ଜେନା, କାରଖାନା ଏବଂ ବଏଲର୍ସ ବିଭାଗ ସହ ନିର୍ଦ୍ଦେଶକ ଇଂ ଉମାକାନ୍ତ ସାମନ୍ତରାୟ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଜାତୀୟ ରାଜପଥ ଦେଇ ପରିବହନ ହେଉଥିବା ରାସାୟନିକ ପଦାର୍ଥ, ଦ୍ରବ୍ୟ ଓ ଗ୍ୟାସ ବୋଝେଇ ଗାଡିର ଦୁର୍ଘଟଣା ଜନିତ ପ୍ରତିକାର ନିମନ୍ତେ ଆଲୋଚନା କରାଯାଇଛି। ସେହିପରି ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକୁ ରାସାୟନିକ ଯାନ ବୋଝେଇ ଦୁର୍ଘଟଣା ଜନିତ ବିପତ୍ତିରୁ ପ୍ରତିକାର ପାଇଁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରମେଶ କୁମାର ମାହାନା, ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମୁକେଶ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟାର ୩ ଦିନ ପରେ ଶବ ଉଦ୍ଧାର; ଭାଇ ଅଟକ

ଖଡ଼ିଆଳ, ୬।୮ (ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଞ୍ଚଳରେ ହତ୍ୟାକାଣ୍ଡର ୩ ଦିନ ପରେ ନାଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଭାଇସାଦାନୀ ପଞ୍ଚାୟତର କାଠଫେର ଗ୍ରାମର ଅକାଲୁ ପହରିଆ (୬୨)। ବାବେପଡ଼ା ଜଙ୍ଗଲ ନାଳରୁ ତାଙ୍କ ଶବ ଉଦ୍ଧାର ହୋଇଛି। ଏହି ଘଟଣାରେ ତାଙ୍କ ଭାଇ ରାଜୁ ପହରିଆ (୪୫)କୁ ପୁଲିସ ଅଟକ ରଖି ଜେରା କରୁଛି। ଦୁଇ ଭାଇ ଗତ ୩ ତାରିଖ ଦିନ ବୋଡେନ ମୁଖ୍ୟାଳୟକୁ ଆଧାର କାର୍ଡ ସଂଶୋଧନ କରିବାକୁ ଆସିଥିଲେ। ଉଭୟଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ସାନ ଭାଇ ରାଜୁ ଠେଙ୍ଗାରେ ଅକାଲୁଙ୍କୁ ପିଟି ହତ୍ୟା କରିବା ପରେ ନାଳରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଛି ବୋଲି ଥାନା ଅଧିକାରୀ ଧର୍ମେନ୍ଦ୍ର ଭୁଏ ପ୍ରକାଶ କରିଛନ୍ତି।

## ଓଷ୍ଟା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ତରଭା, ୬।୮ (ସମିସ): ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ତରଭା ବ୍ଲକ ଓଷ୍ଟା ସଂଘ ପକ୍ଷରୁ ବୁଧବାର ଓଡ଼ିଶା ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣୀ ଜଗଜିତ ନାଏକଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକର ବହୁ ଶିକ୍ଷକ ଓ କର୍ମଚାରୀ ଏକତ୍ରିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶିକ୍ଷା କ୍ଷେତ୍ର ସହ ଜଡ଼ିତ ଦୀର୍ଘ ଦିନର ବିଭିନ୍ନ ସମସ୍ୟାର ସମାଧାନ ଦାବି କରିଥିଲେ। ଦାବିପତ୍ରରେ ସମସ୍ତ ଯୋଗ୍ୟ ସ୍କୁଲ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ବୟସ ସୀମା ୬୦ ରୁ ୬୨ବର୍ଷକୁ ବୃଦ୍ଧି, ଗ୍ରେଡ଼ ପେରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ପୂର୍ଣ୍ଣ ଅନୁଦାନ ଏବଂ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟଙ୍କୁ ସରକାରୀ କରଣ ଓ ପୁରୁଣା ପେନସନ ପ୍ରଦାନ ସହ ଅନ୍ୟାନ୍ୟ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅମୀୟ ମହାନ୍ତି, ବ୍ଲକ ଓଷ୍ଟା ସମ୍ପାଦକ ବିଜୟ ପଣ୍ଡା, ଅକ୍ଷୟ ସାହୁ, ହାରାମଲୀ ନାଗ, ବୀରକିଶୋର ପଣ୍ଡା, ବାସୁଦେବ ନନ୍ଦ, ବିରଞ୍ଚି ପାଣ୍ଡେ, ଟିକେଶ୍ୱର ରଣା, ଦାମୋଦର ମିଶ୍ର, ପ୍ରଦୀପ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ସାମିଲ ଥିଲେ।




## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିପାରେ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। କୌଣସି କଥାକୁ ନେଇ ମନ ବିଚଳିତ ରହିପାରେ।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ଯୋଜନା ମୁତାବକ କାମ କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୭୫୩- ବ୍ରିଟେନ୍ ମ୍ୟୁଜିୟମ୍‌ର ସ୍ଥାପନା।
- ୧୯୦୫- ଭାରତୀୟ ଜାତୀୟ କଂଗ୍ରେସ ବ୍ରିଟିଶ ପଦାର୍ଥକୁ ବର୍ଜନ କଲା।
- ୧୯୪୧- ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟାଗୋରଙ୍କ ନିଧନ।
- ୧୯୯୪- ଇସ୍ରାଏଲ ଓ ଜୋର୍ଡାନ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୨୦୦୩- ବାଗଦାଦ୍‌ରେ ଜୋର୍ଡାନ ଦୂତାବାସ ଆଗରେ ହୋଇଥିବା ବୋମା ବିସ୍ଫୋରଣରେ ୧୩ ଲୋକଙ୍କ ପ୍ରାଣହାନି।

## ବୁଣାକାରଙ୍କ ସମ୍ମାନ ପାଇଁ ଦିନଟିଏ



ଦେଶର ବୁଣାକାରମାନଙ୍କୁ ସମ୍ମାନ ଦେବା ଏବଂ ହସ୍ତତନ୍ତ ଶିଳ୍ପକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଇଥାଏ। ବୁଣାକାରମାନଙ୍କର ଅକ୍ଲାନ୍ତ ପରିଶ୍ରମ, ନିପୁଣ କଳାକାରିତା ଏବଂ ଭାରତୀୟ ସଂସ୍କୃତିକୁ ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସ ପାଳିତ ହୋଇଥାଏ। ଏହାବାଦ୍ ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ବୁଣାକାରଙ୍କ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଜାତୀୟ ହସ୍ତତନ୍ତ ଦିବସ ଭାରତୀୟ ବସ୍ତ୍ରର ଉତ୍କର୍ଷତାକୁ ସୂଚିତ କରେ। ସମୟ ବଦଳିବା ସହ ହାତବୁଣା ପୋଷାକର ଚାହିଦା ଦିନକୁ ଦିନ ବେଶ୍ ବୃଦ୍ଧି ପାଇଛି। ଫ୍ୟାସନ୍ ବ୍ରାଣ୍ଡଗୁଡ଼ିକ ମଧ୍ୟ ହ୍ୟାଣ୍ଡଲୁମ୍‌କୁ ପ୍ରାଧାନ୍ୟ ଦେଉଥିବା ଦେଖିବାକୁ ମିଳୁଛି। ଯୁବପିଢ଼ିମାନେ ମଧ୍ୟ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ସ୍ୱଦେଶୀ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ବିଦେଶୀ ଜିନିଷ ବର୍ଜନ କରିବା। ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ ବ୍ରିଟିଶ ଶାସନର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ଏକ ଶତାବ୍ଦୀ ପରେ ଦେଶର ସାମାଜିକ ଅର୍ଥନୈତିକ ବିକାଶରେ ହସ୍ତତନ୍ତ ଶିଳ୍ପର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଜୁଲାଇ ୨୦୧୫ରେ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ଘୋଷଣା କରିଥିଲେ। ହସ୍ତତନ୍ତ ଶିଳ୍ପ ସହ ଜଡ଼ିତ ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା, ଗ୍ରାମାଞ୍ଚଳରେ ମହିଳା ଓ ବୁଣାକାରମାନଙ୍କୁ ସ୍ୱାବଲମ୍ବୀ କରିବା, ପାରମ୍ପରିକ ବୁଣାକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଓଡ଼ିଶାର ସଂସ୍କୃତି ଏବଂ ପରମ୍ପରାର ମୁଖ୍ୟ ଅଙ୍ଗ ହେଉଛି ହସ୍ତତନ୍ତ ଶିଳ୍ପ। ଆମ ରାଜ୍ୟର ବାନ୍ଧକଳା ବିଶ୍ୱ ପ୍ରସିଦ୍ଧ। ବ୍ରହ୍ମପୁର ପାଟ ଶାଢ଼ି ଓ ଯୋଡ଼, ବୋମକେଇ ଶାଢ଼ି, ଧଳାପଥର ଶାଢ଼ି, କୋଟପାଡ଼ ଶାଢ଼ି ସମେତ ସମ୍ବଲପୁରୀ ପାଟ ବସ୍ତ୍ର ଆଜି କେବଳ ଦେଶ ମଧ୍ୟରେ ନୁହେଁ ବିଦେଶରେ ମଧ୍ୟ ବେଶ୍ ଜନାଦୃତ। ଏହିଦିନ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ବୁଣାକାର ସମାବେଶ କରାଯାଏ। ରାଜ୍ୟର ବିଭିନ୍ନ ସହରରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆୟୋଜନ କରାଯାଇ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଏ। ସମ୍ବଲପୁରୀ, ଖଣ୍ଡୁଆ, ବମକେଇ, ମାଣିଆବନ୍ଧ ଓ କୋଟପାଡ଼ ଭଳି ବିଶ୍ୱପ୍ରସିଦ୍ଧ ବୁଣାକଳାକୁ ବଞ୍ଚାଇ ରଖିଥିବା ଓଡ଼ିଶାର ବୁଣାକାରମାନଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ ମଧ୍ୟ କରାଯାଏ।

## ସବୁଠୁ ବିଷାକ୍ତ ଗଛ



ପୃଥିବୀ ପୃଷ୍ଠରେ ଏମିତି ଏକ ଗଛ ରହିଛି ଯାହାର ଛାଇ ମଧ୍ୟ ମଣିଷ ପାଇଁ ମୃତ୍ୟୁର କାରଣ ହୋଇପାରେ। ମାଞ୍ଚିନିଲ ଗଛକୁ ବିଶ୍ୱର ସବୁଠାରୁ ବିଷାକ୍ତ ଗଛ ଭାବେ ଜଣାଯାଏ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଗଛ ଭାବେ ସ୍ଥାନ ପାଇଛି। ଏହାର ପ୍ରତ୍ୟେକ ଅଂଶ ବିଷାକ୍ତ ଅଟେ। ଏହା ମୁଖ୍ୟତଃ କାରିବିଆନ୍ କ୍ଷେତ୍ର, ଫ୍ଲୋରିଡା, ବାହାମାସ, ମେକ୍ସିକୋ ଏବଂ ଦକ୍ଷିଣ ଆମେରିକାର ମାଟିରେ ଦେଖିବାକୁ ମିଳେ। ଏହି ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ବା ରସ ଚର୍ମରେ ଲାଗିଲେ ପ୍ରବଳ ପୋଡ଼ାଜଳା ହୁଏ ଏବଂ ଫୋଟକା ସୃଷ୍ଟି ହୁଏ। ଏହା ଆଖିରେ ବାଜିବା କ୍ଷଣି ଜଣକର ଦୃଷ୍ଟିଶକ୍ତି ଚାଲିଯିବା ଆଶଙ୍କା ଥାଏ। ଏହି ଗଛକୁ ପୋଡ଼ିଲେ ଯେଉଁ ଧୂଆଁ ବାହାରେ, ତାହା ଆଖି ଏବଂ ଶ୍ୱାସକ୍ରିୟା ପାଇଁ ଅତ୍ୟନ୍ତ କ୍ଷତିକାରକ। ଧୂଆଁ ସଂସ୍ପର୍ଶରେ ଆସିଲେ ଆଖି ନଷ୍ଟ ହୋଇଯିବାର ଭୟ ରହିଥାଏ। ବର୍ଷା ସମୟରେ ଏହି ଗଛ ତଳେ ଆଶ୍ରୟ ନେଲେ, ଗଛର ପତ୍ର ଓ କାଣ୍ଡରୁ ପଡୁଥିବା ଜଳ ବୁନ୍ଦା ଶରୀରର ଗଭୀର କ୍ଷତି ଘଟାଏ। ଏହା ସାଧାରଣତଃ ସମୁଦ୍ର କୂଳିଆ ଅଞ୍ଚଳ ଏବଂ ଲୁଣା ଜଙ୍ଗଲରେ ବଢ଼ିଥାଏ। ଏହି ଗଛଗୁଡ଼ିକ ଯେଉଁଠାରେ ଥାଏ, ସେଠାକାର ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ଗଛ କାଣ୍ଡରେ ଲାଲ୍ ରଙ୍ଗର କ୍ରସ୍ ଚିହ୍ନ କିମ୍ବା ସାବଧାନତା ବୋର୍ଡ ଲଗାଇଥାନ୍ତି। ପର୍ଯ୍ୟଟକମାନଙ୍କୁ ଏହି ଗଛଠାରୁ ଦୂରରେ ରହିବାକୁ ଏବଂ ଏହାର ଫଳକୁ ନ ଛୁଇଁବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥାଏ। ବିଶେଷଜ୍ଞଙ୍କ କହିବାନୁସାରେ, ଏହି ଗଛର ଫଳ କିମ୍ବା ରସ ପରି ଏହାର କାଠ ମଧ୍ୟ ବିଷାକ୍ତ। ଏହାର କାଠକୁ ଜାଳିବା ଦ୍ୱାରା ଏଥିରୁ ବାହାରୁଥିବା ଧୂଆଁ ଆଖି ଏବଂ ଶ୍ୱସନତନ୍ତ୍ରରେ ଜଳାପୋଡ଼ା ସୃଷ୍ଟି କରିପାରେ। ସେଥିପାଇଁ ଏହାର କାଠକୁ କାଟିବା କିମ୍ବା ଜଳାଇବା କାମ ମଧ୍ୟ ଅତ୍ୟନ୍ତ ସତର୍କତାର ସହ କରାଯାଏ।

## 'SVC63' ରେ ଜବରଦସ୍ତ ଆକ୍ସନ୍

## ରାହୁଲଙ୍କୁ ଟକ୍କର ଦେବେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖୁବ୍ ଶୀଘ୍ର 'SVC63' ଫିଲ୍ମର ସୁଟିଂ ମୁମ୍ବାଇରୁ ଆରମ୍ଭ କରିବେ। ଏଥିପାଇଁ ମୁମ୍ବାଇର ଗୋରେଗାଁଓରେ ଏକ ବିଶାଳକାୟ ସେଟ୍ ପ୍ରସ୍ତୁତ କରାଯାଇଛି। ଏହି ସେଡ୍ୟୁଲର ସୁଟିଂ ପାଖାପାଖି ଛଅ ସପ୍ତାହ ଧରି ଚାଲିବ। ନିର୍ଦ୍ଦେଶକ ବାମଶୀ ପେଡିପଲ୍ଲୀ ଏହି ସେଡ୍ୟୁଲ ପାଇଁ ବଡ଼ ବଡ଼ ଆକ୍ସନ୍ ସିନ୍‌ର ଯୋଜନା କରିଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ଶହ ଶହ ଜୁନିଅର ଆର୍ଟିଷ୍ଟ ସାମିଲ ହେବେ। ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ଓଜନ ହ୍ରାସ କରିବା ସହ ଲୁକ୍‌ରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି। ଏହି ଫିଲ୍ମଟି ଏଥିପାଇଁ ମଧ୍ୟ ଖାସ୍ ହେବାକୁ ଯାଉଛି କାରଣ ଏଥିରେ ସଲମାନ୍ ପ୍ରଥମ ଥର ପାଇଁ ନୟନତାରାଙ୍କ ସହ କାମ କରୁଛନ୍ତି। ନୟନତାରା ଖୁବ୍ ଶୀଘ୍ର ସୁଟିଂ ସେଟ୍‌ରେ ସାମିଲ ହେବେ। ରାହୁଲ ଦେବ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଏଥିରେ ରାହୁଲ ଓ ସଲମାନ୍‌ଙ୍କ ମଧ୍ୟରେ ଜବରଦସ୍ତ ଫାଇଟ୍ ସିନ୍ ରହିଛି। ସବୁଠୁ ବଡ଼ କଥା ହେଉଛି ସଲମାନ୍ ଏହି ଫିଲ୍ମ ପାଇଁ ତାଙ୍କ ପାରିଶ୍ରମିକ ହ୍ରାସ କରିଛନ୍ତି। ସଲମାନ୍ ପ୍ରତ୍ୟେକ ଫିଲ୍ମ ପାଇଁ ୧୨୦ କୋଟି ନେଉଥିବାବେଳେ ଏହି ଫିଲ୍ମ ପାଇଁ ସେ ୭୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏହା ୨୦୨୭ ଇଦ୍ ଅବସରରେ ସିନେମାହଲ୍‌କୁ ଆସିବ। ସଲମାନ୍ ଏବେ ତାଙ୍କ ଫିଲ୍ମ 'ମାତୃଭୂମି'କୁ ନେଇ ବ୍ୟସ୍ତ ଅଛନ୍ତି ଏବଂ ସେପ୍ଟେମ୍ବରରେ ସେ 'ବିଗ୍ ବସ୍ ୨୦'ର ସୁଟିଂ ମଧ୍ୟ ଆରମ୍ଭ କରିବେ।

## 'ସକାଳ'ର ସ୍ୱାସ୍ଥ୍ୟ

## ଚାନ୍ଦିପୁରା ଭାଇରାସ୍

**ଚାନ୍ଦିପୁରା ଭୂତାଣୁ ଏକ ବିପଜ୍ଜନକ ଭୂତାଣୁ। ଏହା ମୁଖ୍ୟତଃ ବାଲି ମାଛି, ମଶା ଏବଂ ଅନ୍ୟାନ୍ୟ କୀଟପତଙ୍ଗ କାମୁଡ଼ିବା ଦ୍ୱାରା ମଣିଷ ଶରୀରକୁ ବ୍ୟାପିଥାଏ। ନିକଟରେ ଗୁଜୁରାଟରେ ଏହି ଭୂତାଣୁର ଭୟାବହତା ଦେଖିବାକୁ ମିଳିଛି। ଏହି ଭୂତାଣୁ ଶିଶୁଙ୍କ ପାଇଁ ଅଧିକ ମାରାତ୍ମକ। ତେଣୁ ଜ୍ୱର ଓ ବାନ୍ତିକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶରେ ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ।**



ଏହି ଭୂତାଣୁ ଶରୀରରେ ପ୍ରବେଶ କରିବାର ୨ରୁ ୭ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଏ। ହଠାତ୍ ପ୍ରବଳ ଜ୍ୱର ହେବା, ଥକ୍କାପଣ, ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଚେତା ହରାଇବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମଣ ବୃଦ୍ଧି ପାଇ ଗମ୍ଭୀର ମାମଲାରେ ନିମୋନିଆ, ତୀବ୍ର ଶ୍ୱାସକ୍ରିୟା ସଙ୍କଟ ସିଣ୍ଡ୍ରୋମ, ମସ୍ତିଷ୍କକୁ ଆକ୍ରାନ୍ତ କରି ମସ୍ତିଷ୍କ ପ୍ରଦାହ ସୃଷ୍ଟି କରିଥାଏ। ତେଣୁ ଜ୍ୱର ଓ ଶ୍ୱସନସମ୍ବନ୍ଧୀୟ ଲକ୍ଷଣ ଦେଖିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଡାକ୍ତର ଲକ୍ଷଣ ଅନୁଯାୟୀ ସହାୟକ ଚିକିତ୍ସା ଯୋଗାଇଥାନ୍ତି।

**ଚିକିତ୍ସା ପଦ୍ଧତି:** ଏହି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ କିମ୍ବା ଟିକା ନାହିଁ। ତେଣୁ ଶିଶୁଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇ ଆଇସିୟୁ କିମ୍ବା ଭେଣ୍ଟିଲେଟର ସହାୟତାରେ ଜରୁରି ଚିକିତ୍ସା ଯୋଗାଇବା ଆବଶ୍ୟକ। ଏଥିସହିତ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା, ନିୟମିତ ସାବୁନରେ ହାତ ଧୋଇବା, ଘର ଚତୁଃପାର୍ଶ୍ୱରେ ପାଣି ଜମିବାକୁ ନ ଦେବା, ଶରୀରକୁ ଢାଙ୍କିବା ପରି ପୋଷାକ ପିନ୍ଧିବା, ଶୋଇବା ସମୟରେ ମଶାରୀ ବ୍ୟବହାର, କୀଟନାଶକ ସ୍ପ୍ରେ ବ୍ୟବହାର କରିବା ଏକାନ୍ତ ଆବଶ୍ୟକ।

## ଘର ବଇଦ

## କୋଷ୍ଠବଦ୍ଧର ଉପଚାର

- ବିଡ଼ଙ୍ଗ ଓ ଜୁଆଣୀ ସମଭାଗ ଚୂର୍ଣ୍ଣ କରି ରଖିବେ। ପ୍ରତିଦିନ ସକାଳେ ସୁକି ଓଜନ ଚୂର୍ଣ୍ଣ ଖାଇ ଟିକିଏ ପାଣି ପିଇବେ। ଏହିପରି କିଛି ଦିନ ଖାଇଲେ ଯେଉଁମାନଙ୍କର କଷ୍ଟରେ ମଳତ୍ୟାଗ ହୁଏ, ସେମାନଙ୍କର ସୁଖରେ ମଳତ୍ୟାଗ ହେବ।
- ଗୁଆଘିଅରେ ସୈନ୍ଧବ ଲବଣ ମିଶାଇ ଖାଇଲେ ସୁଖରେ ମଳତ୍ୟାଗ ହୁଏ।
- କଞ୍ଚାବେଲକୁ ପୋଡ଼ି କିଛି ଦିନ ଅଭ୍ୟାସ କରି ଖାଇଲେ ଝାଡ଼ା ସଫା ହୁଏ ଓ ପରିପାକ ଶକ୍ତି ବୃଦ୍ଧି ହୁଏ।
- କାକୁଡ଼ିମଞ୍ଜି ଓ କବାବଚିନି ପ୍ରତ୍ୟେକରୁ ଏକ ତୋଳା, ସୋରା ଦୁଇ ତୋଳା ଏକତ୍ର ମୁଢି ପାଣିରେ ଅଭାବେ ଖାଲି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ଯେତେ ଦିନର ବଦ୍ଧମଳ ସଫା ହୁଏ।
- ଅଧପା ଛଡ଼ା ଗୋମୂତ୍ର କନାରେ ଛାଣି ପିଇଲେ ଝାଡ଼ା ସଫା ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ସଞ୍ଜୀବନୀ

## ବର୍ଷାଦିନେ ମୂତ୍ର ସଂକ୍ରମଣ

**ବର୍ଷାଦିନେ ଆର୍ଦ୍ରତା ବୃଦ୍ଧି ପାଏ। ପରିବେଶ ସନ୍ତସନ୍ତିଆ ଥିବା ଯୋଗୁଁ ଜୀବାଣୁ ଏବଂ କବକ ବଂଶବୃଦ୍ଧି ପାଇଁ ଏହା ଅନୁକୂଳ ପରିବେଶ। ଏହି ଦିନେ କମ୍ ପାଣି ପିଇବା, ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧିବା ଓ ପରିସ୍ରାକୁ ଚାପି ରଖିବା ଆଦି ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ବଢ଼ିଯାଏ।**






ବର୍ଷାଦିନେ ଅଧିକାଂଶ ଲୋକ କମ୍ ପାଣି ପିଅନ୍ତି। ଏହାଦ୍ୱାରା କମ୍ ପରିସ୍ରା ହେବା ଯୋଗୁଁ ସଂକ୍ରମଣ ବୃଦ୍ଧି ହୋଇଥାଏ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ତଥା ବର୍ଷାଦିନେ ସର୍ବସାଧାରଣ ଶୌଚାଳୟ ବ୍ୟବହାର କରିବା ଦ୍ୱାରା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ବୃଦ୍ଧି ପାଏ। ମୂତ୍ର ସଂକ୍ରମଣର ମୁଖ୍ୟ କାରଣ ହେଉଛି ଇ-କୋଲାଇ। ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମଧୁମେହ ରୋଗୀ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ମହିଳାଙ୍କଠାରେ ୟୁଟିଆଇ ବା ମୂତ୍ର ସଂକ୍ରମଣ ଆଶଙ୍କା ଅଧିକ ଥାଏ। ମୂତ୍ରମାର୍ଗ ସଂକ୍ରମଣ ହେଲେ ପରିସ୍ରା କରିବା ସମୟରେ ଜଳାପୋଡ଼ା, ଦୁର୍ଗନ୍ଧଯୁକ୍ତ ପରିସ୍ରା, ତଳିପେଟରେ ଯନ୍ତ୍ରଣା, କିଛି ମାମଲାରେ ଜ୍ୱର ଆଦି ହୋଇଥାଏ। ତେଣୁ ଆରମ୍ଭରୁ ଏହି ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ଦିନକୁ ଅତି କମ୍‌ରେ ୩ଲିଟର ପାଣି ପିଇବା ଆବଶ୍ୟକ। ଦୀର୍ଘ ସମୟ ପରିସ୍ରା ଚାପି ରଖିବା ଅନୁଚିତ। ବର୍ଷାରେ ଭିଜିବା ପରେ ତୁରନ୍ତ ଓଦା ପୋଷାକକୁ ବଦଳାଇ ଶୁଖିଲା ପୋଷାକ ବ୍ୟବହାର କରିବା ଆବଶ୍ୟକ।

## ରୁଟ୍ କେନାଲ ପରେ ଦାନ୍ତର ଯତ୍ନ

**ଅଧିକାଂଶ ଲୋକଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭ ବଢ଼ିବା, ଖାଇବାରେ କଷ୍ଟ, ମାଢ଼ି ଫୁଲା ଓ ଦରଜ ହୋଇଥାଏ। ପୋକ ଦାନ୍ତକୁ ପୂରଣ ସହ ଦାନ୍ତ ବିନ୍ଧା ଦୂର କରିବାକୁ ରୁଟ୍ କେନାଲ କିମ୍ବା ଫିଲିଙ୍ଗ କରାଯାଏ। ତେବେ ରୁଟ୍ କେନାଲ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦାନ୍ତର ଯତ୍ନ ନେବା ଆବଶ୍ୟକ।**

ଦାନ୍ତ ପୋକ ଲାଗି ମାଢ଼ି ସଂକ୍ରମଣ ହୋଇଥିଲେ ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା । ଏଥିପାଇଁ ରୋଗୀଙ୍କୁ ବଧିରା ଇଞ୍ଜେକସନ୍ ଦିଆଯାଇ ଦାନ୍ତ ଭିତର କ୍ଷତିଗ୍ରସ୍ତ ଟିସୁକୁ ସଫା କରାଯାଏ। ପୋକଖିଆ ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍ ଭର୍ତ୍ତି କରି ଫିଲିଙ୍ଗ କରାଯାଉଥିବାରୁ ସଂକ୍ରମଣ ଭୟ କମ୍ ରୁହେ। ରୁଟ୍ କେନାଲ ପରେ ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ। ସେହିପରି ରୁଟ୍ କେନାଲ ପରେ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି। ରୁଟ୍ କେନାଲ ଚିକିତ୍ସିତ ଦାନ୍ତ ଉପରେ ସବୁପ୍ରକାର ଖାଦ୍ୟ ଖାଇହୁଏ। ସେହିପରି ରୁଟ୍ କେନାଲ୍ ପରେ ଦାନ୍ତର ସ୍ୱଚ୍ଛତାକୁ ଅଧିକ ଧ୍ୟାନ ଦେବା ଜରୁରି। ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ସ୍ଥାନକୁ ଛୁଇଁବା ଅନୁଚିତ। ଦିନକୁ ଦୁଇଥର ଫ୍ଲୋରାଇଡରିଚ୍ ଟୁଥପେଷ୍ଟରେ ବ୍ରଶ୍ କରିପାରିବେ। ଖାଇବା ପରେ କୁଳି କରିବା, ମାଉଥୱାଶ ଉପଯୋଗ କରିବା, ପାଟିକୁ ସର୍ବଦା ସଫା ରଖିବା ଦ୍ୱାରା ସଂକ୍ରମଣର ଆଶଙ୍କା କମ୍ ରୁହେ। ସେହିପରି ସପ୍ତାହକୁ ଥରେ ଫ୍ଲସ୍ ବ୍ୟବହାର କରି ପାରିବେ।



## ଭାଇରାଲ ଜ୍ୱର ପାଇଁ ଡାଏଟ୍

**ବର୍ଷାଦିନେ ଭାଇରାଲ ଜ୍ୱର ଏକ ପ୍ରମୁଖ ସମସ୍ୟା। ଜ୍ୱର ହେଲେ ଶରୀର ଦୁର୍ବଳ ହେବା ସହ ପ୍ଲେଟ୍‌ଲେଟ୍ କମିଯାଏ। ଏଥିପାଇଁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ଜରୁରି।**

- ହାଲୁକା ଖାଦ୍ୟ ଯଥା- ଖିଚିଡ଼ି, ଓଟ୍‌ସ, ଦଲିଆ, ସିଝା ଅଣ୍ଡା ଖାଇବା ଆବଶ୍ୟକ। ଶରୀରର ଜଳୀୟଅଂଶ ବଜାୟ ରଖିବାକୁ ପଇଡ଼ ପାଣି, ଲେମ୍ବୁ ପାଣି ପିଇପାରିବେ। ଡାଏଟ୍‌ରେ ବାଦାମ, କଳାରଙ୍ଗର କିସ୍‌ମିସ୍, କାଜୁ, ଅଖରୋଟ୍, ବୁଟ ସତୁ ସାମିଲ କରିବା ଉଚିତ।
- ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିବା ଜରୁରି। ଭାଇରାଲ ଜ୍ୱରକୁ ପ୍ରତିହତ କରିବାକୁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ ଜରୁରି। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ। ନିୟମିତ ସେଓ, ଡାଳିମ୍ବ, ଅମୃତଭଣ୍ଡା, କମଳା ସେବନ କରିପାରିବେ।

## ସୁସ୍ୱାସ୍ଥ୍ୟ ପାଇଁ କେଶର

**ଭାରତୀୟ ମସଲାରେ କେଶର ସବୁଠାରୁ ଦାମୀ ମସଲା ଭାବେ ପରିଚିତ। ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଏହା ହିତକର। ତେଣୁ ଆୟୁର୍ବେଦରେ କେଶର ଔଷଧୀୟ ଗୁଣଯୁକ୍ତ ଦ୍ରବ୍ୟ ଭାବେ ବିବେଚନା କରାଯାଏ।**

- କେଶର ରକ୍ତକୁ ଶୁଦ୍ଧ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଏହା ଭଲ।
- ଶିଶୁଙ୍କୁ ଶର୍ଦ୍ଦି ଓ ଜ୍ୱର ହେଲେ କେଶର ଏକ ପାଖୁଡ଼ା ପାଣିରେ ଗୋଳାଇ, ତାର ଲେପକୁ ଛାତି, ପିଠି ଓ ଗଳାରେ ହାଲୁକା ମାଲିସ୍ କଲେ ଆରାମ ମିଳିଥାଏ। ସେହିପରି କେଶର ଖାଇବା ଦ୍ୱାରା ଚିନ୍ତା ଓ ଅବସାଦ ଦୂର କରିଥାଏ। ଆୟୁର୍ବେଦ ଅନୁଯାୟୀ, କେଶର ହଜମଶକ୍ତି ବୃଦ୍ଧି କରି ପେଟ ସମ୍ବନ୍ଧୀୟ ସମସ୍ୟା ଦୂର କରେ।
- ଚନ୍ଦନକୁ କେଶର ସହିତ ମିଶାଇ ମଥା ବା କପାଳରେ ଲଗାଇବା ଦ୍ୱାରା ଗରମଜନିତ ମୁଣ୍ଡବିନ୍ଧା ଦୂର ହୁଏ। ନାକରୁ ରକ୍ତ ପଡ଼ିବା ବନ୍ଦ ହୁଏ। ତେବେ କେଶର ବ୍ୟବହାର କରିବା ପୂର୍ବରୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

# ଭାରତ-ଶ୍ରୀଲଙ୍କା ଏକାଦଶ ଅଭ୍ୟାସ ମ୍ୟାଚ୍ ଆଜିଠାରୁ

କଲମ୍ବୋ,୬।୮ (ଏଜେନ୍ସି)

ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଭାରତୀୟ କ୍ରିକେଟ ଦଳ କଲମ୍ବୋରେ ଆସି ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ସିରିଜ୍‌ର ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଓ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଲୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଅଗଷ୍ଟ ୨୩ରୁ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଭାରତୀୟ କ୍ରିକେଟ ଦଳ ଶୁକ୍ରବାରଠାରୁ ସୋନାଲ ଦିନୁଶାଙ୍କ ନେତୃତ୍ୱରେ ଗଠିତ ଏକ ମିଳିତ ଏକାଦଶ ସହ ଖେଳିବ। ଏହି ମ୍ୟାଚ୍‌ଟି କଲମ୍ବୋରେ ଏନ୍‌ସିସି ଗ୍ରାଉଣ୍ଡରେ ୩ ଦିନ ଧରି ଖେଳାଯିବ। ମ୍ୟାଚ୍ ପରେ ଭାରତୀୟ ଦଳ ପ୍ରଥମ ଟେଷ୍ଟ ଖେଳିବାକୁ ଗଲ୍ ଅଭିମୁଖେ ଯାତ୍ରା କରିବ।





ଅଭ୍ୟାସ ମ୍ୟାଚ୍‌ରେ ଶ୍ରୀଲଙ୍କାର ସ୍ପିନ୍ ବୋଲରଙ୍କୁ କିପରି ମୁକାବିଲା କରିବ ତାହା ଉପରେ ଗୁରୁତ୍ୱ ଦେବ। ଗୌତମ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବାପରଠାରୁ ଭାରତ ୧୮ଟି ଟେଷ୍ଟ ଖେଳି ୧୦ଟିରେ ପରାଜିତ ହୋଇଛି। ଏଥିରେ ସର୍ବାଧିକ ଥର ପ୍ରତିପକ୍ଷ ସ୍ପିନରଙ୍କୁ ମୁକାବିଲା କରି ନ ପାରି ଭାରତୀୟ ବ୍ୟାଟରମାନେ ମ୍ୟାଚ୍ ହାରିଛନ୍ତି। ଗୁଣାତ୍ମକ ସ୍ପିନରଙ୍କୁ ମୁକାବିଲା କରିବା ଏବେ ଭାରତୀୟ ଟିମ୍ ଲାଗି ଚିନ୍ତାର କାରଣ ପଲଟିଛି। ଭାରତ ଛାଡିବା ପୂର୍ବରୁ ଖେଳାଳିମାନଙ୍କ ଉଦ୍ଦେଶ୍ୟରେ କୋଚ୍ ଗମ୍ଭୀର ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଆମେ ଏଠାରେ କାହିଁକି ଏକାଠି ହୋଇଛେ, ଆମର ଭୂମିକା କ'ଣ ତାହା ସମସ୍ତେ ଜାଣିଛନ୍ତି। କିନ୍ତୁ ତାହାକୁ ସୂଚାରୁରୂପେ କିପରି ପାଳନ କରିବା ତାହା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏଭଳି ସମୟରେ କାହାକୁ କ୍ରିକେଟ ଶିକ୍ଷା ଦେବା ସମ୍ଭବ ନୁହେଁ। କେବଳ ତ୍ରୁଟି ସୁଧାରିବା, ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିପରି ମୁକାବିଲା କରିବା ସେ ସମ୍ପର୍କରେ ରଣନୀତି କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ଗମ୍ଭୀର କହିଥିଲେ। ଏହି ସିରିଜ୍‌ରେ ଗମ୍ଭୀରଙ୍କ ଦକ୍ଷତା ଉପରେ ବା କିପରି ସେ ଖେଳାଳିମାନଙ୍କୁ ଏକତ୍ର କରାଇ ଖେଳାଉଛନ୍ତି ତାହା ଉପରେ ନଜର ରହିବ। ନଚେତ ଗମ୍ଭୀରଙ୍କ ସମୟରେ ଭାରତ ଯେପରି ଟେଷ୍ଟରେ ପ୍ରଦର୍ଶନ କରିଛି, ସେଥିରେ ଶ୍ରୀଲଙ୍କା ନିକଟରୁ ଟେଷ୍ଟ ସିରିଜ୍ ହାରିଗଲେ ତାଙ୍କ ପଦ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସେ ଏହି ସିରିଜ୍‌କୁ ସବୁଠାରୁ ବେଶି ଗୁରୁତ୍ୱ ଦେବେ ନିଶ୍ଚୟ।

ଆସନ୍ତାକାଲିର ମୁକାବିଲାରେ କିଏ ଖେଳିବେ ବା ନଖେଳିବେ ତାହାକୁ ନେଇ ଚିନ୍ତା ନାହିଁ। କାରଣ ଏହି ମୁକାବିଲାରେ ମନୋନୀତ ସମସ୍ତ ୧୫ ଜଣ ଖେଳାଳି ବ୍ୟାଟିଂ କିମ୍ବା ବୋଲିଂ କରିପାରିବେ। କିନ୍ତୁ ୧୧ ଜଣ ବ୍ୟାଟିଂ ଓ ୧୧ ଜଣ ବୋଲିଂ କରିବାରେ ସୀମିତ ରହିବେ। ସାଇ ସୁଦର୍ଶନଙ୍କୁ ଏହି ମ୍ୟାଚ୍‌ରେ ସାମିଲ କରିବାକୁ ଗମ୍ଭୀର ଇଛା ପ୍ରକାଶ କରିଛନ୍ତି। ତେବେ ଫିଟ୍‌ନେସ ଉପରେ ସବୁକିଛି ନିର୍ଭର କରିବ। ଯେ ଯାହା ହେଉ ପଛେ ଦଳର ସମସ୍ତ ଟପ୍ ଅର୍ଡର ଖେଳାଳି ବ୍ୟାଟର ହୁଅନ୍ତୁ କିମ୍ବା ବୋଲର ଏହି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇବେ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ ବୋଲି ଜଣାଯାଇଛି। ଅଗଷ୍ଟ ୧୫ରେ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଦଳଗତଭାବେ ଖେଳିବାର ସୁଯୋଗକୁ ଭାରତ ନିଶ୍ଚିତଭାବେ କାର୍ଯ୍ୟକାରୀ କରିବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ**

ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟ ରକ୍ଷକ), ଦେବଦତ ପାଡିକଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ଆକ୍ବିବ ଜାଭେଦ୍।

**ଶ୍ରୀଲଙ୍କା ମିଳିତ ଏକାଦଶ**

ନିଶାନ ମଦୁସ୍କା, ରବିନ୍ଦୁ ରାଶନ୍ତା, ପାସିନ୍ଦୁ ସୂର୍ଯ୍ୟବନ୍ଦରା, ପୱନ ରତନାୟକେ, ଆହାନ ବିକ୍ରମସିଂଘେ, ସୋନାଲ ଦିନୁଶା (ଅଧିନାୟକ), ଅଞ୍ଜଲା ବାନ୍ଦରା (ୱିକେଟରକ୍ଷକ), ନିପୁନ ଧନଞ୍ଜୟ, ଲାହିରୁ କୁମାରା, ବିଶ୍ୱ ଫର୍ଣ୍ଣାଣ୍ଡୋ, ଅଶାଙ୍କ ମନୋଜ, ଇଶିଥା ୱିଜେସୁନ୍ଦରା, ରମେଶ ମେଣ୍ଡିସ୍, କେଶରା ନୁୱାନ୍ଥା ଓ ଦୀଲୁମ ସୁଦୀରା।

## ଭାଙ୍ଗିଗଲା ଓସିଏର ଦମ୍ଭ

ଭୁବନେଶ୍ୱର,୬।୮ (ସମିସ): ଆମର କ୍ରିକେଟ ପ୍ରତିଭା ଜୋର ଅଛନ୍ତି। ଆମେ ଆମ ରାଜ୍ୟକୁ ଏକ ଶ୍ରେଷ୍ଠ କ୍ରିକେଟ ରାଜ୍ୟରେ ପରିଣତ କରିବୁ। ଏଥିଲାଗି ଯୋଜନା ପରେ ଯୋଜନା ହେଲା। କିନ୍ତୁ କିଛି ଫଳ ମିଳିଲାନି। ଗତ ୧୦ ବର୍ଷରେ ଓଡ଼ିଶା ଥରେ ହେଲେ ସେମିଫାଇନାଲ ଖେଳିପାରିଲା ନାହିଁ। ରାଜ୍ୟର ଜଣେ ହେଲେ ଖେଳାଳି ଆଇପିଏଲ୍ କିମ୍ବା ଯେ କୌଣସି ଭାରତୀୟ ଦଳ ଲାଗି ଖେଳିବା ତ ଦୂରର କଥା, ମନୋନୀତ୍ ମଧ୍ୟ ହେଲେ ନାହିଁ।

**ଏଥର ଓଡ଼ିଶାରୁ ଖେଳିବେ ପେସାଦାର**

ଏଭଳି ସମୟରେ ଓଡ଼ିଶାରୁ ଏଥର ଦୁଇଜଣ ପେସାଦାର ଖେଳାଳି ଖେଳିବେ ବୋଲି ଆଜି ବିସିସିଆଇ ପକ୍ଷରୁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ନିଜ ରାଜ୍ୟରୁ ଖେଳିବେ ନାହିଁ ବୋଲି ବିଦର୍ଭ ପକ୍ଷରୁ ଖେଳୁଥିବା ଦିଲ୍ଲୀର ଲଳିତ ଯାଦବ ଓ ବରୋଦାରୁ ପ୍ରତିନିଧିତ୍ୱ କରୁଥିବା ନିନାଦ ରାଥୱା ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ସେହିପରି ବରୋଦାର ଧର୍ମେନ୍ଦ୍ର ସିଂ ଜାଡେଜା ଛତିଶଗଡ ପକ୍ଷରୁ, ରଜନୀଶ ଗୁରବାନି ବିଦର୍ଭ ପକ୍ଷରୁ ଓ ଶଶାଙ୍କ ସିଂ ପୁଦୁଚେରୀରୁ ଖେଳିବେ ବୋଲି ଆଜିର ଖେଳାଳି ବଦଳ ଲାଗି ଅନୁମତି ମିଳିବା ପରେ ଏହା ସ୍ପଷ୍ଟ ହୋଇଛି। ଓଡ଼ିଶା ଲାଗି ଖେଳିବାକୁ ଯାଉଥିବା ଲଳିତ ଯାଦବ ଜଣେ ବ୍ୟାଟିଂ ଅଲରାଉଣ୍ଡର ଓ ନିନାଦ ରାଥୱା ସ୍ପିନ ଅଲରାଉଣ୍ଡର।

## କୋରିଆ ମାଷ୍ଟର୍ସ କ୍ୱାର୍ଟରରେ ତନ୍ୱି



ଅସନ, ୬।୮ (ଏଜେନ୍ସି): ଭାରତର ଉଦୀୟମାନ ଖେଳାଳି ତନ୍ୱି ଶର୍ମା ୨୧-୧୬, ୧୭-୨୧, ୨୧-୧୩ ଗେମରେ ନିଜ ଦେଶର ଶ୍ରୀୟାଂଶୀ ଭାଲିସେଟ୍ଟିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ରକ୍ଷିତା ଶ୍ରୀ ରାମରାଜଙ୍କୁ ଭେଟିବେ। ରକ୍ଷିତା ଦ୍ୱିତୀୟ ରାଉଣ୍ଡରେ ଜାପାନର ମାନାମି ସୁଇଜୁଙ୍କୁ ୨-୦ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଥିଲେ। ନିକଟରେ ତାଇପେଇ ଓପନ ସୁପର-୩୦୦ ଜିତି ରେକର୍ଡ ସୃଷ୍ଟି କରିଥିବା ୧୭ ବର୍ଷିୟା ତନ୍ୱି କିନ୍ତୁ ଶ୍ରୀୟାଂଶୀଙ୍କୁ ହରାଇବାକୁ କଷ୍ଟ ସ୍ୱୀକାର କରିଥିଲେ।

## ସେପ୍ଟେମ୍ବର ୫ରେ ଭାରତ-ପାକ୍ ମୁକାବିଲା

**ଏସିଆ କପ୍ ମହିଳା କ୍ରିକେଟ**

ଦୁବାଇ,୬।୮ (ଏଜେନ୍ସି): ଏସିଆ କପ୍ ମହିଳା କ୍ରିକେଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ୍ ମୁକାବିଲା ସେପ୍ଟେମ୍ବର ୫ରେ ଖେଳାଯିବ। ୮ଟି ଦଳକୁ ନେଇ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଭାରତ, ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ, ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଓ ଇଣ୍ଡୋନେସିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ।

## ଦକ୍ଷିଣ ଆଫ୍ରିକାରେ ଅଧିକ ଟି-୨୦ ଖେଳିବ ଭାରତ

କଲମ୍ବୋ,୬।୮ (ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଗସ୍ତ କରିବ। ଏହି ସିରିଜ୍ ପୂର୍ବରୁ ସ୍ଥିର ହୋଇଥିଲାବେଳେ ଏଥିରେ ଏକମାତ୍ର ଐତିହାସିକ ଟେଷ୍ଟ, ୩ଟି ଦିନିକିଆ ସାମିଲ ଥିଲା। ଏବେ ଏଥିରେ ଆଉ ୩ଟି ଟି-୨୦ ମ୍ୟାଚ୍ ଖେଳିବାକୁ ଉଭୟ ଦଳ ରାଜି ହୋଇଛନ୍ତି। ଖେଳସୂଚୀ ଅନୁଯାୟୀ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ସେଣ୍ଟ ଜର୍ଜ ପାର୍କରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ଓ ଭାରତ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ପାର୍ଲରେ ଡିସେମ୍ବର ୧୬, ଦ୍ୱିତୀୟ ମ୍ୟାଚ୍ କେପଟାଉନ୍‌ରେ ଡିସେମ୍ବର ୧୯ ଓ ତୃତୀୟ ମ୍ୟାଚ୍ ଡିସେମ୍ବର ୨୨ରେ ଖେଳାଯିବ। ନୂଆକରି ସାମିଲ ହୋଇଥିବା ୩ଟି ଟି-୨୦ ମ୍ୟାଚ୍‌ଗୁଡିକ ଯଥାକ୍ରମେ ବେନାନିରେ ଡିସେମ୍ବର ୨୬, ପୋଷ୍ଟେଫଷ୍ଟ୍ରୁମ୍‌ରେ ଡିସେମ୍ବର ୨୯ ଓ ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍**

## ଓଡ଼ିଶାର ସୌରଭ ପୁଟେଲଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୬।୮ (ସିମସ): ଓଡ଼ିଶାର ସୌରଭ ପୁଟେଲ ୨୦୨୬ ଜାତୀୟ ଜୁନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସୌରଭ ୧ ମିନିଟ୍ ୮.୬୦ ସେକେଣ୍ଡରେ ଏହାକୁ ଅତିକ୍ରମ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଆଉଜଣେ ସନ୍ତରଣକାରୀ ସହିତା ଘୋଷ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ୫ମ ସ୍ଥାନ ଅଧିକାର କରିଥିଲେ।

## ପର୍ବତାରୋହଣରେ ଓଡ଼ିଶାର ପ୍ରଥମ ମହିଳା ଅଭିଯାତ୍ରୀ ଦଳ

ଭୁବନେଶ୍ୱର,୬।୮ (ସିମସ)



ଆମ ଲାଗି ମାଉଣ୍ଟ ୟୁନମ ଏକ ପର୍ବତ ଶିଖର ନୁହେଁ ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟ ଉଚ୍ଚତାରେ ପହଞ୍ଚାଇବା ଲାଗି ସୃଷ୍ଟି ହୋଇଛି ଏକ ସୁଯୋଗ। ଏହାକୁ ଆମେ ସଫଳତାର ସହ ସମ୍ପାଦାନ କରିବୁ ବୋଲି ପ୍ରଥମଥର ମହିଳାମାନଙ୍କୁ ନେଇ ଏଭ ପର୍ବତାରୋହୀ ଦଳର ନେତୃତ୍ୱ ନେଉଥିବା ଅନିତା ସ୍ୱାଇଁ ଏହା କହିଛନ୍ତି। ଏହି ଦଳରେ ୧୧ ଜଣ ପର୍ବତାରୋହୀ ରହିଛନ୍ତି। ଏମାନେ ହିମାଚଳ ପ୍ରଦେଶ ପ୍ରଦେଶରୁ ୨୧,୦୦୦ ଫୁଟ ଉଚ୍ଚତା ବିଶିଷ୍ଟ ୟୁନମ ପର୍ବତାରୋହଣ କରିବେ। ଶୁକ୍ରବାରଠାରୁ ଏହି ଯାତ୍ରା ଆରମ୍ଭ ହେବ। ଆସାର ସଭାପତି ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା ଓ ଉପସଭାପତି ହରେଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ସଙ୍କେତ କମ୍ୟୁନିକେସନର ଏମ୍‌ଡି ଶୁଭାଶିଷ ତ୍ରିପାଠୀର ସମସ୍ତ ପ୍ରକାର ସହଯୋଗରେ ଏହି ଯାତ୍ରା ସ୍ଥିର ହୋଇଛି। ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧିନତା ଦିବସ ପାଳନ କରିବାକୁ ଯାଉଛି। ଏହି ଦିନ ମାଉଣ୍ଟ ୟୁନମରେ ଏହି ଅଭିଯାତ୍ରୀ ଦଳ ୮୦ ଫୁଟର ଜାତୀୟ ପତାକା ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏହି ଅଭିଯାତ୍ରୀ ଦଳକୁ ଗୁରୁବାର ତାଙ୍କ ବାସଭବନରେ ଜାତୀୟ ପତାକା ହସ୍ତାନ୍ତର କରି ଶୁଭେଚ୍ଛା ଜଣାଇଛନ୍ତି। ଏଥିଲାଗି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସାର ସଭାପତି ଗଣେଶ ଜେନାଙ୍କ ସହ ଶୁଭାଶିଷ ତ୍ରିପାଠୀ, ଆସାର ଉପସାଭପତି ହରେଶ ମିଶ୍ର, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅଂଶଗ୍ରହଣକାରୀମାନେ ହେଲେ ଭୁବନେଶ୍ୱରର ଅନିତା ସ୍ୱାଇଁ ଓ ଶ୍ରୀୟାଶ୍ରୁତି ପାତ୍ର, ଢେଙ୍କାନାଳର ପ୍ରଭାସିନୀ ବେହେରା, ସମ୍ବଲପୁରର ପ୍ରୀତି ପୋଢ଼, ଗଜପତିର ଆରାଧା ଜେନା, ଯାଜପୁରର ସଙ୍ଘମିତ୍ରା ଦଳାଇ, କଳାହାଣ୍ଡିର ଲିଲି ସାହୁ ଓ ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ, ଦେବଗଡର ପ୍ରଜ୍ଞାପାରମିତା ନାୟକ, ମୟୁରଭଞ୍ଜର ପିନାକିନୀ ସାହୁ ଓ ସୁବର୍ଣ୍ଣପୁରର ସୋନାଲି ଭୋଇ।

## ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଲେ କୁକ୍, ପୋପ୍

ଲଣ୍ଡନ,୬।୮ (ଏଜେନ୍ସି): ପାକିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ସାମ୍ କୁକ୍, ଓଲି ପୋପ୍, ଡାନ ଲରେନ୍ସ ଓ ଜୋର୍ଡାନ କକ୍ସଙ୍କୁ ଫେରାଇ ଅଣାଯାଇଛି। ଜୋ ରୁଟ୍ ଦଳର ନେତୃତ୍ୱ ନେବେ ଓ ମାର୍କସ ଟ୍ରେସ୍କୋଥିକ କାମଚଳା କୋଚ୍ ରହିବେ। ବ୍ରେଣ୍ଡାନ ମ୍ୟାକକୁଲାମ ଓ ବେନ୍ ଷ୍ଟୋକ୍ସଙ୍କ ଯୋଡି ପରେ ପ୍ରଥମଥର ଇଂଲଣ୍ଡ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ହେଡିଂଲେରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୯ ରୁ ଖେଳାଯିବ।

**ଇଂଲଣ୍ଡ ଦଳ:** ଜୋ ରୁଟ୍ (ଅଧିନାୟକ), ଜୋଫ୍ରା ଆର୍ଚର, ଗସ୍ ଆଟକିନସନ, ଶୋଏବ ବସିର, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜୋର୍ଡାନ କକ୍ସ, ବେନ୍ ଡକେଟ, ମାଥ୍ୟୁ ଫିଶର, ଏମିଲିଓ ଗେ', ଡାନ୍ ଲରେନ୍ସ, ଓଲି ପୋପ୍, ଜାମି ସ୍ମିଥ, ଜୋଶ ଟଙ୍ଗ୍।

## ପଦକ ବିଜୟିନୀ ଆନିକାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୮ (ସମିସ): ଜର୍ଜିଆରେ ଆୟୋଜିତ ବତୁମି ଓପନ ଅନ୍ତର୍ଜାତୀୟ ଉଶୁ ପ୍ରତିଯୋଗିତାରେ ଓଡ଼ିଆ ଝିଅ ଆନିକା ପଟ୍ଟନାୟକ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ



ହୋଇଛନ୍ତି। ଆନିକା ଉପ କନିଷ୍ଠ ବାଳିକା ୱିପୋନରେ ରୌପ୍ୟ ଓ ୱିଙ୍ଗ ଚୁନ୍ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ଆନିକା ଏକମାତ୍ର ଓଡ଼ିଆ ଭାବେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଏହି କୃତିତ୍ୱ ହାସଲ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ଏହି ସଫଳତା ଲାଗି ଆନିକାଙ୍କୁ ଗୁରୁବାର ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡ଼ିୟମରେ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆ  ସଫଳତା ଲାଗି ଆନିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ , ଓଡ଼ିଶା ଉଶୁ ସଂଘ ସଭାପତି ଡ. ବିଷ୍ଣୁ ମୋହନ ମହାନ୍ତି,ସାଧାରଣ ସମ୍ପାଦକ ଇଂ ଯୁବରାଜ ହରିଚନ୍ଦନ, ଉପ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ , ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

● ୮ରୁ ଜୟନ୍ତ ମେମୋରିଆଲ୍ ଆନ୍ତଃସ୍କୁଲ ଫୁଟ୍‌ବଲ

## ଚାମ୍ପିଅନ ଦଳକୁ ମିଳିବ ଏକ ଲକ୍ଷ ଟଙ୍କା

ଭୁବନେଶ୍ୱର, ୬।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଚଳିତ ମାସ ୮ରୁ ଆରମ୍ଭ ହେବ। ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥର ମୋଟ୍ ୧୬ଟି ଦଳ ଅଂଶଗ୍ରହଣ କରିବେ। ମଦର୍ସ ପବ୍ଲିକ ସ୍କୁଲ ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଅନ୍ୟ ଅଂଶଗ୍ରହଣକାରୀ ଦଳଗୁଡ଼ିକ ହେଲା ୟୁନିଟ-୩ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସାଇ ଇଣ୍ଟରନାସନାଲ, କିଟ, କିସ୍, ଓଡିଏମ ପବ୍ଲିକ ସ୍କୁଲ, ଓଡିଏମ ଗ୍ଲୋବାଲ, ବିଜେଇଏମ, ବିକାଶ ଗ୍ଲୋବାଲ ସ୍କୁଲ, ତପୋବନ ହାଇସ୍କୁଲ, ଲୟଲା ଓଡିଆ ମାଧ୍ୟମ ବିଦ୍ୟାଳୟ, ଡିଏଭି ପୋଖରୀପୁଟ, ପଳାଶୁଣି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ। ନାରାୟଣ ଆବାସିକ ବିଦ୍ୟାଳୟ ଚଳିତ ବର୍ଷ ନୂତନ ଦଳ ଭାବେ ଅଂଶଗ୍ରହଣ କରିବ। ସେହିଭଳି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସମ୍ପାଦକ ଦିଲୀପ କୁମାର ଦାସ ସୂଚନା ଦେଇଛନ୍ତି।

## ପାରା କ୍ରୀଡ଼ାବିତ୍ ଗୌତମ ସାଜିଛନ୍ତି ସ୍ୱାବଲମ୍ବନର ଉଦାହରଣ

ଭୁବନେଶ୍ୱର, ୬।୮ (ସମିସ)

୧୫ ବର୍ଷ ବୟସରେ ସ୍କୁଲ କ୍ରିକେଟ୍ ମ୍ୟାଚ୍ ଖେଳୁଥିବାବେଳେ ୨୦୧୪ରେ ଅପ୍ରତ୍ୟାଶିତ ଭାବରେ ଜୀବନ ବଦଳି ଯାଇଥିଲା। ମେରୁଦଣ୍ଡରେ ଆଘାତ ଲାଗିବାରୁ ଆଂଶିକ ଭାବେ ପାରାଲାଇଜ ହୋଇଯାଇଥିଲେ। କିନ୍ତୁ ଏହି ଆଘାତରେ ଭାଙ୍ଗି ଯାଇ ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ବଳରେ ତାଙ୍କର କ୍ରୀଡ଼ା ଯାତ୍ରାକୁ ଆଗକୁ ବଢ଼ାଇ ଆଜି ଗୋଟିଏ ପରେ ଗୋଟିଏ ଏକାଧିକ ସଫଳତାର ପାହାଚ ଚଢ଼ି ଆଗକୁ ବଢ଼ିଛନ୍ତି। ସେ ହେଉଛନ୍ତି ପାରା କ୍ରୀଡ଼ାବିତ୍ ଗୌତମ ସିଂ। ୨୦୨୪ରେ ପାରା ହ୍ୱିଲ ଚେୟାର ରଗବୀରେ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ଦଳରେ ଗୌତମ ପ୍ରମୁଖ ସଦସ୍ୟ ରହିଥିଲେ। ଫଳରେ ତାଙ୍କୁ ଜାତୀୟ କ୍ୟାମ୍ପରେ ସୁଯୋଗ ମିଳିଥିଲା। ସେହିଭଳି ଗତବର୍ଷ ଖେଲୋ ଇଣ୍ଡିଆ ପାରା



କ୍ରୀଡ଼ାରେ ଗୌତମ ଟେବୁଲ ଟେନିସରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ସଫଳତା ପାଇବାରେ ସେ ରାଜ୍ୟର ପ୍ରଥମ ପାରା କ୍ରୀଡ଼ାବିତ୍ ହୋଇଥିଲେ। ଏକାଧିକ ସଫଳତା ସତ୍ତ୍ୱେ ଗୌତମ ନିଜେ ସ୍ୱାଧୀନ ଭାବରେ ରୋଜଗାର କରି ଆଜି ସ୍ୱାବଲମ୍ବନର ଉଦାହରଣ ସାଜିଛନ୍ତି। ଗତ କିଛି ବର୍ଷ ଧରି ସେ ଜୋମାଟୋ ଡେଲିଭରୀ ପାର୍ଟନର ଭାବେ କାମ କରି ରୋଜଗାର କରୁଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଗୌତମ ଡେଲିଭରୀ କାମ କରୁଛନ୍ତି। ଏଥିରୁ ରୋଜଗାର ହେଉଥିବା ଅର୍ଥରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଉଠାଇବା ସହିତ ତାଲିମ ଲାଗି ମଧ୍ୟ ବିନିଯୋଗ କରୁଛନ୍ତି। ଜୀବନ ଯାତ୍ରାରେ କ୍ରୀଡ଼ା ସହ ସ୍ୱାବଲମ୍ବନ ଲାଗି ଗୌତମଙ୍କ ଏହି ଅନନ୍ୟ ସଂଘର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## ମେସିଙ୍କ ଡବଲ୍ ଗୋଲ୍‌ରେ ଜିତିଲା ଇଣ୍ଟର ମିଆମି

ମିଆମି,୬।୮ (ଏଜେନ୍ସି): ଏଠାରେ ଚାଲିଥିବା ଲିଗ୍ କପ୍‌ରେ ସୁପରଷ୍ଟାର ଲିଓନେଲ ମେସିଙ୍କ ଟିମ୍ ଇଣ୍ଟର ମିଆମି ୪-୨ ଗୋଲରେ ଆଟଲେଟିକୋ ସାନ ଲୁଇସକୁ ପରାସ୍ତ କରିଛି।



ବିଶ୍ୱକପ୍ ପରେ ମେସି ଫୁଟବଲ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ପ୍ରଥମଥର ଗୋଲ ସ୍କୋର କରିଥିଲେ। ସେ ଖେଳର ୧୪ତମ ଓ ୪୪ତମ ମିନିଟ୍‌ରେ ୨ଟି ଗୋଲ ଦେବାରେ ସଫଳ ହୋଇଥିଲେ। ଫଳରେ ୧୨ଟି ଲିଗ୍ କପ୍ ମ୍ୟାଚରେ ଏହା ତାଙ୍କର ୧୪ତମ ଗୋଲ୍ ଥିଲା। ଗତ ୪ ବର୍ଷରେ ଏହା ସର୍ବାଧିକ। ତାଙ୍କ ପଛକୁ ଲସ୍ ଏଞ୍ଜେଲ୍ସ ଏଫ୍‌ସିର ଡେନିସ ବୌଙ୍ଗା ୧୩ଟି ଗୋଲ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ ନିକଟରୁ ହାରି ମେସିଙ୍କ ଦଳ ଆର୍ଜେଣ୍ଟିନା ରନର୍ସଅପ୍ ହୋଇଥିଲା।

**ଜାତୀୟ ଜୁନିଅର ପୁରୁଷ ହକି**

# ପଞ୍ଜାବକୁ ହରାଇ ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର, ୬।୮ (ସମିସ)

ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ହାଇସ୍କୋରିଂ ସେମିଫାଇନାଲ ମୁକାବିଲାରେ ଓଡ଼ିଶା ୬-୪ ଗୋଲ୍‌ରେ ଟାଇଟଲ୍ ଦାବିଦାର ପଞ୍ଜାବକୁ ହରାଇଦେଇଛି। ବିଜୟୀ ଓଡ଼ିଶା ପକ୍ଷରୁ ବିଲ୍‌କାନ ଓରାମ ଚମତ୍କାର ପ୍ରଦର୍ଶନ କରି ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ସେ ମ୍ୟାଚର ୨୮ତମ, ୪୧ତମ ଓ ୫୨ତମ ମିନିଟରେ ଏହି ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ କୁଜୁର (୧୧ତମ ମିନିଟ), ଦୀପକ ପ୍ରଧାନ (୩୭ତମ) ଓ ଅମିତ କିରୋ (୫୯ତମ)ଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଅପରପକ୍ଷରେ ପ୍ରଥମ ୮ ମିନିଟରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ରହିଥିବା ପଞ୍ଜାବକୁ ଶେଷରେ ପରାଜୟବରଣ କରିବାକୁ ପଡ଼ିଥିଲା। ଶୁକ୍ରବାର ଟାଇଟଲ୍ ମୁକାବିଲାରରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା। ଅନ୍ୟ ସେମିଫାଇନାଲରେ ମଧ୍ୟପ୍ରଦେଶ ଦଳ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚର ଶେଷ ୪ ମିନିଟରେ ଦୁଇଟି ଗୋଲ୍ ଦେଇ ମଧ୍ୟପ୍ରଦେଶ ମ୍ୟାଚକୁ ହାତେଇ ନେଇଥିଲା। ଅପରପକ୍ଷରେ ସେମିଫାଇନାଲରେ ଦୁଇ ପରାଜିତ ଦଳ ପଞ୍ଜାବ ଓ ଝାଡ଼ଖଣ୍ଡ ମଧ୍ୟରେ ମଧ୍ୟ ଶୁକ୍ରବାର କାଂସ୍ୟ ପଦକ ଲାଗି ଲଢ଼େଇ ହେବ।

■ ଏସିଆ କପ୍ କନିଷ୍ଠ ମହିଳା ହକି

## ଭାରତୀୟ ଦଳରେ ୪ ଓଡ଼ିଆ

ନୂଆଦିଲ୍ଲୀ,୬।୮ (ଏଜେନ୍ସି): ଚୀନ୍‌ର ମୋକିଠାରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୩ ତାରିଖଯାଏ ଏସିଆ କପ୍ କନିଷ୍ଠ ମହିଳା ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି କାଇଦେମ ଏସ୍ ଚାନୁଙ୍କ ନେତୃତ୍ୱରେ ଗୁରୁବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ଆଞ୍ଜେଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ସୁପ୍ରିୟା ଓ ମିଡ୍‌ଫିଲ୍ଡର ତନୁଜା ଟପ୍ପୋ। ଟିମ୍ ହ୍ୱାଇଟ୍‌ଙ୍କ ପ୍ରଶିକ୍ଷଣରେ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦଳ ୟୁରୋପ ଗସ୍ତରେ ଯାଇ ଇଂଲଣ୍ଡ, ସ୍କଟଲାଣ୍ଡ, ବେଲଜିୟମ୍ ଓ ଆମେରିକା ସହ ୭ଟି ଅଭ୍ୟାସ ମ୍ୟାଚ୍ ଖେଳି ବେଶ ଅଭିଜ୍ଞତା ହାସଲ କରିଛି।

ଚେସ୍ ଅଲିମ୍ପିଆଡ୍ ସେପ୍ଟେମ୍ବର ୧୫ରୁ

## ଭାରତ ମହିଳା ଟପ୍, ପୁରୁଷ ଦ୍ୱିତୀୟ ସିଡ୍

ନୂଆଦିଲ୍ଲୀ,୬।୮ (ଏଜେନ୍ସି): ଚେସ୍ ଖେଳର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଚେସ୍ ଅଲିମ୍ପିଆଡ ଚଳିତବର୍ଷ ସମରକନ୍ଦରେ ସେପ୍ଟେମ୍ବର ୧୫ରୁ ୨୮ଯାଏ ଖେଳାଯିବ। ଏହି ପ୍ରତିଯୋଗିତାର ଉଭୟ ବିଭାଗରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଏଥର ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ନେଇ ପୁରୁଷ ବିଭାଗରେ ଆମେରିକା ଟପ୍ ଓ ଭାରତ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଛି। କିନ୍ତୁ ମହିଳା ଦଳକୁ ଟପ୍ ସିଡ୍ ମିଳିଛି। ମହିଳା ଦଳରେ କୋନେରୁ ହମ୍ପି, ଦିବ୍ୟା ଦେଶମୁଖ, ଆର୍ ବୈଶାଳୀ, ଭଂଟିକା ଅଗରୱାଲଓ ବି. ସବିତା ଶ୍ରୀ ଖେଳିବେ। ମହିଳାମାନେ ଖେଳିପାରୁଥିବା ଓପନ (ପୁରୁଷ) ବିଭାଗରେ ଡି ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ଅର୍ଜୁନ ଏରିଗାଏସି, ନିହାଲ ସରିନ୍ ଓ ବିଦିଥ ଗୁଜରାଟୀ ଟାଇଟଲ ବଜାୟ ରଖିବାକୁ ଚେଷ୍ଟା କରିବେ। ଗତଥର ଖେଳିଥିବା ଡି ହାରିକା, ତାନିଆ ସଚଦେବା ଓ ପୁରୁଷ ବିଭାଗରେ ପି ହରିକ୍ରିଷ୍ଣାଙ୍କୁ ଏଥର ସ୍ଥାନ ମିଳିନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS